


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-111 ♦WEDNESDAY ♦14 OCTOBER 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୧୧୧ ♦ବୁଧବାର ♦୧୪ ଅକ୍ଟୋବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ଇଣ୍ଡିଆ ମେଣ୍ଟର 'ମିସନ ଜ୍ଞାନେଶ'

■ ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଏସ୍ଆଇଆର୍ ପ୍ରସଙ୍ଗକୁ ନେଇ ନିର୍ବାଚନ କମିସନ ମତଭେଦ ପରେ ସାରା ଦେଶରେ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ସୃଷ୍ଟି ହୋଇଛି ଆକ୍ରୋଶ। ବିରୋଧୀ ଇଣ୍ଡିଆ ମେଣ୍ଟ, କକ୍ରୋଚ୍ ଜନତା ପାର୍ଟି, ବିଭିନ୍ନ ସାମାଜିକ ସଂଗଠନ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ଆସୁଛନ୍ତି। ଯେ ପର୍ଯ୍ୟନ୍ତ ସିଇସି ନିଜ ପଦବୀରୁ ଇସ୍ତଫା ଦେଇନାହାନ୍ତି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ବିରୋଧୀ ଇଣ୍ଡିଆ ମେଣ୍ଟ ଘୋଷଣା କରିଛି। ଗତ ଏକ ସପ୍ତାହ ମଧ୍ୟରେ ଇଣ୍ଡିଆ ମେଣ୍ଟର ସଦସ୍ୟ, ରାଜନୈତିକ ଦଳଗୁଡ଼ିକ କ୍ରମାଗତ ଭାବରେ ଦିଲ୍ଲୀରେ ଆନ୍ଦୋଳନ ଜାରି ରଖିଛନ୍ତି। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ▶ପୃଷ୍ଠା-୮

**ଇଣ୍ଡିଆ ମେଣ୍ଟ ଏବଂ ସାମାଜିକ କର୍ମୀ ଏକାଠି**

**ଆନ୍ଦୋଳନ ନିମନ୍ତେ ଗୋପନ ରଣନୀତି ପ୍ରସ୍ତୁତ**

## ସିଇସିଙ୍କ ଇସ୍ତଫା ଯାଏ ଲଢ଼େଇ: ରାହୁଲ



■ ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଆମେ ଏକାଠି ଅଛୁ। ଆମର ଆନ୍ଦୋଳନ ମିଳିତ ଭାବେ ଚାଲିଛି। ଆମର ଉଦ୍ଦେଶ୍ୟ ହେଉଛି ଗୋଟିଏ। ତାହା ହେଲା ଗଣତନ୍ତ୍ରର ସୁରକ୍ଷା। ଆଜି ରାହୁଲଙ୍କ ସରକାରୀ ବାସଭବନରେ ଅନୁଷ୍ଠିତ ମିଳିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳର ନେତାମାନେ ଏକାଠି ହୋଇ ସରକାର ଏବଂ ନିର୍ବାଚନ କମିସନରଙ୍କ ଉପରେ ବର୍ଷିଛନ୍ତି। ଏହି ସମ୍ମିଳନୀରେ ଇଣ୍ଡିଆ ମେଣ୍ଟର ନେତାଙ୍କ ସମେତ ଛାତ୍ର ସଂଗଠନ ଏବଂ ▶ପୃଷ୍ଠା-୮

## ପୂର୍ବରୁ ହାରୁଥିଲେ, ଆଗକୁ ବି ହାରିବେ: ଶାହ



■ ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଏସ୍ଆଇଆର ବିବାଦରେ ଫସିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ବିରୋଧୀ ଦଳ ଆନ୍ଦୋଳନ ଚଳାଇଥିବା ବେଳେ ଏହି ଘଟଣାରେ ରାହୁଲ ଗାନ୍ଧୀଙ୍କୁ ଘେରିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ସେ କହିଛନ୍ତି ଯେ ଆସନ୍ତା ୨୦୨୯ ରେ ହେବାକୁ ଯାଉଥିବା ସାଧାରଣ ନିର୍ବାଚନରେ ମଧ୍ୟ ବିରୋଧୀ ମେଣ୍ଟର ଶୋଚନୀୟ ପରାଜୟ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିଜେପି ଏବଂ ଏନଡିଏ ପ୍ରତି ଲୋକମାନଙ୍କର ଆସ୍ଥା ରହିଛି ଏବଂ ଏହି ମେଣ୍ଟ ପୁଣି ବଜୟୀ ହେବ। ସେ କହିଲେ ଯେ କଂଗ୍ରେସ ନକରାତ୍ମକ ରାଜନୀତି କରୁଛି ଏବଂ ଏହା ବିରୋଧୀ ମେଣ୍ଟକୁ କୌଣସି ଫାଇଦା ଦେବନାହିଁ। ▶ପୃଷ୍ଠା-୮

# ଦୀପାବଳି ପରେ ୟୁପିଆଇ ଶୁଳ୍କ

**ଅକ୍ଟୋବର ୧୫ ତାରିଖରୁ ଲାଗୁ ପାଇଁ ହୋଇଥିଲା ଘୋଷଣା**




■ ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଶେଷରେ ନଇଁଲେ କେନ୍ଦ୍ର ସରକାର। ୟୁପିଆଇ ପେମେଣ୍ଟ ଉପରେ ମର୍ଚ୍ଚାଣ୍ଟ ଫି' ପ୍ରସଙ୍ଗରେ ସାରା ଦେଶରେ ତୀବ୍ର ବିରୋଧକୁ ନଜରରେ ରଖି କେନ୍ଦ୍ର ସରକାର ୟୁପିଆଇ ପେମେଣ୍ଟରେ ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍(ଏମ୍ଡିଆର୍) ଚାର୍ଜ କାର୍ଯ୍ୟକାରିତାକୁ ବର୍ତ୍ତମାନ ସ୍ଥଗିତ ରଖିଛନ୍ତି। ଶେଷରେ ନ୍ୟାସନାଲ ପେମେଣ୍ଟ୍ସ କର୍ପୋରେସନ ଅଫ ଇଣ୍ଡିଆ ୨୦୦୦ ଟଙ୍କାରୁ ଅଧିକ ୟୁପିଆଇ ପେମେଣ୍ଟ ଉପରେ ୦.୪ ପ୍ରତିଶତ ଏମ୍ଡିଆର ଫି' ଲାଗୁ ନିଷ୍ପତ୍ତିକୁ ଦୀପାବଳି ପର୍ଯ୍ୟନ୍ତ ଘୁଞ୍ଚାଇଦେଇଛି। ସୂଚନାଯୋଗ୍ୟ ଯେ, ଏହି ଫି' ଅକ୍ଟୋବର ୧୫ରୁ ଲାଗୁ ହେବାର ଥିଲା। ପାର୍ବଣ ସମୟରେ ଗ୍ରାହକ ଏବଂ ବ୍ୟବସାୟୀଙ୍କ ଉପରେ ଯେମିତି ଅତିରିକ୍ତ ଆର୍ଥିକ ବୋଝ ନ ପଡ଼ିବ ସେଥିପାଇଁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ପାର୍ବଣ ସମୟରେ ବ୍ୟବସାୟ କାରବାର ଭଲ ରହିଥାଏ। ତେଣୁ ବ୍ୟବସାୟୀ ସଂଗଠନ ଫିଟନେକ୍ ଏବଂ ପେମେଣ୍ଟ କମ୍ପାନୀ ଏହି ଫି' ଲାଗୁ ନିଷ୍ପତ୍ତି ଘୁଞ୍ଚାଇବାକୁ ବାରମ୍ବାର ଦାବି କରିଆସୁଥିଲେ। ସେମାନଙ୍କ କହିବା କଥା ଏମ୍ଡିଆର ଅଲଗା ଅଲଗା ଦର ଏବଂ ନିୟମକୁ ନେଇ ଆହୁରି ସ୍ୱଷ୍ଟତା ଜରୁରୀ। ଏପରିକି ବ୍ୟବସାୟୀ ମହଲରେ ▶ପୃଷ୍ଠା-୮

# ରାଜ୍ୟସଭା ଓ କେନ୍ଦ୍ରମନ୍ତ୍ରୀ ପଦରୁ ମୁରୁଗାନଙ୍କ ଇସ୍ତଫା

**ବଢ଼ିଲା କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମ୍ଭାବନା**



■ ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଆଜି ଅଚାନକ ଇସ୍ତଫା ପ୍ରଦାନ କରିଛନ୍ତି ଏଲ. ମୁରୁଗାନ। କେନ୍ଦ୍ରରେ ସୂଚନା ଓ ପ୍ରସାରଣ ବିଭାଗ ସହିତ ସଂସଦୀୟ ବ୍ୟାପାର ବିଭାଗରେ ରାଷ୍ଟ୍ର ମନ୍ତ୍ରୀ ଥିବା ମୁରୁଗାନ ରାଜ୍ୟସଭାର ସଭ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ଇସ୍ତଫାର ପ୍ରକୃତ କାରଣ ଜଣାପଡ଼ି ନଥିଲେ ମଧ୍ୟ ତାମିଲନାଡୁରେ ବିଜେପି ସଂଗଠନକୁ ମଜବୁତ କରିବା ଲାଗି ସେ ଇସ୍ତଫା ଦେଇଥିବା ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଲେଖିଥିବା ପତ୍ରରେ ତାଙ୍କୁ ଦାୟିତ୍ୱମୁକ୍ତ କରିବା ଲାଗି ଅନୁରୋଧ କରିଛନ୍ତି ମୁରୁଗାନ। ସେ କହିଛନ୍ତି ଯେ ତାମିଲନାଡୁରେ ବିଜେପି ସଂଗଠନକୁ ମଜବୁତ କରିବା ଲାଗି ସେ ସଂପୂର୍ଣ୍ଣ ସମୟ ଦେବେ। ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ରାଜ୍ୟରେ ପାର୍ଟିକୁ ସେ ସୁଦୃଢ଼ କରିବାକୁ ଚାହାନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ସେ ଉଲ୍ଲେଖ କରିଛନ୍ତି ଯେ 'ତାମିଲନାଡୁ ରାଜନୀତିକୁ ଫେରି ମଇଦାନରେ କାର୍ଯ୍ୟକର୍ତ୍ତାଙ୍କ ସହ ମିଶି ୨୦୨୯ ପୂର୍ବରୁ ବିଜେପିକୁ ମଜବୁତ କରିବି। ରାଷ୍ଟ୍ର ପ୍ରଥମ, ଏହାପରେ ଦଳ ଏବଂ ▶ପୃଷ୍ଠା-୮

## ମମତାଙ୍କୁ ହତ୍ୟା ଉଦ୍ୟମ



■ କୋଲକାତା, ୧୩।୧୦ (ଏଜେନ୍ସି): ପଶ୍ଚିମ ବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଏମ୍ସି ସୁପ୍ରିମୋ ମମତା ବାନାର୍ଜୀଙ୍କୁ ଆଜି ହତ୍ୟା କରିବାକୁ ଉଦ୍ୟମ ହୋଇଛି। ହତ୍ୟା ଉଦ୍ୟମ କରିଥିବା ଜଣେ ମହିଳାଙ୍କୁ ଟିଏମସି କର୍ମୀ କାବୁ କରି ପୁଲିସ ଜିମା ଦେଇଛନ୍ତି। ଟିଏମସି ସୂତ୍ରରୁ ପ୍ରକାଶ ଯେ ଆଜି ସନ୍ଧ୍ୟାରେ ଏକ ପୂଜା ପେଣ୍ଡାଲ ଉଦଘାଟନ କରିବା ଲାଗି ମମତା ତାଙ୍କର କାଳିଘାଟ ବାସଭବନରୁ ବାହାରକୁ ଆସୁଥିବା ବେଳେ ମହିଳା ଜଣକ ▶ପୃଷ୍ଠା-୮

**ଶାସନ ମୁଖ୍ୟ ଭାବରେ ୨୫ ବର୍ଷ ପୂର୍ତ୍ତି**

# କ୍ୟାବିନେଟ୍‌ରେ ମୋଦୀଙ୍କୁ 'ଅଭିନନ୍ଦନ ସଂକଳ୍ପ'

**ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭କୁ ସାକାର କରିବା ଉପରେ ପ୍ରଧାନମନ୍ତ୍ରୀଙ୍କ ରହିଛି ସ୍ୱତନ୍ତ୍ର ଫୋକସ: ମୁଖ୍ୟମନ୍ତ୍ରୀ**



■ ଭୁବନେଶ୍ୱର, ୧୩।୧୦ (ସମିସ): ଶାସନ ମୁଖ୍ୟ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର କାର୍ଯ୍ୟକାଳ ପୂରଣ ଅବସରରେ ତାଙ୍କୁ ଅଭିନନ୍ଦନ ଜଣାଇ ଓଡ଼ିଶା ରାଜ୍ୟ କ୍ୟାବିନେଟ ଏକ ସଂକଳ୍ପ ପାରିତ କରିଛି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏହି ସଂକଳ୍ପ ପାରିତ ହୋଇଥିବା ବେଳେ ଦୀର୍ଘ ୨୫ ବର୍ଷର ଜନସେବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇ ଏହି ସଂକଳ୍ପ ଗୃହୀତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଭାବେ ମୋଦୀ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଓଡ଼ିଶାର ବିକାଶମୂଳକ ପଦକ୍ଷେପଗୁଡ଼ିକୁ ମଧ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ମିଳିଛି। ଓଡ଼ିଶାରେ ଆମ ସରକାର ଗଠନ ହେବା ପରଠାରୁ ପ୍ରଧାନମନ୍ତ୍ରୀ ୮ ଥର ଓଡ଼ିଶା ଆସି ରାଜ୍ୟର ▶ପୃଷ୍ଠା-୮




## ବିଶେଷ ଟିପ୍ପଣୀ



ଭଦ୍ରୋଥ ଜିଲ୍ଲା ପଞ୍ଚାୟତ ଉପନିର୍ବାଚନରେ ଆପ୍‌ର ଐତିହାସିକ ବିଜୟ ହାସଲ କରିଛି। ଏହା ପ୍ରମାଣ କରୁଛି ଯେ ଗୁଜରାଟର ଚାଷୀଙ୍କ ବିଶ୍ୱାସ ଆପ୍ ସହିତ ରହିଛି। ମରୁଡ଼ି ପରିସ୍ଥିତିରେ ଚାଷୀଙ୍କୁ ନ୍ୟାୟ ନ ଦେବାରୁ ବିଜେପି ସରକାରକୁ ଚାଷୀଙ୍କ ଉଚିତ୍ ଜବାବ୍ ମିଳିଛି।

*ଅରବିନ୍ଦ କେଜ୍ରିୱାଲ (ଆପ୍ ସଭାପତି)*



ସରକାର ଆମକୁ ପରସ୍ପର ବିରୁଦ୍ଧରେ ଲଢ଼ାଇବାକୁ ଚେଷ୍ଟା କରୁଛନ୍ତି। ତଥ୍ୟକୁ ଭିନ୍ନ ଭାବରେ ବ୍ୟବହାର କରି ସନ୍ଦେହ ଏବଂ ଅବିଶ୍ୱାସ ସୃଷ୍ଟି କରୁଛନ୍ତି। ଆମେ ଏକ ହୋଇ କାର୍ଯ୍ୟ କରିବା ଉଚିତ୍। ପରସ୍ପରକୁ ସନ୍ଦେହ କରିବା ପରିବର୍ତ୍ତେ କ୍ଷମତାରେ ଥିବା ଲୋକଙ୍କୁ ପ୍ରଶ୍ନ କରିବା। ଷଡ଼ଯନ୍ତ୍ର ତତ୍ତ୍ୱଗୁଡ଼ିକୁ ଆମକୁ ବିଭାଜିତ ନକରୁ। ଲଢେଇ ଜ୍ଞାନେଶ କୁମାର ଏବଂ ତାଙ୍କୁ ସୁରକ୍ଷା ଦେଉଥିବା ଲୋକଙ୍କ ବିରୁଦ୍ଧରେ। ଏହାକୁ ଭୁଲିଯିବା ନାହିଁ।

*-ଅଭିଜିତ୍ ଦୀପ୍‌କେ (ସିଜେପି ସଂସ୍ଥାପକ)*

## ଜେନ୍ Z

ପ୍ରଧାନମନ୍ତ୍ରୀଙ୍କୁ ମୋର ଅନୁରୋଧ ବିଶ୍ୱର ସମୃଦ୍ଧିରେ ଯୋଗ ଦେବା ବିଷୟରେ ପରେ ଆଲୋଚନା କରିବା। ପ୍ରଥମେ, ଭାରତକୁ ସମୃଦ୍ଧ କରିବା ଉପରେ ଧ୍ୟାନ ଦିଅନ୍ତୁ। କେବଳ ଏହା ହିଁ ଏହି ଦେଶର ଲୋକଙ୍କ ପାଇଁ ଏକ ବଡ଼ ସଫଳତା ହେବ।

-ବୀଣା ପାଣ୍ଡେ @veenapa63862707

# ପଞ୍ଜାବ ମେଡିସିନ ଷ୍ଟୋରରେ ଡ୍ରଗ୍ସ ବିକ୍ରି, ବିରୋଧ କରିବାରୁ ସମାଜସେବୀଙ୍କୁ ଗୁଳିକରି ହତ୍ୟା

ଚଣ୍ଡୀଗଡ/ମାନସା, ୧୩।୧୦ (ଏଜେନ୍ସି): ପଞ୍ଜାବର ମାନସା ଜିଲ୍ଲାରେ ଜଣେ ନିଶା ନିବାରଣ କର୍ମୀ ପରବିନ୍ଦର ସିଂହ ଝୋଟାଙ୍କୁ ବେଆଇନ୍ ନିଶା ଔଷଧ (ଡ୍ରଗ୍ସ) ବିକ୍ରିକୁ ନେଇ ଜଣେ ମେଡିକାଲ୍ ଷ୍ଟୋର୍ ମାଲିକ ଗୁଳି କରି ହତ୍ୟା କରିଛନ୍ତି। ସମ୍ପୂର୍ଣ୍ଣ ଘଟଣାଟି ତାଙ୍କ ଫେସବୁକ୍ ଲାଇଭ୍ ଷ୍ଟ୍ରିମ୍ ସମୟରେ ଘଟିଛି। ସୂଚନା ଅନୁସାରେ, ପରବିନ୍ଦର ବେଆଇନ୍ ଡ୍ରଗ୍ସ କାରବାର ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ବେଶ୍ ଜଣାଶୁଣା। ଲାଇଭ୍ ସେସନ୍ ସମୟରେ ସେ ମାନସାର ଜଣେ ମେଡିକାଲ୍ ଷ୍ଟୋର୍ ମାଲିକଙ୍କୁ ଡ୍ରଗ୍ସ ବିକ୍ରି ସମ୍ପର୍କରେ ପ୍ରଶ୍ନ କରିଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ତୀବ୍ର ଯୁକ୍ତିତର୍କ ହୋଇଥିଲା। ଉତ୍ତେଜନା ବଢ଼ିବାରୁ ଦୋକାନୀ ଜଣକ ବନ୍ଧୁକ ବାହାର କରି ପରବିନ୍ଦରଙ୍କ ଉପରକୁ ଗୁଳି ଚଳାଇଥିଲେ।



ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଗୁଳି ବାଜିବା ପରେ ତାଙ୍କ ମୋବାଇଲ୍ ଫୋନ୍‌ଟି ତଳେ ପଡ଼ିଯାଇଥିଲା ଏବଂ ଲାଇଭ୍ ରେକର୍ଡିଂ ବନ୍ଦ ହୋଇଯାଇଥିଲା। ଅଭିଯୁକ୍ତ ଦୋକାନୀ ବର୍ତ୍ତମାନ ଫେରାର ଅଛନ୍ତି। ଏହି ହତ୍ୟାକାଣ୍ଡ ପଞ୍ଜାବରେ ଗଭୀର ରାଜନୈତିକ ଆଲୋଡ଼ନ ସୃଷ୍ଟି କରିଛି। ଆପ୍ ସରକାରଙ୍କ ଆଇନ ଶୃଙ୍ଖଳା ଓ 'ଯୁଦ୍ଧ ନଶିଆଁ ବିରୁଦ୍ଧ' ଅଭିଯାନର ବିଫଳତାକୁ ନେଇ ବିଜେପି, କଂଗ୍ରେସ ଏବଂ ଶିରୋମଣି ଅକାଳୀ ଦଳ ସରକାରଙ୍କୁ ଘେରିଛନ୍ତି। ଏହି ଘଟଣା ରାଜ୍ୟରେ ବୃଦ୍ଧି ପାଉଥିବା ନିଶାଦ୍ରବ୍ୟ କାରବାର ସମସ୍ୟାକୁ ପୁଣି ଥରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁକୁ ଆଣିଦେଇଛି।

# ହର୍ମୁଜ ଶୁଳ୍କ ବିରୋଧରେ ୬୦ରୁ ଊର୍ଦ୍ଧ୍ୱ ଦେଶ ଏକାଠି

ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଅନ୍ତର୍ଜାତୀୟ ଜଳପଥ ଦେଇ ଯାତାୟାତ କରୁଥିବା ଜାହାଜଗୁଡ଼ିକ ଉପରେ ବେଆଇନ ଶୁଳ୍କ ଲାଗୁ କରିବା ପ୍ରଚେଷ୍ଟା ବିରୋଧରେ ବିଶ୍ୱର ୬୦ରୁ ଅଧିକ ଦେଶ ଏକଜୁଟ ହୋଇଛନ୍ତି। ୟୁରୋପୀୟ ୟୁନିଅନ (ଇୟୁ) ଦ୍ୱାରା ଆରମ୍ଭ କରାଯାଇଥିବା "ନୋ ଫି, ନୋ ଟୋଲ୍' ବିଶ୍ୱସ୍ତରୀୟ ସଂକଳ୍ପକୁ ବ୍ରିଟେନ, ଜାପାନ, କାନାଡା, ଅଷ୍ଟ୍ରେଲିଆ



ଓ ସିଙ୍ଗାପୁର ସମେତ ୬୦ରୁ ଅଧିକ ଦେଶ ସମର୍ଥନ ଜଣାଇଛନ୍ତି। ହର୍ମୁଜ ପ୍ରଣାଳୀରେ ଚାଲିଥିବା ଅଶାନ୍ତି ଏବଂ ଇରାନ ଦ୍ୱାରା ଜାହାଜ ଚଳାଚଳ ଉପରେ ଶୁଳ୍କ ଆଦାୟର ଦାବି ପରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଇୟୁର ବୈଦେଶିକ ନୀତି ପ୍ରମୁଖ କାଜା କାଲାସ ପ୍ରକାଶ କରିଛନ୍ତି ଯେ ଅନ୍ତର୍ଜାତୀୟ ଜଳପଥକୁ ରାଜସ୍ୱ ଆଦାୟ କିମ୍ବା ରାଜନୈତିକ ଫାଇଦା ହାସଲର ମାଧ୍ୟମ କରିବାକୁ ଦିଆଯିବ ନାହିଁ। ଜାତିସଂଘ ସାମୁଦ୍ରିକ ଆଇନ ସଂସ୍ଥା ନିୟମାନୁସାରେ ମୁକ୍ତ ଏବଂ ଆଇନଗତ ଜାହାଜ ଚଳାଚଳର ସୁରକ୍ଷା ପାଇଁ ଏହି ନିୟମ ରହିଛି। ପ୍ରକାଶଯୋଗ୍ୟ ଯେ, ମଧ୍ୟପ୍ରାଚ୍ୟ ସଙ୍କଟ ମଧ୍ୟରେ ଇରାନ ହର୍ମୁଜ ପ୍ରଣାଳୀ ଉପରେ ନିଜର ନିୟନ୍ତ୍ରଣ ଦାବି କରିବା ସହ ଜାହାଜଗୁଡ଼ିକରୁ ଶୁଳ୍କ ଦାବି କରୁଛି। ଏହି ଜଳପଥ ଦେଇ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ତୈଳ ଓ ଗ୍ୟାସ ଯୋଗାଣ ହୋଇଥାଏ। ଏଣୁ ସାମୁଦ୍ରିକ ସୁରକ୍ଷା ଓ ନିୟମଭିତ୍ତିକ ବ୍ୟବସ୍ଥା ବଜାୟ ରଖିବାକୁ ଅନ୍ତର୍ଜାତୀୟ ସମୁଦାୟ ସଙ୍କଳ୍ପବଦ୍ଧ ହୋଇଛନ୍ତି।

# ଲଦାଖକୁ ନେଇ ଭାରତ-ଚୀନ ମୁହାଁମୁହିଁ

## ୨୮ଟି ସ୍ଥାନର ନାମକରଣକୁ ଚୀନ୍‌ର ବିରୋଧ, ଜବାବ ଦେଲା ଭାରତ

ନୂଆଦିଲ୍ଲୀ/ବେଜିଂ,୧୩।୧୦(ଏଜେନ୍ସି): ଲଦାଖର ୨୮ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଓ ଭୌଗୋଳିକ ଅଞ୍ଚଳର ନାମକରଣ ପାଇଁ ଭାରତ ସରକାର ନେଇଥିବା ନିଷ୍ପତ୍ତିକୁ ଚୀନ୍ କଡ଼ା ବିରୋଧ କରିଛି। ଅକ୍ଟୋବର ୨ରେ ଭାରତର ଗୃହ ମନ୍ତ୍ରଣାଳୟ ଲଦାଖ ପ୍ରଶାସନ ସହ ପରାମର୍ଶ କରି ସରକାରୀ ମାନଚିତ୍ରରେ ଏହି ସ୍ଥାନଗୁଡ଼ିକର ନାମ ପରିବର୍ତ୍ତନ କରିଥିଲା। ଏଥିରେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ନିକଟସ୍ଥ ଗୋଗ୍ରା ଓ ହଟ୍ ସ୍ପ୍ରିଙ୍ଗ୍ ପରି ସମ୍ବେଦନଶୀଳ ସୀମାନ୍ତ ଅଞ୍ଚଳ ସମେତ କନିଷ୍କ ପିକ୍, ଜୋରାୱାର ପିକ୍, ଓ ପାର୍ଚିକ୍ ଗ୍ଲାସିୟର ଭଳି ପ୍ରମୁଖ ସ୍ଥାନ ସାମିଲ ରହିଛି। ବେଜିଂରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ମାଓ ନିଙ୍ଗ୍ କହିଛନ୍ତି ଯେ, ଭାରତ ଦ୍ୱାରା ଏକତରଫା ଭାବେ ଗଠିତ 'ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ'କୁ ଚୀନ୍ କେବେବି ସ୍ୱୀକୃତି ଦେଇନାହିଁ। ସେ ଆହୁରି ଦାବି କରିଛନ୍ତି ଯେ ଭାରତର ଏହି ନାମକରଣ ନିଷ୍ପତ୍ତି ବେଆଇନ୍ ଓ ଅସିଦ୍ଧ। ସୀମାର ପଶ୍ଚିମ ସେକ୍ଟରରେ ଥିବା ଅଞ୍ଚଳଗୁଡ଼ିକ ଚୀନ୍‌ର ବୋଲି ସେ ଦାବି କରିଛନ୍ତି। ତେବେ



ଚୀନ୍‌ର ପ୍ରତିକ୍ରିୟାକୁ ଭାରତ ଖାରଜ କରିଛି। ଲଦାଖର କେନ୍ଦ୍ର ଶାସିତ ପ୍ରଦେଶ ଭାରତର ଏକ ଅବିଚ୍ଛେଦ୍ୟ ଅଂଶ। ଚୀନ୍ ଯେତେ ପ୍ରତ୍ୟାଖ୍ୟାନ କଲେ ମଧ ଏହି ସତ୍ୟକୁ ପରିବର୍ତ୍ତନ କରାଯାଇପାରିବ ନାହିଁ ବୋଲି ବୈଦେଶିକ ମନ୍ତ୍ରଣାଳୟ (ଏମ୍‌ଇଏ) ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି। ଗୃହ ମନ୍ତ୍ରଣାଳୟର ବିବୃତ୍ତିକୁ ଉଦ୍ଧୃତ କରି ସେ କହିଛନ୍ତି ଯେ ସରକାରୀ ଭାରତୀୟ ମାନଚିତ୍ରରେ ନାମଗୁଡ଼ିକୁ ପ୍ରଦର୍ଶିତ କରିବା ପାଇଁ କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖ ଏବଂ ସ୍ଥାନୀୟ ଅଂଶୀଦାରମାନଙ୍କ ସହିତ ପରାମର୍ଶ କରାଯାଇ ପଦକ୍ଷେପ ନିଆଯାଇଛି। ସରକାରୀ ମାନଚିତ୍ର ପ୍ରସ୍ତୁତିକୁ ସୁସଂଗଠିତ କରିବା, ସଠିକ୍ ସୀମା ଚିହ୍ନଟ କରିବା ଏବଂ ସମ୍ବେଦନଶୀଳ ସୀମାନ୍ତ ଅଞ୍ଚଳ ବିଷୟରେ ଜନସାଧାରଣଙ୍କ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଭାରତ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୨୦ ମେ ୫ ରେ ପାଙ୍ଗୋଙ୍ଗ ହ୍ରଦ ଅଞ୍ଚଳରେ ଦୁଇ ଦେଶର ସେନା ମଧ୍ୟରେ ସଂଘର୍ଷ ପରେ ପୂର୍ବ ଲଦାଖରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗୋଗ୍ରା ଓ ହଟ୍ ସ୍ପ୍ରିଙ୍ଗ୍ ସେହି ବିବାଦର ମୁଖ୍ୟ କେନ୍ଦ୍ରବିନ୍ଦୁ ରହିଥିଲା।

# ସଂରକ୍ଷଣ ବୃଦ୍ଧି ନିଷ୍ପତ୍ତି ରଦ୍ଦ କଲେ କର୍ଣ୍ଣାଟକ ହାଇକୋର୍ଟ

ବେଙ୍ଗାଲୁରୁ, ୧୩।୧୦ (ଏଜେନ୍ସି): କର୍ଣ୍ଣାଟକ ହାଇକୋର୍ଟ ୨୦୨୨ରେ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁସୂଚିତ ଜାତି (ଏସ୍‌ସି) ଓ ଅନୁସୂଚିତ ଜନଜାତି (ଏସ୍‌ଟି) ପାଇଁ ବୃଦ୍ଧି କରାଯାଇଥିବା ସଂରକ୍ଷଣ ବ୍ୟବସ୍ଥାକୁ ରଦ୍ଦ କରିଛନ୍ତି। ମୁଖ୍ୟ ବିଚାରପତି ବିଭୁ ବାଖରୁ ଏବଂ ବିଚାରପତି କେ. ଏସ. ହେମଲେଖାଙ୍କ ପୀଠ ଏହି ନିଷ୍ପତ୍ତି ଶୁଣାଇଛନ୍ତି। କୋର୍ଟଙ୍କ ଅନୁଯାୟୀ, ୨୦୨୨ ଆଇନ ବଳରେ ଏସସି ସଂରକ୍ଷଣ ୧୫% ରୁ ୧୭% ଏବଂ ଏସଟି ସଂରକ୍ଷଣ ୩% ରୁ ୭% କୁ ବୃଦ୍ଧି କରାଯାଇଥିଲା। ଏହାଦ୍ୱାରା ରାଜ୍ୟରେ ମୋଟ ସଂରକ୍ଷଣ ୫୦% ରୁ ବୃଦ୍ଧି ପାଇ ୫୬% ରେ ପହଞ୍ଚିଥିଲା। ସର୍ବୋଚ୍ଚ ଅଦାଲତଙ୍କ ୧୯୯୨ ଇନ୍ଦ୍ରା ସାହନି ମାମଲାରେ ନିର୍ଦ୍ଧାରିତ ୫୦% ସୀମାକୁ ଏହା ଉଲ୍ଲଂଘନ କରୁଛି। ଏହା ସମ୍ବିଧାନର ଧାରା ୧୪, ୧୫ ଓ ୧୬ ର ପରିପନ୍ଥୀ ହୋଇଥିବାରୁ ହାଇକୋର୍ଟ ଏହି ନିଷ୍ପତ୍ତିକୁ ଅସାମ୍ବିଧାନିକ ବୋଲି କୋର୍ଟ ଘୋଷଣା କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ବସବରାଜ ବୋମ୍ମାଇଙ୍କ ବିଜେପି ସରକାର ସମୟରେ ଏହି ଆଇନ ପାରିତ ହୋଇଥିଲା। ଏହି ରାୟ ଉପରେ ପ୍ରତିକ୍ରିୟା ପ୍ରକାଶ କରି ଉପମୁଖ୍ୟମନ୍ତ୍ରୀ ଜି. ପରମେଶ୍ୱର କହିଛନ୍ତି ଯେ ସରକାର ନ୍ୟାୟପାଳିକାକୁ ସମ୍ମାନ ଦିଅନ୍ତି, କିନ୍ତୁ ସୁପ୍ରିମକୋର୍ଟରେ ଆବେଦନ କରିବା ସହ ସମସ୍ତ ଆଇନଗତ ବିକଳ୍ପ ସମୀକ୍ଷା କରାଯିବ। ଏଥିସହ ୫୦% ସଂରକ୍ଷଣ ସୀମାର ପୁନର୍ବିଚାର କରିବାକୁ ସେ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି।

# ରାହୁଲଙ୍କ ମାନହାନି ମାମଲାର ବିଚାର ଉପରେ 'ସୁପ୍ରିମ' ରୋକ୍

ନୂଆଦିଲ୍ଲୀ,୧୩।୧୦(ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ରୁଜୁ ହୋଇଥିବା ଅପରାଧିକ ମାନହାନି ମାମଲାର ବିଚାର ପ୍ରକ୍ରିୟା ଉପରେ ସୁପ୍ରିମକୋର୍ଟ ସାମୟିକ ସ୍ଥଗିତାଦେଶ ଲଗାଇଛନ୍ତି। ରାହୁଲ ୨୦୧୮ର ରାଫେଲ ଯୁଦ୍ଧବିମାନ ଚୁକ୍ତି ବିବାଦ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ 'କମାଣ୍ଡର-ଇନ୍-ଥିଫ୍‌' ଏବଂ 'ଚୋରଙ୍କ ସର୍ଦ୍ଦାର' ଆଦି ମନ୍ତବ୍ୟ ଦେଇଥିଲେ। ଏହାପରେ ତାଙ୍କ ବିରୋଧରେ ଏତଲା ଦାୟର ହୋଇଥିଲା। ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ଅପରେଶ କୁମାର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ରାହୁଲଙ୍କ ଆବେଦନ ଉପରେ ଶୁଣାଣି କରିଛନ୍ତି। ବିପକ୍ଷ ପକ୍ଷକୁ ନୋଟିସ ଜାରି କରିବା ସହ ୪ ସପ୍ତାହ ମଧ୍ୟରେ ଜବାବ ମାଗିଛନ୍ତି। ଏହାସହ ନିମ୍ନ ଅଦାଲତରେ ଚାଲିଥିବା ମାମଲାର କାର୍ଯ୍ୟାନୁଷ୍ଠାନକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ରାହୁଲଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି ମାମଲା ପରିଚାଳନା କରୁଥିଲେ। ବମ୍ବେ ହାଇକୋର୍ଟଙ୍କ ସେପ୍ଟେମ୍ବର ୮ ର ଆଦେଶକୁ ଚାଲେଞ୍ଜ କରି ରାହୁଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେଥିରେ ହାଇକୋର୍ଟ ମାନହାନି ମାମଲା ଖାରଜ କରିବାକୁ ମନା କରିଦେଇଥିଲେ।

# ଗଙ୍ଗାରେ ଡଙ୍ଗାବୁଡ଼ି ୧୩ ମୃତ

ବୈଶାଳୀ,୧୩।୧୦(ଏଜେନ୍ସି): ବିହାରର ବୈଶାଳୀ ଜିଲ୍ଲାରେ ଗଙ୍ଗା ନଦୀରେ ମଙ୍ଗଳବାର ଏକ ଡଙ୍ଗା ଓଲଟି ପଡ଼ିବାରୁ ଶିଶୁଙ୍କ ସମେତ ୧୩ ଜଣଙ୍କର ମୃତ୍ୟୁ ଘଟିଛି। ଅନେକ ଏଯାଏଁ ନିଖୋଜ ରହିଛନ୍ତି। ଡଙ୍ଗାରେ ୨୦ରୁ ଊର୍ଦ୍ଧ୍ୱ ଜଣ ଯାତ୍ରୀ ରହିଥିଲେ। ସେମାନେ ସମସ୍ତେ ଏକ ଦଶାହ ଭୋଜିରେ ଯୋଗଦେବାକୁ ଯାଉଥିଲେ। ଏହି ଦୁର୍ଘଟଣାଟି ବୈଶାଳୀ ଜିଲ୍ଲାର ରାଘବପୁର ଅଞ୍ଚଳରେ ସଂଘଟିତ ହୋଇଛି। ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ ଶିଶୁ ରହିଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ପ୍ରଶାସନ ପକ୍ଷରୁ ଅଧିକାରୀମାନଙ୍କର ଏକ ଉଦ୍ଧାରକାରୀ ଦଳକୁ ତୁରନ୍ତ ଘଟଣାସ୍ଥଳକୁ ପଠାଯାଇଛି। ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ପାଇଁ ଏନଡିଆରଏଫ୍ ଟିମ୍ ମଧ୍ୟ ନିୟୋଜିତ କରାଯାଇଛି। ନଦୀରେ ନିଖୋଜ ଥିବା ବ୍ୟକ୍ତିମାନଙ୍କୁ ଖୋଜିବା କାର୍ଯ୍ୟରେ ସ୍ଥାନୀୟ ଗ୍ରାମବାସୀମାନେ ପ୍ରଶାସନକୁ ସହଯୋଗ କରୁଛନ୍ତି। ବୈଶାଳୀ ଏସପି, ଏସଡିପିଓ ସୁବୋଧ କୁମାର ଏବଂ ଏସଡିଓ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ବର୍ତ୍ତମାନ ସୁଦ୍ଧା ଉଦ୍ଧାର କାର୍ଯ୍ୟ ଜାରି ରହିଛି ଏବଂ ସମଗ୍ର ସ୍ଥିତି ଉପରେ ପ୍ରଶାସନ କଡ଼ା ନଜର ରଖିଛି। ରାଜ୍ୟ ସରକାର ଏହି ଘଟଣାରେ ଶୋକ ବ୍ୟକ୍ତ କରିବା ସହ ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଅନୁଦାନ ରାଶି ଘୋଷଣା କରିଛନ୍ତି।

# ସଂସଦଠାରୁ ବିରୋଧୀଙ୍କୁ ଦୂରେଇ ରଖିବାକୁ ଯନ୍ତରମନ୍ତର ଷଡ଼ଯନ୍ତ୍ର!

ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଦିଲ୍ଲୀର ଐତିହାସିକ ଆନ୍ଦୋଳନ ସ୍ଥଳ ଯନ୍ତରମନ୍ତରକୁ ବିକ୍ଷୋଭ ଓ ପ୍ରତିବାଦ ସ୍ଥଳ ଭାବେ ବାତିଲ କରିଛି ଦିଲ୍ଲୀ ପୁଲିସ। ଯନ୍ତରମନ୍ତର ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଦେଶର ରାଜନୈତିକ ଓ ସାମାଜିକ ପ୍ରତିବାଦର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏହି ସ୍ଥାନରୁ ଆନ୍ଦୋଳନ ମାନ୍ୟତା ପ୍ରତ୍ୟାହାର କରାଯିବା ପରେ ବିରୋଧୀ ଦଳଗୁଡ଼ିକ ବିଜେପି ସରକାରକୁ କଡ଼ା ସମାଲୋଚନା କରିଛନ୍ତି। କେନ୍ଦ୍ର ସରକାର ଜନଆକ୍ରୋଶ ଓ ବିରୋଧୀଙ୍କ ସ୍ୱରକୁ ସଂସଦ ଏବଂ କ୍ଷମତା କେନ୍ଦ୍ରଠାରୁ ଦୂରରେ ରଖିବା

## ସରକାର ଭୟଭୀତ: ଅଖିଳେଶ

ପାଇଁ ଏହି ଚାଲ୍ ଚଳାଇଥିବା ଅଭିଯୋଗ ହୋଇଛି। ଦିଲ୍ଲୀ ପୁଲିସ ଯନ୍ତରମନ୍ତର ବଦଳରେ ୩ଟି ନୂଆ ସ୍ଥାନ ରାମଲୀଳା ମୈଦାନ, ବୁରାଡ଼ି ନିରଙ୍କାରୀ ପଡ଼ିଆ ଏବଂ ପୂର୍ବ ଦିଲ୍ଲୀର ସିବିଡି ପଡ଼ିଆକୁ ଆନ୍ଦୋଳନ ପାଇଁ ନିର୍ଦ୍ଧାରିତ କରାଯାଇଥିବା ନିର୍ଦ୍ଦେଶ ଜାରି କରିଛି। ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ ବିରୋଧୀ ଦଳ ଓ କକ୍ରୋଚ୍ ଜନତା ପାର୍ଟି ପକ୍ଷରୁ ଚାଲିଥିବା ବ୍ୟାପକ ବିକ୍ଷୋଭ ମଧ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି। ଏନେଇ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଭାଜପା ସରକାର ସମ୍ପୂର୍ଣ୍ଣ ଭୟଭୀତ ହୋଇପଡ଼ିଥିବା କହିଛନ୍ତି। ସେହିପରି ଆପ୍ ନେତା ସୌରଭ ଭାରଦ୍ୱାଜ, କଂଗ୍ରେସ ସାଂସଦ ଜୟରାମ ରମେଶ ଏବଂ ସିଜେପି ସଂସ୍ଥାପକ ଅଭିଜିତ୍ ଦୀପକେ ସରକାରଙ୍କୁ ସମାଲୋଚନା କରିଛନ୍ତି। ସିଜେପି ନେତା ଆଶୁତୋଷ ରାଙ୍କା କଟାକ୍ଷ କରି ପ୍ରଶ୍ନ କରିଛନ୍ତି, ସରକାର ମାଉଣ୍ଟ ଏଭରେଷ୍ଟକୁ ବିକ୍ଷୋଭ ସ୍ଥଳ ଭାବେ ଘୋଷଣା କରନ୍ତୁ।

ସେପଟେ ପୁଲିସ ଦ୍ୱାରା ଚିହ୍ନଟ ନୂତନ ସ୍ଥାନଗୁଡ଼ିକ ସଂସଦ ଓ କ୍ଷମତା କେନ୍ଦ୍ରଠାରୁ ବହୁ ଦୂରରେ ଅବସ୍ଥିତ। ରାମଲୀଳା ମୈଦାନ ଯନ୍ତରମନ୍ତରଠାରୁ ୩ କିମି ଦୂରରେ ରହିଛି। ପୁଣି ଏହାର ଦୈନିକ ଭଡ଼ା ୫୦,୦୦୦ ଟଙ୍କା ଏବଂ ସୁରକ୍ଷା ରାଶି ୫୫,୦୦୦ ଟଙ୍କା ଦେବାକୁ ପଡ଼ିଥାଏ। ଏହା ସହିତ ଅଧିକାଂଶ ସମୟ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆଗୁଆ ବୁକ୍ ରହୁଥିବାରୁ ସାଧାରଣ ଆନ୍ଦୋଳନ ପାଇଁ ତାରିଖ ମିଳିବା କଷ୍ଟକର। ସେହିପରି ସିବିଡି ପଡ଼ିଆ (ଶାହଦରା) ପୂର୍ବ ଦିଲ୍ଲୀରେ ୧୦-୧୨ କିମି ଦୂରରେ ଥିବା ଏହି ସ୍ଥାନଟି ଏକ ସାନ୍ଦ୍ର ଆବାସିକ ଅଞ୍ଚଳରେ ଅବସ୍ଥିତ। ପୁଣି ନିରଙ୍କାରୀ ପଡ଼ିଆ (ବୁରାଡ଼ି) ଯନ୍ତରମନ୍ତରଠାରୁ ପ୍ରାୟ ୨୨ କିମି ଦୂର ଦିଲ୍ଲୀ-ଚଣ୍ଡୀଗଡ଼ ରାଜପଥ ନିକଟରେ ଅବସ୍ଥିତ। ସେଠାରେ ଜନସମାଗମ ଓ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିବା ଆହ୍ୱାନପୂର୍ଣ୍ଣ। ସୂଚନାଯୋଗ୍ୟ, ୧୯୯୩ ମସିହା ପୂର୍ବରୁ ସଂସଦ ଭବନ ନିକଟସ୍ଥ 'ବୋଟ୍ କ୍ଲବ୍' ଆନ୍ଦୋଳନର ମୁଖ୍ୟ କେନ୍ଦ୍ର ଥିଲା। ପରେ କଂଗ୍ରେସ ବୋଟ୍ କ୍ଲବ୍‌ରେ ବିକ୍ଷୋଭ ନିଷେଧ କରିବା ପରେ ଯନ୍ତରମନ୍ତର ମୁଖ୍ୟ ବିକ୍ଷୋଭ ସ୍ଥଳ ପାଲଟିଥିଲା।

ତେବେ ଦିଲ୍ଲୀ ପୁଲିସ ପକ୍ଷରୁ କୁହାଯାଇଛି ଯେ ସୁପ୍ରିମ କୋର୍ଟଙ୍କ ପରାମର୍ଶ କ୍ରମେ ଯନ୍ତରମନ୍ତରରେ ଆନ୍ଦୋଳନକୁ ନିଷିଦ୍ଧ କରାଯାଇଛି। ଆନ୍ଦୋଳନ ପାଇଁ ତିନିଟି ସ୍ଥାନ ଚିହ୍ନଟ କରାଯାଇଥିବା ପୁଲିସ ପକ୍ଷରୁ ଦିଲ୍ଲୀ ହାଇକୋର୍ଟକୁ କୁହାଯାଇଛି।





# କଟକଣାକୁ ଚାଲେଞ୍ଜ କରି ସୌରଭ, ଆଶୁତୋଷ ଅଟକ

ନୂଆଦିଲ୍ଲୀ,୧୩।୧୦(ଏଜେନ୍ସି): ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଏସଆଇଆର ବିବାଦକୁ ନେଇ ଦିଲ୍ଲୀର ଯନ୍ତରମନ୍ତରଠାରେ ବିକ୍ଷୋଭ ପ୍ରଦର୍ଶନ ବେଳେ କକ୍ରୋଚ ଜନତା ପାର୍ଟି (ସିଜେପି)ର ନେତା ସୌରଭ ଦାସ, ଆଶୁତୋଷ ରାଙ୍କା, ଅଜିଙ୍କ୍ୟ ଶିନ୍ଦେଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତାମାନଙ୍କୁ ଦିଲ୍ଲୀ ପୁଲିସ ଅଟକ କରିଛି। ପୁଲିସ ଅନୁଯାୟୀ, ଜନତା ଦଳ (ୟୁନାଇଟେଡ୍) କାର୍ଯ୍ୟାଳୟ ପାର୍ଶ୍ୱରୁ ସିଜେପି ନେତା ଓ କାର୍ଯ୍ୟକର୍ତ୍ତାମାନେ ଏକ ଗେଟ୍ ଏବଂ ବାରିକେଡ୍ ଡେଇଁ ଯନ୍ତରମନ୍ତରରେ ପ୍ରବେଶ କରିଥିଲେ। ଏହି ସମୟରେ ସେମାନେ ହାତରେ ଜାତୀୟ ପତାକା ଧରି 'ଇନ୍‌କିଲାବ ଜିନ୍ଦାବାଦ' ଏବଂ 'ହ୍ୟାଣ୍ଡସ ଅଫ୍ ଯନ୍ତରମନ୍ତର' ଭଳି ସ୍ଲୋଗାନ ଦେଇଥିଲେ। ସେଠାରେ ମୁତୟନ ଥିବା ଦିଲ୍ଲୀ ପୁଲିସ ସେମାନଙ୍କୁ ଗୋଡ଼ାଇ ଅଟକ କରିଥିଲା। ଏହି ପ୍ରତିବାଦ ପୂର୍ବରୁ କେନ୍ଦ୍ର ସରକାର ଓ ଦିଲ୍ଲୀ ପୁଲିସ ଯନ୍ତରମନ୍ତରକୁ ନିର୍ଦ୍ଧାରିତ ବିକ୍ଷୋଭ ସ୍ଥଳ ସୂଚୀରୁ ହଟାଇ ଦେଇଥିଲେ। କେନ୍ଦ୍ର ଗୃହ ମନ୍ତ୍ରଣାଳୟର କମିଟି ସୁପାରିଶ କ୍ରମେ ରାଜଧାନୀରେ ପ୍ରତିବାଦ ପାଇଁ ରାମଲୀଳା ମଇଦାନ, ବୁରାରୀ ମଇଦାନ ଏବଂ ପୂର୍ବ ଦିଲ୍ଲୀର ସିବିଡି ଗ୍ରାଉଣ୍ଡକୁ ତିନୋଟି ନୂତନ ସ୍ଥାନ ଭାବେ ନିର୍ଦ୍ଧାରିତ କରାଯାଇଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ସିଜେପି ସଂସ୍ଥାପକ ଅଭିଜିତ ଦୀପକେ କହିଛନ୍ତି ଯେ ଆଗାମୀ ଦିନରେ ସାରା ଦେଶରେ ଯନ୍ତରମନ୍ତର ସୃଷ୍ଟି ହେବ। ସେହିପରି ସୌରଭ ଦାସ ସୋସିଆଲ ମିଡିଆରେ ପୋଷ୍ଟ କରି ଯନ୍ତରମନ୍ତରକୁ ଆମେ ଆସିସାରିଛୁ ଏବଂ ପୁଲିସ ଆମକୁ ସେଥିପାଇଁ ଧରିନେଇଛି ବୋଲି ସନ୍ଦେଶ ଦେଇଛନ୍ତି। ସେ ପୁଲିସକୁ ୨୪ ଘଣ୍ଟାରେ ବିକ୍ଷୋଭ ସ୍ଥଳ ଏବଂ ତାରିଖ ଜଣାଇବାକୁ ଚରମବାଣୀ ଶୁଣାଇଥିବା କହିଥିଲେ। ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଚାପିବାକୁ ଉଦ୍ୟମ କରି ଭାରତ ସରକାର ଦେଶର ଲୋକଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିବା ସେ କହିଛନ୍ତି।

# ସାଉଦି ଆରବକୁ ଭାରତରୁ ସବୁ ବିମାନ ସେବା ସ୍ଥଗିତ

ରିୟାଦ,୧୩।୧୦(ଏଜେନ୍ସି): ସାଉଦି ଆରବରେ ବେସାମରିକ ସ୍ଥାପତ୍ୟ ଉପରେ ହୁତି ବିଦ୍ରୋହୀଙ୍କ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାପରେ ସେଠାରେ ରହୁଥିବା ଭାରତୀୟ ନାଗରିକଙ୍କ ପାଇଁ ଭାରତୀୟ ଦୂତାବାସ ପକ୍ଷରୁ ନୂତନ ସୁରକ୍ଷା ପରାମର୍ଶ ଜାରି କରାଯାଇଛି। ନାଗରିକମାନଙ୍କୁ ଶାନ୍ତ ଓ ସତର୍କ ରହିବା ସହ ଆକାଶମାର୍ଗରୁ ଆକ୍ରମଣ ସମୟରେ ଘର ଭିତରେ ରହିବାକୁ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ଏହାସହ ଚାଲିଥିବା ସଂଘର୍ଷ ସମ୍ପର୍କିତ କୌଣସି ଭିଡିଓ କିମ୍ବା ଖବର ସୋସିଆଲ ମିଡିଆରେ ପୋଷ୍ଟ କିମ୍ବା ଶେୟାର ନକରିବାକୁ ନିବେଦନ କରାଯାଇଛି। ଗତ ଅକ୍ଟୋବର ୧୦ରେ ରିୟାଦର କିଙ୍ଗ ଖାଲିଦ୍ ଆନ୍ତର୍ଜାତିକ ବିମାନବନ୍ଦର ଉପରେ ଆକ୍ରମଣ ହୋଇଥିଲା। ଏଥିରେ ମହମ୍ମଦ ୟୁସୁଫ୍ ଅଲ୍ଲୀ ନାମକ ଜଣେ ଭାରତୀୟ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ଏକାଧିକ ଭାରତୀୟ ଆହାତ ହୋଇଛନ୍ତି। ଏହି ଘଟଣା ପରେ ରିୟାଦ ବିମାନବନ୍ଦରରୁ ସେବା ବନ୍ଦ ରହିଛି। ଏୟାର ଇଣ୍ଡିଆ, ଇଣ୍ଡିଗୋ ଓ ଆକାଶା ଏୟାର ଭଳି ଭାରତୀୟ ବିମାନ ସେବା ସଂସ୍ଥାଗୁଡ଼ିକ ଅକ୍ଟୋବର ୧୭ ପର୍ଯ୍ୟନ୍ତ ସେମାନଙ୍କର ଯାତ୍ରା ସ୍ଥଗିତ ରଖିଛନ୍ତି। ଯାତ୍ରୀମାନଙ୍କୁ ସହାୟତା ପାଇଁ ରିୟାଦ ସ୍ଥିତ ଭାରତୀୟ ଦୂତାବାସ ଏବଂ ଜେଦ୍ଦାସ୍ଥିତ ଦୂତାବାସ କାର୍ଯ୍ୟାଳୟ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯାଇଛି।

# ନିର୍ବାଚନ କମିସନରଙ୍କୁ ସୁରକ୍ଷା ବିରୋଧରେ ପିଟିସନ, ଶୁଣାଣି କରିବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୩।୧୦(ଏଜେନ୍ସି): ନିର୍ବାଚନ କମିସନରଙ୍କୁ ସୁରକ୍ଷା ଦେବାକୁ ଯାଇ ୨୦୨୩ ନିର୍ବାଚନ ଆଇନରେ କରାଯାଇଥିବା ସଂଶୋଧନକୁ ସୁପ୍ରିମ କୋର୍ଟରେ ଚାଲେଞ୍ଜ କରିଛି ଏଡିଆର ନାମକ ଏନଜିଓ। ଅବସର ପରେ ମଧ୍ୟ ସେମାନଙ୍କ ସରକାରୀ କାର୍ଯ୍ୟ ପାଇଁ ନିର୍ବାଚନ କମିସନରଙ୍କ ବିରୋଧରେ କୌଣସି ସିଭିଲ କିମ୍ବା କ୍ରିମିନାଲ କେସ୍ କରାଯାଇପାରିବ ନାହିଁ ବୋଲି ଆଇନର ଧାରା ୧୬ରେ ବ୍ୟବସ୍ଥା କରାଯାଇଛି। ଏଭଳି ସୁରକ୍ଷାକୁ ଅସାମ୍ବିଧାନିକ ଦର୍ଶାଇ ସଂସ୍ଥା ପକ୍ଷରୁ ପିଟିସନ ଦାଖଲ କରାଯାଇଛି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବାକୁ ରାଜି ହୋଇଛନ୍ତି। ଆଜି କୋର୍ଟ ଏହା ଉପରେ କେନ୍ଦ୍ର ସରକାର ଏବଂ ନିର୍ବାଚନ କମିସନଙ୍କୁ ନୋଟିସ ଜାରି କରିବା ସହିତ ଏହାର ଉତ୍ତର ରଖିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

# ଇଣ୍ଡିଆ ମେଣ୍ଟର ବିକ୍ଷୋଭ; ୪ ମାମଲା ରୁଜୁ

ନୂଆଦିଲ୍ଲୀ,୧୩।୧୦(ଏଜେନ୍ସି): ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ବିରୋଧୀ ଇଣ୍ଡିଆ ମେଣ୍ଟ ପକ୍ଷରୁ ଗତକାଲି ସୁପ୍ରିମକୋର୍ଟ ଅଭିମୁଖେ ଆୟୋଜିତ ବିକ୍ଷୋଭ ଶୋଭାଯାତ୍ରାକୁ ନେଇ ଦିଲ୍ଲୀ ପୁଲିସ ୪ଟି ମାମଲା ରୁଜୁ କରିଛି। ଭୋଟ ଚୋରି ଏବଂ ଏସ୍‌ଆଇଆର୍ ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ ଆଣି ସୋମବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଇଣ୍ଡିଆ ମେଣ୍ଟ ଗଣ ପଦଯାତ୍ରା କରିଥିଲା। ସେଥିରେ ମଲ୍ଲିକାର୍ଜୁନ ଖଡ଼ଗେ, ଅଖିଳେଶ ଯାଦବ ଓ ମମତା ବାନାର୍ଜୀଙ୍କ ସମେତ ଅନେକ ବିରୋଧୀ ନେତା ସାମିଲ ଥିଲେ। ପୁଲିସର ଅନୁସାରେ, ଏହି ଶୋଭାଯାତ୍ରା ପାଇଁ କୌଣସି ପୂର୍ବ ଅନୁମତି ଦିଆଯାଇ ନଥିଲା। ବିକ୍ଷୋଭକାରୀମାନେ ମିନି-ଟ୍ରକ୍ ସାହାଯ୍ୟରେ ବାରିକେଡ୍ ଭାଙ୍ଗିବା ଏବଂ ରାସ୍ତାରେ ଚିତ୍ର କରି ଆଇନ ଉଲ୍ଲଂଘନ କରିଥିବା ପୁଲିସ ଦର୍ଶାଇଛି। ଧାରା ୧୬୩ ଉଲ୍ଲଂଘନ ଅଭିଯୋଗରେ ବାରାଖମ୍ବା, ତିଲକ ମାର୍ଗ, ମନ୍ଦିର ମାର୍ଗ ଏବଂ କନଟ୍ ପ୍ଲେସ ପୁଲିସ ଷ୍ଟେସନରେ ଏହି ମାମଲା ସବୁ ରୁଜୁ କରାଯାଇଛି।

# ମହାରାଷ୍ଟ୍ରରେ ଜଳ ସଙ୍କଟ ଉତ୍କଟ; ଜଳକାଟ୍ ଘୋଷଣା

ମୁମ୍ବଇ,୧୩।୧୦(ଏଜେନ୍ସି): ଦୁର୍ବଳ ମୌସୁମୀ ଏବଂ ଏଲ୍ ନିନୋର ପ୍ରଭାବ ଯୋଗୁଁ ମହାରାଷ୍ଟ୍ରରେ ଜଳ ସଙ୍କଟ ଅତ୍ୟନ୍ତ ଗମ୍ଭୀର ରୂପ ଧାରଣ କରିଛି। ଅକ୍ଟୋବରରେ ମଧ୍ୟ ତାପମାତ୍ରା ୩୮ ଡିଗ୍ରୀ ସେଲ୍ସିୟସରୁ ଅଧିକ ରହୁଥିବାରୁ ଜଳାଶୟଗୁଡ଼ିକରେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। କମୁଥିବା ଜଳ ସମ୍ପଦକୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟ ସରକାର ଓ ବିଭିନ୍ନ ମହାନଗର ନିଗମ ପକ୍ଷରୁ ଜରୁରୀକାଳୀନ କଟକଣା, ଜରିମାନା, ବେଆଇନ୍ ସଂଯୋଗ ବିରୋଧରେ ମାମଲା ଏବଂ ବାଧ୍ୟତାମୂଳକ ଜଳକାଟ ଘୋଷଣା କରାଯାଇଛି। ବର୍ତ୍ତମାନ ରାଜ୍ୟର ଦ୍ୱିତୀୟ ରାଜଧାନୀ ନାଗପୁରର ଜଳାଶୟଗୁଡ଼ିକର କ୍ଷମତା ମାତ୍ର ୫୮%କୁ ହ୍ରାସ ପାଇଛି। ଜଳ ଅପଚୟ ରୋକିବା



ପାଇଁ ନାଗପୁର ମହାନଗର ନିଗମ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଗାଡ଼ି ଧୋଇବା, ରାସ୍ତା କିମ୍ବା ଅଗଣା ସଫା କରିବା, ବଗିଚାରେ ପାଣି ଦେବା ଏବଂ ନିର୍ମାଣ କାର୍ଯ୍ୟରେ ପାନୀୟ ଜଳ ବ୍ୟବହାର କଲେ ୫,୦୦୦ ଟଙ୍କାର ଜରିମାନା ଘୋଷଣା ହୋଇଛି। ସେହିପରି ପୁଣେରେ ମଧ୍ୟ ଜଳ ସଙ୍କଟ ଗମ୍ଭୀର ରୂପ ନେଇଛି। ସହରକୁ ଜଳ ଯୋଗାଉଥିବା ଖଡ଼କୱାସଲା ଡ୍ୟାମ୍ ଚେନ୍‌ରେ ବେଶ୍ କମ୍ ଜଳ ଗଚ୍ଛିତ ଅଛି। ୨୦୨୭ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଏହି ଜଳକୁ ବ୍ୟବହାର ଉପଯୋଗୀ ରଖିବା ପାଇଁ ସରକାର ଅକ୍ଟୋବର ୧୬ରୁ ଜଳ ବ୍ୟବହାରରେ ୧୦% କାଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୧୫ରୁ ପ୍ରତି ଗୁରୁବାର ସହରସାରା ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିବ। ସେପଟେ ଛତ୍ରପତି ସମ୍ଭାଜୀନଗରରେ ମୁଖ୍ୟ ଜଳାଶୟ ଜାୟକୱାଡ଼ି ଡ୍ୟାମ୍‌ରୁ ପ୍ରଚଣ୍ଡ ଉତ୍ତାପ ଯୋଗୁଁ ଦୈନିକ ପ୍ରାୟ ୧୬୪.୯ କୋଟି ଲିଟର ଜଳ ବାଷ୍ପୀଭୂତ ହୋଇ ନଷ୍ଟ ହେଉଛି। ଏହା ୧୮ ଲକ୍ଷ ଅଧିବାସୀଙ୍କ ପ୍ରାୟ ୭ ଦିନର ଜଳ ଆବଶ୍ୟକତା ସହିତ ସମାନ। ଜଳ ସଙ୍କଟ ଯୋଗୁଁ ସହରଗୁଡ଼ିକ ପାଇଁ ଆଗାମୀ ମାସଗୁଡ଼ିକରେ ଜଳ ପରିଚାଳନା ଏକ ବଡ଼ ଆହ୍ୱାନ ପାଲଟିଛି।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-111 ◆WEDNESDAY ◆14 OCTOBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୧୧୧ ◆ବୁଧବାର ◆୧୪ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

# ଟଳିଲା ବର୍ଷା ଆଶଙ୍କା; ଏସନ ଶୁଖିଲା ଦଶହରା

■ ଭୁବନେଶ୍ୱର,୧୩।୧୦(ସମିସ): ଆଣ୍ଡାମାନରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ବଙ୍ଗୋପସାଗରରେ ୧୩ ତାରିଖରେ ଏକ ଲଘୁଚାପ ସୃଷ୍ଟି ହେବ ବୋଲି ଆଇଏମ୍‌ଡି କହି ଆସୁଥିଲା । ମାତ୍ର ଉଚ୍ଚତା ଅନୁସାରେ ପବନର ବେଗ ଓ ଦିଗର ପରିବର୍ତ୍ତନ ଏବଂ ଶୁଖିଲା ବାୟୁର ପ୍ରବେଶ ଯୋଗୁଁ ଲଘୁଚାପ ସୃଷ୍ଟି କ୍ଷେତ୍ରରେ ପ୍ରତିକୂଳ ବାତାବରଣ ରହୁଛି । ଏଥିପାଇଁ ଲଘୁଚାପର ଆଶଙ୍କା ଟଳି ଯାଇଛି । ଏହି ଲଘୁଚାପକୁ ନେଇ ପୂଜା ସମୟରେ ବର୍ଷା ଆଶଙ୍କା ରହୁଥିଲା । ଏଥିପାଇଁ ରାଜ୍ୟରେ ପୂଜା ମାହୋଲରେ ଭଙ୍ଗା ପଡ଼ିପାରେ ବୋଲି ଆଶଙ୍କା ରହୁଥିଲା । ହେଲେ ଲଘୁଚାପ ଆଶଙ୍କା ଟଳିଯିବା ପରେ ଏବେ ପୂଜା ସମୟରେ ପାଗକୁ ନେଇ ଆଶ୍ୱସ୍ତି ମିଳିଛି । ଅନ୍ୟପଟେ ବର୍ତ୍ତମାନ ରାଜ୍ୟର କିଛି ସ୍ଥାନରେ ବର୍ଷା ହେଉଛି । ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ସହ ଉତ୍ତର-ପୂର୍ବ ମୌସୁମୀ ବାୟୁ (ଫେରନ୍ତା ମୌସୁମୀ) ପ୍ରଭାବରେ କିଛି କିଛି ସ୍ଥାନରେ ଏହି ବର୍ଷା ହେଉଛି । ଏହି ସ୍ଥିତି ଆହୁରି ୨-୩ ଦିନ ପର୍ଯ୍ୟନ୍ତ ଜାରି ରହିବାର ଆଶଙ୍କା ରହିଛି । ତେବେ ଏହି ବର୍ଷାର ପ୍ରଭାବ ବିଶେଷ ଅଧିକ ରହିବ ନାହିଁ । କେବଳ ଉପକୂଳବର୍ତ୍ତୀ ଜିଲ୍ଲା ଏବଂ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ଏହି ବର୍ଷା ହେବ । ଏଥିପାଇଁ ଆସନ୍ତା ୨-୩ ଦିନ ପାଇଁ କିଛି ଜିଲ୍ଲାକୁ ସ୍ୱଳ୍ପରୁ ମଧ୍ୟମ ବର୍ଷା ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି ।

# ରାଜ୍ୟ କ୍ୟାବିନେଟରେ ୧୬ ପ୍ରସ୍ତାବକୁ ମଞ୍ଜୁରୀ

## ଯୁବକଯୁବତୀଙ୍କ ଦକ୍ଷତା ବିକାଶ ପାଇଁ ୪୫୦ କୋଟି; ସହରାଞ୍ଚଳ ଜଳ ନିଷ୍କାସନରେ ୫୦୦ କୋଟି

■ ଭୁବନେଶ୍ୱର, ୧୩।୧୦ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୧୧ଟି ବିଭାଗର ୧୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଶିକ୍ଷା, ଦକ୍ଷତା ବିକାଶ, ଜଳସମ୍ପଦ, କୃଷି, ମତ୍ସ୍ୟ, ଶିଳ୍ପ ଓ ସହରାଞ୍ଚଳ ଭିତ୍ତିଭୂମି ଆଦି କ୍ଷେତ୍ରରେ ଏହି ନିଷ୍ପତ୍ତି ନିଆଯାଇଛି । ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି ।

କ୍ୟାବିନେଟ୍‌ର ଅନ୍ୟତମ ପ୍ରମୁଖ ନିଷ୍ପତ୍ତି ଅନୁଯାୟୀ, ରାଜ୍ୟର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ମାଧ୍ୟମିକ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ଅନୁସୂଚିତ ଜାତି ଓ ଜନଜାତି ବର୍ଗକୁ ବାଦ୍ ଦେଇ ଅନ୍ୟ ଛାତ୍ରଛାତ୍ରୀଙ୍କୁ ନିଃଶୁଳ୍କ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ । ୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ ୫ ବର୍ଷ ଲାଗି କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନାରେ ୨୮୪.୦୭ କୋଟି ଟଙ୍କା ଖର୍ଚ୍ଚ ହେବ । ଯୁବକଯୁବତୀଙ୍କୁ ନିଯୁକ୍ତି ଉପଯୋଗୀ ପ୍ରଶିକ୍ଷଣ ଦେବା ପାଇଁ ଦକ୍ଷତା ବିକାଶ ଯୋଜନାକୁ ମଧ୍ୟ କ୍ୟାବିନେଟ୍ ମଞ୍ଜୁରି ଦେଇଛି । ୨୦୨୬-୨୭ରୁ ୨୦୨୮-୨୯ ପର୍ଯ୍ୟନ୍ତ ଏହି ଯୋଜନାରେ ୪୫୦ କୋଟି ଟଙ୍କା ବ୍ୟୟ ହେବ । ଏହାଦ୍ୱାରା ୪.୨୦ ଲକ୍ଷ ଯୁବକଯୁବତୀଙ୍କୁ ଶିଳ୍ପର ଆବଶ୍ୟକତା ଅନୁଯାୟୀ ଦକ୍ଷତା ପ୍ରଶିକ୍ଷଣ, ଡିଜିଟାଲ୍ ଦକ୍ଷତା ବିକାଶ, ବିଦେଶରେ ନିଯୁକ୍ତି ପାଇଁ ସହାୟତା ଏବଂ ଆନୁଷ୍ଠାନିକ କ୍ଷମତା ବୃଦ୍ଧିର ସୁଯୋଗ ମିଳିବ ।

**ନବମ ଓ ଦଶମ ପିଲାଙ୍କୁ ସରକାର ଦେବେ ମାଗଣା ବହି**

ସହରାଞ୍ଚଳରେ ଜଳବନ୍ଦୀ ଓ ବର୍ଷାଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ୫ ବର୍ଷିଆ ସହରାଞ୍ଚଳ ବର୍ଷାଜଳ ନିଷ୍କାସନ ପରିଚାଳନା ଓ ଉନ୍ନୟନ କାର୍ଯ୍ୟକ୍ରମକୁ ଅନୁମୋଦନ ମିଳିଛି । ଏଥିରେ ୫୦୦ କୋଟି ଟଙ୍କା ବ୍ୟୟ କରାଯିବ । ଜଳସମ୍ପଦ ବିଭାଗ ଅଧୀନରେ ବଲାଙ୍ଗୀର ଜିଲ୍ଲା ତୁସ୍ରାପଲ୍ଲୀ ଗ୍ରାମ ନିକଟରେ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ନିର୍ମାଣକୁ ମଧ୍ୟ ମଞ୍ଜୁରି ମିଳିଛି । ଏଥିପାଇଁ ୧୦୫ କୋଟି ୬୨ ଲକ୍ଷ ୩୩ ହଜାର ୯୬୦ ଟଙ୍କା ବ୍ୟୟ ଅଟକଳ ହୋଇଥିବାବେଳେ ୩୦ ମାସ ମଧ୍ୟରେ କାମ ଶେଷ କରିବାକୁ ଲକ୍ଷ୍ୟ ରହିଛି । କଟକରେ ମହାନଦୀ ଜଳତଟର ସମନ୍ୱିତ ବିକାଶ ପ୍ରକଳ୍ପ ପାଇଁ ୧୩୩ କୋଟି ୭୧ ଲକ୍ଷ ୯୭ ହଜାର ୧୫ ଟଙ୍କାର ଟେଣ୍ଡର ଫଳାଫଳକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି । ୨୦୨୮ ନଭେମ୍ବର ସୁଦ୍ଧା ଏହା ଶେଷ କରିବାକୁ ଯୋଜନା ରହିଛି ।

କୃଷି କ୍ଷେତ୍ରରେ ଓଡ଼ିଶା ରାଜ୍ୟ ସମବାୟ ବିପଣନ ସଂଘ (ମାର୍କଫେଡ୍) ଓ ଓଡ଼ିଶା ରାଜ୍ୟ ବିହନ ନିଗମ ପାଇଁ କର୍ପସ ପାଣ୍ଠି ଗଠନକୁ ଅନୁମୋଦନ ମିଳିଛି । ୨୦୨୬-୨୭ରୁ ୨୦୨୯-୩୦ ପର୍ଯ୍ୟନ୍ତ ୪ ବର୍ଷରେ ମୋଟ ୧,୩୬୦ କୋଟି ଟଙ୍କା ବ୍ୟୟ ହେବ । ଏଥିରୁ ମାର୍କଫେଡ୍ ପାଇଁ ୯୬୦ କୋଟି ଓ ବିହନ ନିଗମ ପାଇଁ ୪୦୦ କୋଟି ଟଙ୍କା ରଖାଯାଇଛି ।

ପୁରୀ ଜିଲ୍ଲା ଅସ୍ତରଙ୍ଗ ମତ୍ସ୍ୟ ବନ୍ଦରର ଦ୍ୱିତୀୟ ପର୍ଯ୍ୟାୟ ନିର୍ମାଣ ପାଇଁ ଆର୍ଥିକ ବିଡ୍‌କୁ ମଞ୍ଜୁରି ମିଳିଛି । ଜିଏସ୍‌ଟି ବାଦ୍ ଏଥିପାଇଁ ପ୍ରାୟ ୧୩୩.୮୧ କୋଟି ଟଙ୍କା ଖର୍ଚ୍ଚ ହେବ । ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ୧,୯୬୦ଟି ଯନ୍ତ୍ରଚାଳିତ ମାଛଧରା ଡଙ୍ଗା ପାଇଁ ସୁରକ୍ଷିତ ଅବତରଣ ଓ ବର୍ଥ ସୁବିଧା ଉପଲବ୍ଧ ହେବ । ଏଥିସହ ଓଡ଼ିଶା ଅଧସ୍ତନ ମତ୍ସ୍ୟ ସେବା କ୍ୟାଡରର ପୁନର୍ଗଠନକୁ ଅନୁମୋଦନ ମିଳିଛି । ଏହାଦ୍ୱାରା ଅନୁମୋଦିତ ପଦବୀ ସଂଖ୍ୟା ୪୪୫ରୁ ବୃଦ୍ଧି ପାଇ ୭୭୪ ହେବ ଏବଂ ୩୨୯ଟି ଅତିରିକ୍ତ ପଦବୀ ସୃଷ୍ଟି ହେବ ।

ଶିଳ୍ପ କ୍ଷେତ୍ରରେ ଶିଳ୍ପନୀତି-୨୦୨୨ରେ ସଂଶୋଧନକୁ ଅନୁମୋଦନ ଦିଆଯାଇଛି । ଶିଳ୍ପ ସଂସ୍ଥାଗୁଡ଼ିକର ମିଶ୍ରଣ, ଏକତ୍ରୀକରଣ, ପୁନର୍ଗଠନ ଓ ସମ୍ପତ୍ତି ହସ୍ତାନ୍ତର ସମୟରେ ଷ୍ଟାମ୍ପ ଶୁଳ୍କ ସମ୍ପର୍କିତ ଖର୍ଚ୍ଚ ଓ ଅନିଶ୍ଚିତତା କମାଇବା ଏହାର ଉଦ୍ଦେଶ୍ୟ । ଏହାବ୍ୟତୀତ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ତହସିଲର ମହୁଲଡିହ ମୌଜାରେ ଡାକ ବିଭାଗର କାର୍ଯ୍ୟାଳୟ, ଆଧାର ▶ପୃଷ୍ଠା-୮

# ଦଶହରାକୁ ନେଇ ଦ୍ୱନ୍ଦ୍ୱ

■ ପୁରୀ,୧୩।୧୦(ସମିସ): ଦଶହରା ପାଳନକୁ ନେଇ ଏଥର ଦ୍ୱନ୍ଦ୍ୱ ଦେଖାଦେଇଛି । କେଉଁ ଦିନ ପାଳନ ହେବ ଦଶହରା? ପଞ୍ଜିକାରେ ପୀଠେ ଦଶହରା ଅକ୍ଟୋବର ୨୦ ତାରିଖରେ ଉଲ୍ଲେଖ ଥିବାବେଳେ ଶ୍ରୀମନ୍ଦିର ବାର୍ଷିକ ପର୍ବପର୍ବାଣିରେ ଅକ୍ଟୋବର ୨୧ ତାରିଖକୁ ବିଜୟା ଦଶମୀ ଓ ଦଶହରା ଭାବେ ଦର୍ଶାଯାଇଛି । ତିଥି ଓ ପାଳନକୁ ନେଇ ଏଭଳି ଭିନ୍ନତା ସାଧାରଣ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି । ଏହାକୁ ନେଇ ଜ୍ୟୋତିର୍ବିଦ୍ ତଥା ପଞ୍ଜିକା ସମୀକ୍ଷକ ହରିଶଙ୍କର ମିଶ୍ର ପ୍ରଶ୍ନ ଉଠାଇଛନ୍ତି ।

- ପୀଠେ ଦଶହରା ଅକ୍ଟୋବର ୨୦
- ଶ୍ରୀମନ୍ଦିରରେ ୨୧ରେ ବିଜୟା ଦଶମୀ ଓ ଆୟୁଧ ପୂଜା
- ପଞ୍ଜିକାରେ ତିଥି ଉଲ୍ଲେଖକୁ ନେଇ ପ୍ରଶ୍ନ ଉଠାଇଲେ ଜ୍ୟୋତିର୍ବିଦ୍

ଶ୍ରୀ ମିଶ୍ରଙ୍କ ମତରେ, ମୁକ୍ତିମଣ୍ଡପ ପଣ୍ଡିତ ସଭା ଅନୁମୋଦିତ ପଞ୍ଜିକାରେ ପୀଠେ ଦଶହରା ଅକ୍ଟୋବର ୨୦ ତାରିଖରେ ଉଲ୍ଲେଖ ରହିଛି । ତେଣୁ ଆଶ୍ୱିନ ଶୁକ୍ଳ ଦଶମୀ ତିଥିରେ ଅଭିଜିତ୍ ନକ୍ଷତ୍ର ଅନୁଯାୟୀ ସେହିଦିନ ଦଶହରା ପାଳନ କରିବା ବିଧେୟ । ଶ୍ରୀମନ୍ଦିରରେ ମା’ ବିମଳା ବିରାଜମାନ କରୁଥିବାରୁ ପୀଠ ପରମ୍ପରା ଅନୁଯାୟୀ ଅକ୍ଟୋବର ୨୦ ତାରିଖରେ ହିଁ ଦଶହରା ପାଳନ ହେବା ଉଚିତ୍ ବୋଲି ସେ ମତ ଦେଇଛନ୍ତି । ଅନ୍ୟପକ୍ଷରେ, ଅକ୍ଟୋବର ୨୧ ତାରିଖରେ ଶ୍ରୀମନ୍ଦିରରେ ପାଳନ ହେଉଥିବା ପର୍ବକୁ ଦଶହରା ବଦଳରେ ବିଜୟା ଦଶମୀ ଓ ଆୟୁଧ ପୂଜା ଭାବେ ଉଲ୍ଲେଖ କରିବା ଉଚିତ୍ ବୋଲି ଶ୍ରୀ ମିଶ୍ର କହିଛନ୍ତି । ତାଙ୍କ ମତରେ, ଉତ୍କଳୀୟ ପୀଠ ପୂଜା ପରମ୍ପରା ଅନୁଯାୟୀ ଦଶମୀ ତିଥିରେ ଦଶହରା ପାଳନ କରାଯାଏ । ଅନ୍ୟପଟେ, ଅକ୍ଟୋବର ୨୧ରେ ମୃଣ୍ମୟ ଦୁର୍ଗାମୂର୍ତ୍ତିଙ୍କ ପୂଜା ବଙ୍ଗୀୟ ପଦ୍ଧତିରେ ହେଉଥିବାରୁ ସେହି ପରମ୍ପରାରେ ଦଶହରା ପାଳନ କରାଯାଉଛି । ତେବେ ଏହା ଉତ୍କଳୀୟ ପରମ୍ପରାର ଆଧାରରେ ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ଭବିଷ୍ୟତରେ ଏଭଳି ତିଥିଗତ ଦ୍ୱନ୍ଦ୍ୱ ଓ ବିଭ୍ରାନ୍ତି ଏଡ଼ାଇବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ବାର୍ଷିକ ପର୍ବପର୍ବାଣି ତାଲିକାରେ ‘ଆୟୁଧ ପୂଜା’ ଓ ▶ପୃଷ୍ଠା-୮

**ରାଜ୍ୟସଭା ନିର୍ବାଚନ କ୍ରସ୍‌ଭୋଟିଂ ମାମଲା**

# ହାଇକୋର୍ଟ ଲୋଡ଼ିଲେ ଅଧିକ ତଥ୍ୟ

■ କଟକ,୧୩।୧୦(ସମିସ): ରାଜ୍ୟସଭା ନିର୍ବାଚନରେ କ୍ରସ୍‌ଭୋଟିଂ କରିଥିବା ବିଜେଡି ବିଧାୟକଙ୍କ ସଭ୍ୟପଦ ରଦ୍ଦ ପ୍ରସଂଗକୁ ନେଇ ରୁଜୁ ମାମଲାର ଶୁଣାଣି ଆଜି ନୂଆ ଖଣ୍ଡପୀଠରେ ହୋଇଛି । ପୂର୍ବରୁ ଏହି ମାମଲାର ଶୁଣାଣି କରୁଥିବା ଜଷ୍ଟିସ ଆର.କେ.ପଟ୍ଟନାୟକ ଏହି ମାମଲାର ଶୁଣାଣି ଅନ୍ୟ ଖଣ୍ଡପୀଠରେ କରିବା ପାଇଁ କହିଥିଲେ । ମୁଖ୍ୟବିଚାରପତିଙ୍କ ନିର୍ଦ୍ଦେଶ କ୍ରମେ ଏହି ମାମଲାର ଆଜି ଶୁଣାଣି କରିଛନ୍ତି ଜଷ୍ଟିସ ମୃଗାଙ୍କ ଶେଖର ସାହୁ । ତେବେ ଏହି ମାମଲାକୁ ପୁଣି ବାଚସ୍ପତିଙ୍କ ନିକଟକୁ ପଠାଯିବା ପ୍ରସଂଗରେ ପ୍ରତିପକ୍ଷଙ୍କ ନିକଟରୁ ଜବାବ ଲୋଡିଛନ୍ତି ହାଇକୋର୍ଟ । ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ଦଳର ହ୍ୱିପ ମାନି ନଥିବା ଓ ଦଳ ବିରୋଧୀ କାର୍ଯ୍ୟରେ ସଂପୃକ୍ତ ଥିବା ଅଭିଯୋଗ ଆଣି ୮ଜଣ ବିଧାୟକଙ୍କ ବିରୋଧରେ ବାଚସ୍ପତିଙ୍କ ନିକଟରେ ଦାଖଲ ପିଟିସନକୁ ବିନା ଶୁଣାଣିରେ ଖାରଜ କରାଯାଇଥିଲା । ନିର୍ଦ୍ଦିଷ୍ଟ ଫର୍ମାଟରେ ସଠିକ ଭାବେ ଏହି ଆବେଦନ କରାଯାଇନଥିବା କାରଣରୁ ବାଚସ୍ପତି ଏହାକୁ ଖାରଜ କରିଥିଲେ । ତେବେ ଉକ୍ତ ଆବେଦନଟି ସଂଶୋଧନ ଯୋଗ୍ୟ ଓ ଏହାର ତ୍ରୁଟି ସଂଶୋଧନ କରି ପୁଣି ଆବେଦନ କରାଯାଇପାରିବ ବୋଲି ହାଇକୋର୍ଟ କହିଛନ୍ତି । ଏଣୁ ଏହି ପ୍ରସଂଗରେ ପ୍ରତିପକ୍ଷଙ୍କ ଆଇନଜୀବୀ ପରବର୍ତ୍ତୀ ଶୁଣାଣିରେ ଜବାବ ରଖିବାକୁ କହିଛନ୍ତି ହାଇକୋର୍ଟ । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅକ୍ଟୋବର୨୯କୁ ଧାର୍ଯ୍ୟ କରାଯାଇଛି ।

ମାମଲାରୁ ପ୍ରକାଶ ଯେ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରି ବିଜେଡିରୁ ନିଲମ୍ବିତ ବିଧାୟକ ଅରବିନ୍ଦ ମହାପାତ୍ର, ସନାତନ ମହାକୁଡ,ନବକିଶୋର ମଲ୍ଲିକ, ଦେବୀରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ରମାକାନ୍ତ ଭୋଇ, ସୁବାସିନୀ ଜେନା, ଚକ୍ରମଣି କହଁରଙ୍କ ସଭ୍ୟ ପଦ ରଦ୍ଦ ପ୍ରସଂଗ ନେଇ ଦାୟର ଆବେଦନଗୁଡିକୁ ଓଡିଶା ବିଧାନସଭା ବାଚସ୍ପତି ଖାରଜ କରିଥିଲେ । ▶ପୃଷ୍ଠା-୮

# ଏବିଭିପିକୁ ଜିତାଇବା ପାଇଁ ସରକାରଙ୍କ ଆପ୍ରାଣ ଉଦ୍ୟମ : ବିଜେଡି




- ନିର୍ବାଚନରେ ମୁଖ୍ୟ ସଚିବ, ଡିଜିପି, ଜିଲ୍ଲାପାଳଙ୍କ ହସ୍ତକ୍ଷେପ ନିନ୍ଦନୀୟ
- ସଫଳ ହେବ ନାହିଁ ଗଣତନ୍ତ୍ରକୁ ହତ୍ୟା କରି ନିର୍ବାଚନ ଜିତିବା ପ୍ରୟାସ

■ ଭୁବନେଶ୍ୱର,୧୩।୧୦(ସମିସ): ଛାତ୍ର ସଂସଦ ନିର୍ବାଚନରେ ଯେଉଁଠି ବିଜେପି ହାରିବ ବୋଲି ଜାଣୁଛି, ସେଠି ନିର୍ବାଚନ ବାତିଲ କରାଯାଉଛି । ଏବିଭିପି ପ୍ରାର୍ଥୀଙ୍କୁ ବିଜୟ କରାଇବା ପାଇଁ ସରକାରୀ କଳକୁ ବିଜେପି ଉପଯୋଗ କରୁଛି । ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏପରି ଅଭିଯୋଗ କରିଛନ୍ତି ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡେଇ ଓ ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି

ପ୍ରୀତିରଞ୍ଜନ ଘଡ଼େଇ କହିଥିଲେ ଯେ ଅକ୍ଟୋବର ୧୫ ତାରିଖରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବ । ବିଜେପିର ସବୁ ଚକ୍ରାନ୍ତକୁ ପ୍ରତିହତ କରି ବିସିଜେଡି ପ୍ରାର୍ଥୀ ମାନେ ବିଜୟ ଲାଭ କରିବେ । ବିଜେପି ଯେଉଁ ଦମନଲୀଳା ଚଳାଇଛି, ତାହାକୁ ଜେନ-ଜି ମାନେ ପ୍ରତିହତ କରିବେ । ଜେନ-ଜି ମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ରହିଛନ୍ତି । ତାଙ୍କ ପ୍ରତି ଜେନ-ଜି ମାନଙ୍କ ସମର୍ଥନ ଓ ଭଲ ପାଇବା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ବିଜେଡି ପ୍ରତି ଜେନ-ଜି ମାନଙ୍କ ସମର୍ଥନକୁ ବିଜେପି ସହ୍ୟ କରିପାରୁନି । ବିଜେପି ସରକାରରେ ଦୁର୍ନୀତି ଓ ଭ୍ରଷ୍ଟାଚାର ଚରମ ସୀମାରେ ପହଞ୍ଚିଥିବା ବେଳେ ସରକାରୀ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି । ଆଗକୁ ଜେନ-ଜି ମାନେ ସରକାର ପରିବର୍ତ୍ତନ ଆଣିବେ । ଅକ୍ଟୋବର ୧୫ ତାରିଖରେ ଏହାର ଉତ୍ତର ବିଜେପି ସରକାର ପାଇଯିବେ । ଡ.ଲେନିନ ମହାନ୍ତି କହିଥିଲେ ଯେ ଲିଙ୍ଗଡୋ କମିଶନଙ୍କ ନିୟମକୁ ଅବମାନନା କରି ଛାତ୍ର ସଂସଦ ନିର୍ବାଚନରେ ସରକାର ▶ପୃଷ୍ଠା-୮

## ଓଲଟ ପାଲଟ



ଦେଉଳକୁ ମୁଖଶାଳା ବଳିଗଲା
କଲେଜର ନିର୍ବାଚନ,
ହୋ ହଲ୍ଲା ପାଇଁ କଲେଜ କ୍ୟାମ୍ପସ
ପ୍ରତି କ୍ଷଣ କମ୍ପମାନ ।
ପ୍ରାର୍ଥୀଙ୍କ ପ୍ରଚାର ଶୁଭେ ମୁର୍ଦ୍ଦାବାଦ
ତା ସହିତ ଜୟଗାନ,
କାହିଁ ବୋମା ମାଡ଼ କାହିଁ ଅଣ୍ଡା ମାଡ଼
କାହିଁ ମିଠାଇ ବଣ୍ଟନ ।
ଦେଖିଏ ଘଟଣା ଆଖି ମଳି ମଳି
କାନ୍ଦୁ ଅଛି ସମ୍ବିଧାନ ॥

- ଯାଯାବର

# ନବରଙ୍ଗପୁରରେ ନୂଆ ଡାକ ଡିଭିଜନ

■ ବାରିପଦା/ଭୁବନେଶ୍ୱର,୧୩।୧୦(ସମିସ): ଡାକ ସେବାର ଦକ୍ଷତା ବୃଦ୍ଧି, ବ୍ୟବସାୟିକ ସମ୍ପ୍ରସାରଣ ଓ ରାଜସ୍ୱ ବୃଦ୍ଧି ଲକ୍ଷ୍ୟରେ ଓଡ଼ିଶା ଡାକ ସର୍କଲରେ ବ୍ୟାପକ ପ୍ରଶାସନିକ ପୁନର୍ଗଠନ କରାଯାଇଛି । କେନ୍ଦ୍ର ଯୋଗାଯୋଗ ମନ୍ତ୍ରଣାଳୟ ଅଧୀନ ଡାକ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା ଜାରି ହୋଇଛି । ଏହି ନୂତନ ବ୍ୟବସ୍ଥା ଆସନ୍ତା ୨୦୨୬ ନଭେମ୍ବର ୧ ତାରିଖରୁ କାର୍ଯ୍ୟକାରୀ ହେବାକୁ ଯାଉଛି । ବ୍ରହ୍ମପୁର ରିଜିଅନ୍ ଅଧୀନସ୍ଥ କୋରାପୁଟ ଓ କଳାହାଣ୍ଡି ଡିଭିଜନକୁ ପୁନର୍ବିଭାଜନ କରି ନୂତନ ‘ନବରଙ୍ଗପୁର ଡାକ ଡିଭିଜନ’ ଗଠନ କରାଯାଇଛି । ଏହି ନୂଆ ଡିଭିଜନର ମୁଖ୍ୟ କାର୍ଯ୍ୟାଳୟ (ହେଡକ୍ୱାର୍ଟର) ଜୟପୁର ମୁଖ୍ୟ ଡାକଘର ପରିସରରେ କାର୍ଯ୍ୟ କରିବ । ଏହି ଡିଭିଜନ ଅଧୀନରେ ୪ଟି ସବ୍‌ଡିଭିଜନ, ୧ଟି ମୁଖ୍ୟ ଡାକଘର, ୩୧ଟି ଉପଡାକଘର ଓ ୩୪୧ଟି ଶାଖା ଡାକଘର ରହିବ । ରାଜ୍ୟର ତିନୋଟି ଡାକ ରିଜିଅନ (ଭୁବନେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁର) ମଧ୍ୟରେ କାର୍ଯ୍ୟଭାର ସନ୍ତୁଳନ ପାଇଁ ଡିଭିଜନର ପୁନର୍ବଣ୍ଟନ କରାଯାଇଛି । ମୟୂରଭଞ୍ଜ ଓ ରାଇରଙ୍ଗପୁର ଡାକ ଡିଭିଜନକୁ ସମ୍ବଲପୁର ରିଜିଅନ ଅନ୍ତର୍ଭୁକ୍ତ କରାଯାଇଛି । ଯାହାକୁ ନେଇ ପୂର୍ବରୁ ଭଞ୍ଜସେନା ପକ୍ଷରୁ ପ୍ରତିବାଦ କରି ରାଷ୍ଟ୍ରପତି ▶ପୃଷ୍ଠା-୮

**ଭୁବନେଶ୍ୱରରୁ ସମ୍ବଲପୁର ଅଧୀନକୁ ଗଲା ମୟୂରଭଞ୍ଜ ଓ ରାଇରଙ୍ଗପୁର ଡିଭିଜନ**

4001/369/2627

## ଟେଣ୍ଟହାଉସ୍ ମାଲିକ ଏବଂ କର୍ମଚାରୀଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ

- ଅସ୍ଥାୟୀ ପୂଜା ପେଣ୍ଡାଲ ନିର୍ମାଣ ପୂର୍ବରୁ ଆୟୋଜକମାନଙ୍କଠାରୁ ସୁନିଶ୍ଚିତ କରାନ୍ତୁ ଯେ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରୁ ଆବଶ୍ୟକୀୟ ଅନୁମତି ନିଆଯାଇଅଛି ।
- ବିଦ୍ୟୁତ୍ ଲାଇନ୍ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜାରେ କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ ।
- ଲାଇଟ୍, ପଙ୍ଖା, ଏସି, ସାଉଣ୍ଡ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ନିମନ୍ତେ ଉପଯୁକ୍ତ ୱାରିଙ୍ଗ୍ କରନ୍ତୁ ।
- ଯଥା ସମ୍ଭବ ବିଦ୍ୟୁତ୍ ତାରରେ କୌଣସି ପ୍ରକାର ଜଏଣ୍ଟ ରଖନ୍ତୁ ନାହିଁ ଏବଂ ଆବଶ୍ୟକ ସ୍ଥଳେ ବିଦ୍ୟୁତ୍ କୁପରିବାହୀ ଟେପ୍ ବ୍ୟବହାର କରନ୍ତୁ ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ RCCB ବ୍ୟବହାର କରନ୍ତୁ ।
- ଉପଯୁକ୍ତ ରେଟିଙ୍ଗ୍‌ର ISI ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ୍, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ IP (IP ୬୫/IP ୬୬/IP ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍‌ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର ସୁନିଶ୍ଚିତ କରାନ୍ତୁ ।



“ ଆଜିର ସଚେତନତା, ଆସନ୍ତାକାଲିର ସୁରକ୍ଷା ”

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR-4001/4066/2/26-27/0008

# କୁକୁଡାଙ୍ଗ ସଶସ୍ତ୍ର ଡକାୟତିର ପର୍ଦ୍ଦାଫାସ





**ଅନୁଗୋଳ, ୧୩।୧୦(ସମିସ):**

ଗତ ୨୭.୯.୨୬ ରାତିରେ କୁକୁଡ଼ାଙ୍ଗ ଗାଁ ବାମନ ସାଥୁଆଙ୍କ ପୁତ୍ର ପ୍ରକାଶଚନ୍ଦ୍ର ସାଥୁଆ ତେନ୍ତୁଳିପଶିସ୍ଥିତ ତାଙ୍କ ଗହଣା ଦୋକାନ ବନ୍ଦ କରି ମରାମତି କରିବାକୁ ଥିବା ପ୍ରାୟ ୫୦ ଗ୍ରାମ ସୁନାଗହଣା ଧରି ସ୍କୁଟି ଯୋଗେ ଘରକୁ ଫେରୁଥିବା ବେଳେ ଗ୍ରାମେଶ୍ୱରୀ ପୀଠ ନିକଟ ରାସ୍ତାରେ ଦୁଇଟି ମଟର ସାଇକଲରେ ଥିବା ପାଞ୍ଚ ଜଣ ଡକାୟତ ତାଙ୍କୁ ଅଟକାଇ ବାଡ଼ିଆ



ପିଟା କରିଥିଲେ। ପ୍ରକାଶଙ୍କ ସହ ଧସ୍ତାଧସ୍ତି ଚାଲିବାରୁ ଜଣେ ଡକାୟତ ପିସ୍ତଲ କାଢ଼ି ବ୍ଲାଙ୍କ ଫାୟାର କରି ଏଫ୍‌ସିଆଇ ରାସ୍ତା ଦେଇ ପଳାଇଥିଲେ। ବ୍ୟବସାୟୀ ଜଣକ ଏହାପରେ ଟାଉନ୍ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏସପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ଏସଆଇ ଆଦିତ୍ୟ ପଟ୍ଟନାୟକଙ୍କୁ ଏହାର ତଦନ୍ତ ଭାର ଦିଆଯାଇଥିଲା। ପୁଲିସ ଗୁପ୍ତ ସୂଚନାକୁ ଆଧାରକରି ଡକାୟତଙ୍କ ପାଖରେ ପହଞ୍ଚି ଯାଇଥିଲା। ଅଭିଯୁକ୍ତ ପାଞ୍ଚ ଜଣଙ୍କ ମଧ୍ୟରୁ ତିନିଜଣଙ୍କୁ ଗିରଫ କରାଯାଇଥିବା ବେଳେ ଦୁଇ ଜଣ ଫେରାର ଅଛନ୍ତି। ଗିରଫ ବ୍ୟକ୍ତିମାନେ ହେଲେ ଯାଜପୁର କୋରେଇ ଅଞ୍ଚଳର କାଳୀ ଦାସ, ହରିନାଥ ଦାସ ଏବଂ ଗଞ୍ଜାମର ଏମ ଅଜୟ ଆସ୍କା। ସେମାନଙ୍କଠାରୁ ୩୯ ଗ୍ରାମ ସୁନା ଗହଣା, ଦୁଇଟି ମୋଟର ସାଇକଲ, ଫୋନ୍ ଆଦି

## ୩ ଗିରଫ

ଜବତ କରାଯାଇଛି ବୋଲି ମଙ୍ଗଳବାର ଅନୁଷ୍ଠିତ ଏକ ସାମ୍ବାଦିକ ସମିଳନୀରେ ଏସପି ରାହୁଲ ଜୈନ ସୂଚନା ଦେଇଛନ୍ତି। ସାମ୍ବାଦିକ ସମିଳନୀରେ ଏସଡିପିଓ ରମାକାନ୍ତ ମହାଲିକ, ଆଇଆଇସି ପ୍ରକାଶ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ହତ୍ୟା ମାମଲାରେ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

**ତାଳଚେର, ୧୩।୧୦(ସମିସ):** ଏକ ହତ୍ୟା ମାମଲାରେ ବିଚାର କରି ଆଜି ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ, ତାଳଚେର ସତ୍ୟନାରାୟଣ କର ଅଭିଯୁକ୍ତ ଜୀବନ ବେହେରାକୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରି ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ଜୀବନ ବେହେରା ଗତ ୨୪/୬/୨୦୨୧ରେ କୌଣସି କାରଣରୁ ତା' ସ୍ତ୍ରୀ ହୀନ ବେହେରାକୁ ଟାଙ୍ଗିଆରେ ହାଣି ମୁଣ୍ଡ ଗଣ୍ଡି ଅଲଗା କରି ମୁଣ୍ଡକୁ ଏକ ଜରି ବସ୍ତାରେ ପୂରେଇ ରଖିଥିଲା। ଅଭିଯୁକ୍ତର ପୁତ୍ର ମହେଶ୍ୱର ବେହେରା ଏନେଇ ଏକ ଏତଲା ତାଳଚେର ଥାନାରେ ଦେଇଥିଲେ। ଏତଲାକୁ ଆଧାର କରି ତାଳଚେର ଥାନାଧିକାରୀ ଏକ ହତ୍ୟା ମାମଲା ରୁଜୁକରି ଚାର୍ଜସିଟ୍ ଦାଖଲ କରିଥିଲେ। ଏହି ଘଟଣାରେ ସରକାରଙ୍କ ତରଫରୁ ୨୩ ଜଣ ସାକ୍ଷୀଙ୍କ ସାକ୍ଷ୍ୟ କରି ଅଦାଲତ ଅଭିଯୁକ୍ତକୁ ଆଜିବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାକୁ ସରକାରଙ୍କ ତରଫରୁ ଗଦାଧର ମୁର୍ମୁ ଓ ଅର୍ଜୁନ ଭୁତିଆ ପରିଚାଳନା କରୁଥିଲେ।

■ 'ଆମ ଅନୁଗୋଳ ଆମ ଗୌରବ' ପକ୍ଷରୁ

# ପୌର ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର

**ଅନୁଗୋଳ, ୧୩।୧୦(ସମିସ):** ମଙ୍ଗଳବାର ପୂର୍ବାହ୍ନରେ ଅନୁଗୋଳ ଉପଖଣ୍ଡର ଅଗ୍ରଣୀ ସାମାଜିକ ଜନ ଅନୁଷ୍ଠାନ 'ଆମ ଅନୁଗୋଳ ଆମ ଗୌରବ'ର ସଭାପତି ଚନ୍ଦ୍ରକାନ୍ତ ଧଳଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଅନୁଗୋଳ ପୌରପାଳିକାର ନିର୍ବାହୀ ଅଧିକାରୀଙ୍କୁ ସାକ୍ଷାତ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସହରର ବିଭିନ୍ନ ଅଞ୍ଚଳରେ ଦିନକୁ ଦିନ ଧୂଳି ପ୍ରଦୂଷଣ ବୃଦ୍ଧି ପାଉଥିବାରୁ ଏହା ସାଧାରଣ ଜନତା, ବ୍ୟବସାୟୀ ଓ ସହରବାସୀଙ୍କ ସ୍ୱାସ୍ଥ୍ୟ ତଥା ସୁସ୍ଥ ଜୀବନଯାପନ ପାଇଁ ଚିନ୍ତାର କାରଣ ହୋଇଛି। ଜନସମାଗମ ଏବଂ ଯାନବାହନ ଚଳାଚଳ ବୃଦ୍ଧି ପାଇବା ପରିପ୍ରେକ୍ଷୀରେ ସହରର ପ୍ରମୁଖ ରାସ୍ତା, ଜନଗହଳିପୂର୍ଣ୍ଣ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ ଥିବା ଅଞ୍ଚଳ ଅଧିକ ଧୂଳି ଉଡୁଛି। ଆଣ୍ଟି-ସ୍ମଗ୍ ମେସିନ୍ ନିୟୋଜନ ସହିତ ନିୟମିତ ଭାବେ ଜଳ ସିଞ୍ଚନ ଯନ୍ତ୍ର



ଚଳାଇବା ପାଇଁ ଅନୁରୋଧ କରାଯାଇଛି। ଯାତ୍ରୀ, ଗ୍ରାମାଞ୍ଚଳର ଜନସାଧାରଣ, ମହିଳା ଓ ବୟସ୍କ ବ୍ୟକ୍ତିମାନଙ୍କ ସୁବିଧା ଦୃଷ୍ଟିରୁ ସହରର ପ୍ରମୁଖ ଜନଗହଳିପୂର୍ଣ୍ଣ ସ୍ଥାନ, ବସ୍‌ଷ୍ଟାଣ୍ଡ, ବଜାର ଅଞ୍ଚଳ ଓ ଅନ୍ୟାନ୍ୟ ଆବଶ୍ୟକ ସ୍ଥାନରେ ପର୍ଯ୍ୟାପ୍ତ, ପରିଷ୍କାର ଓ ସୁରକ୍ଷିତ ସାଧାରଣ ପରିସ୍ରାଗାର ବ୍ୟବସ୍ଥା କରିବା ଅତ୍ୟନ୍ତ ଜରୁରୀ। ସମ୍ପୃକ୍ତ ସ୍ଥାନ ଚିହ୍ନଟ କରି ନୂତନ ପରିସ୍ରାଗାର ନିର୍ମାଣ ସହିତ ଉପଲବ୍ଧ ପରିସ୍ରାଗାରଗୁଡ଼ିକର ନିୟମିତ ସଫେଇ, ଜଳଯୋଗାଣ ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବା ପାଇଁ ଏକ ଦାବିପତ୍ରରେ ଉଲ୍ଲେଖ ରହିଛି। ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ଆଗାମୀ ଦିନରେ ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତିନିଧିମଣ୍ଡଳୀରେ ଅନୁଷ୍ଠାନର ଉପସଭାପତି ଶେଖ୍ ରଫିକ, ସମ୍ପାଦକ ସୁଧୀର ରଞ୍ଜନ ସାହୁ, କୋଷାଧ୍ୟକ୍ଷ ଅଶୋକ ମୋଦୀ, ସହ ସମ୍ପାଦକ ଦୀପକ ସାହୁ, ଉପଦେଷ୍ଟା ବ୍ରଜବନ୍ଧୁ ଦେହୁରୀ, ସଦସ୍ୟ କପିଳ ଫୋଗଲା, ଆନନ୍ଦ ତ୍ରିବ୍ରେୱାଲ୍ ପ୍ରମୁଖ ଉପସ୍ଥିତ ଥିଲେ।

## ବନପାଳ ଓ ବନରକ୍ଷୀ ନିଯୁକ୍ତି ପରୀକ୍ଷା

**ଅନୁଗୋଳ, ୧୩।୧୦(ସମିସ):** ଅନୁଗୋଳ ବନଖଣ୍ଡ ପକ୍ଷରୁ ବନପାଳ ଓ ବନରକ୍ଷୀ ନିଯୁକ୍ତି ପାଇଁ ଶାରୀରିକ ମାନଦଣ୍ଡ ମାପ (ପିଏସ୍‌ଏମ୍) ଓ ଶାରୀରିକ ଦକ୍ଷତା ପରୀକ୍ଷା (ପିଇଟି) ଅକ୍ଟୋବର ୧୨ ଓ ୧୩ ତାରିଖରେ ଅନୁଷ୍ଠିତ ହୋଇଛି। ଅନୁଗୋଳସ୍ଥିତ ଓଡ଼ିଶା ଫରେଷ୍ଟ ରେଞ୍ଜର୍ସ କଲେଜର ଅଶୋକ ଖେଳ ପଡ଼ିଆ ଏବଂ ଛେଲିଆପଡ଼ା–ନୂଆହତା ବାଇପାସ୍ ରାସ୍ତାରେ ଏହି ପରୀକ୍ଷା କରାଯାଇଥିଲା। ପରୀକ୍ଷାକୁ ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ସହ ପ୍ରାର୍ଥୀମାନଙ୍କ ସୁବିଧା ପାଇଁ ବନଖଣ୍ଡ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଇଥିଲା। ନିଯୁକ୍ତି ନିୟମ ଅନୁଯାୟୀ ପ୍ରାର୍ଥୀଙ୍କ ଶାରୀରିକ ମାନଦଣ୍ଡ ଓ ଦକ୍ଷତା ଯାଞ୍ଚ କରାଯାଇଥିଲା। ଜଙ୍ଗଲ ସୁରକ୍ଷା, ବନ୍ୟପ୍ରାଣୀ ସଂରକ୍ଷଣ ଓ ଜୈବ ବିବିଧତାର ରକ୍ଷା ପାଇଁ ଦକ୍ଷ ଓ ନିଷ୍ଠାପର ବନ କର୍ମଚାରୀ ନିଯୁକ୍ତି ଦିଗରେ ଏହି ପରୀକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଜଣାପଡ଼ିଛି।

## ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଦନ୍ତ ସ୍ୱାସ୍ଥ୍ୟ ଶିବିର



**କଣିହାଁ, ୧୩।୧୦(ସମିସ):** ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦନ୍ତ ସ୍ୱାସ୍ଥ୍ୟର ଯତ୍ନ ଓ ମୁଖ ସ୍ୱଚ୍ଛତା ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଏନ୍‌ଟିପିସି କଣିହାଁ ପକ୍ଷରୁ ଏକ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ ଦନ୍ତ ସ୍ୱାସ୍ଥ୍ୟ ଶିବିର ଆରମ୍ଭ କରାଯାଇଛି। ସୋମବାର କଣିହାଁ ବ୍ଲକ ପାଟଣାସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ଶିବିରର ଉଦ୍‌ଘାଟିତ ହୋଇଥିଲା। ଜଣେ ଯୋଗ୍ୟତାପ୍ରାପ୍ତ ଦନ୍ତ ଚିକିତ୍ସକଙ୍କ ଦ୍ୱାରା ବ୍ଲକ୍‌ର ୨୯ଟି ସରକାରୀ ବିଦ୍ୟାଳୟରେ ପ୍ରାୟ ୪୦ଟି ଶିବିର ଆୟୋଜନ କରାଯିବ। ଏହାଦ୍ୱାରା ପ୍ରାୟ ୫ ହଜାର ୯୦୧ ଜଣ ଛାତ୍ରଛାତ୍ରୀ ଉପକୃତ ହେବେ। ଶିବିରରେ ଦାନ୍ତ ପରୀକ୍ଷା, ମୁଖ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା, ଦାନ୍ତ ରୋଗ ନିରାକରଣ ଏବଂ ଦାନ୍ତର ଯତ୍ନ ନେବାର ଉପାୟ ସମ୍ପର୍କରେ ପରାମର୍ଶ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ଅକ୍ଟୋବର ୧୨ରୁ ୧୬ ତାରିଖ ମଧ୍ୟରେ ୮ଟି ସରକାରୀ ବିଦ୍ୟାଳୟରେ ୫ଟି ଶିବିର ଆୟୋଜନ କରାଯିବ। ଛାତ୍ରଛାତ୍ରୀଙ୍କଠାରେ ଦାନ୍ତଜନିତ ସମସ୍ୟାର ଶୀଘ୍ର ଚିହ୍ନଟ ସହ ନିୟମିତ ଦାନ୍ତ ସଫା ରଖିବା ଓ ମୁଖ ସ୍ୱଚ୍ଛତା ଅଭ୍ୟାସ ଗଢ଼ିତୋଳିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ଏନଟିପିସି କଣିହାଁର ମାନବ ସମ୍ବଳ ବିଭାଗର ଅତିରିକ୍ତ ମହାପ୍ରବନ୍ଧକ ସୁଜିତା ରଥ, କଣିହାଁ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରିୟରଞ୍ଜନ ପ୍ରଧାନ, ବିଦ୍ୟାଳୟର କର୍ତ୍ତୃପକ୍ଷ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ସେବା ସଂକଳ୍ପ ଅଭିଯାନରେ ରଙ୍ଗୋଲି ଉତ୍ସବ

**କଣିହାଁ, ୧୩।୧୦(ସମିସ):** କଣିହାଁସ୍ଥିତ ପବିତ୍ର ମୋହନ ସଭାଗୃହରେ ମଙ୍ଗଳବାର ସେବା ସଂକଳ୍ପ ଅଭିଯାନ ଅବସରରେ ସମବାୟ ବିଭାଗ ଓ ହସ୍ତତନ୍ତ ଏବଂ ବୟନ ଶିଳ୍ପ ବିଭାଗ ପକ୍ଷରୁ ରଙ୍ଗୋଲି ରାଷ୍ଟ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମବାୟ ବିଭାଗର ତାଳଚେର ସହକାରୀ ନିବନ୍ଧକ ନିରଞ୍ଜନ ସେଠ ସମବାୟ ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିବାବେଳେ ବୟନ ନିରୀକ୍ଷକ ସୁନିଲ କୁମାର ସାହୁ ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତିଯୋଗିତାରେ କଣିହାଁ ଜିପିଏଲ୍‌ଏଫ୍ ପ୍ରଥମ, କଣିହାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନେ ଦ୍ୱିତୀୟ ଏବଂ ଦଲକ ଓ କମରେଇ ଜିପିଏଲ୍‌ଏଫ୍ ଯୁଗ୍ମ ଭାବେ ତୃତୀୟ ପୁରସ୍କାର ହାସଲ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅଶୋକ ମହାନ୍ତି, ପଞ୍ଚାୟତସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରହ୍ଲାଦ ସାମଲ, ତାଳଚେର ବିଧାୟକଙ୍କ ପ୍ରତିନିଧି ସୁନିଲ ପ୍ରଧାନ, ବିଡିଓ ତ୍ରିବିକ୍ରମ କୁମୁରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ମୟ ମିଶ୍ର, ଏବିଡିଓ ସୁଚିକ୍ଷ୍ମା ମହାପାତ୍ରଙ୍କ ସମେତ ବ୍ଲକ୍ର ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ, ନିର୍ବାଚିତ ପ୍ରତିନିଧି ଓ ବିଭିନ୍ନ ପଞ୍ଚାୟତରୁ ଆସିଥିବା ହିତାଧିକାରୀ ଉପସ୍ଥିତ ଥିଲେ।

## ଦିନକ ପରେ ଛାତ୍ର ସଂସଦ ନିର୍ବାଚନ; କମ୍ପୁଛି କଲେଜ କ୍ୟାମ୍ପସ୍




**ବଣ୍ଡଁରପାଳ, ୧୩।୧୦ (ସମିସ):** ପାଞ୍ଚଗଡ଼ ସୋମନାଥ ସିଂ ଜଗଦେବ +୩ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ କଲେଜ କ୍ୟାମ୍ପସ ଚଳଚଞ୍ଚଳ ହୋଇଉଠିଛି। ଆସନ୍ତା ଗୁରୁବାର ନିର୍ବାଚନ ହେବାକୁ ଥିବା ବେଳେ ଏବିଭିପି ଓ ବିସିଜେଡି ସମର୍ଥିତ ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକମାନେ ନିଜର ଜିତାପଟ ପାଇଁ ରୀତିମତ କସରତ ଆରମ୍ଭ କରି ଦେଇଛନ୍ତି। କଲେଜ ଫାଟକଠାରୁ ଆରମ୍ଭ କରି ସମସ୍ତ ବଜାର ଓ ମୁଖ୍ୟଛକଗୁଡ଼ିକରେ ପ୍ରାର୍ଥୀଙ୍କ ପୋଷ୍ଟର ଛାଇ ହୋଇଯାଇଛି। ପ୍ରାର୍ଥୀମାନେ ବ୍ୟକ୍ତିଗତ ଭାବେ କଲେଜ ଛାତ୍ରଛାତ୍ରୀଙ୍କ ଘରକୁ ଯାଇ ନିଜ ସପକ୍ଷରେ ଭୋଟ ପାଇଁ ଭେଟିବା ସହ କଲେଜ ତଥା ଛାତ୍ରଛାତ୍ରୀଙ୍କ ମୌଳିକ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଉଛନ୍ତି। ସଭାପତି, ସାଧାରଣ ସମ୍ପାଦକ, ଉପସଭାପତି ପଦ ପାଇଁ ବିସିଜେଡି ପକ୍ଷରୁ ଅର୍ଚ୍ଚନା ମାଝୀ, ବାଦଲ ସେଠୀ, ଶୁଭଙ୍କର ସାହୁ ଓ ଏଭିବିପି ପକ୍ଷରୁ ଅଙ୍କିତା ପଟ୍ଟନାୟକ, ପ୍ରସାଦ ବେହେରା, ହ୍ରିତିସ ନାଏକଙ୍କ ମଧ୍ୟରେ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। 'ହ୍ୱାଇ ଆଇ ଷ୍ଟାଣ୍ଡ ଫର' ମିଟିଂରେ ପ୍ରାର୍ଥୀମାନେ ନିଜ ନିଜର ବକ୍ତବ୍ୟ ରଖିବେ। ନିର୍ବାଚନରେ ବାଜିମାତ ପାଇଁ ପ୍ରାର୍ଥୀମାନଙ୍କର ଗୁପ୍ତ ବୈଠକ ସହ ରାଜନୈତିକ ଉଷ୍ମତା ଦେଖିବାକୁ ମିଳିଛି।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ସଚେତନତା

**ଅନୁଗୋଳ, ୧୩।୧୦(ସମିସ):** ରୋଟାରୀ କ୍ଲବ୍ ଅଫ୍ ଅନୁଗୋଳ ରୟାଲ୍ ଏବଂ ରୋଟାରୀ କ୍ଲବ୍ ଅଫ୍ ତାଳଚେରର ମିଳିତ ସହଯୋଗରେ ଶିଳ୍ପାଞ୍ଚଳ ମହିଳା ମହାବିଦ୍ୟାଳୟ, ତାଳଚେରଠାରେ ଏକ ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଅଛି। ରୋଟାରିଆନ୍ ଡାକ୍ତର ରଶ୍ମିତା ଭଞ୍ଜଦେଓ ଅତିଥି ଭାବେ ଯୋଗ ଦେଇଥିଲେ। ଏହା ମାଧ୍ୟମରେ ଛାତ୍ରଛାତ୍ରୀ ଓ ସମାଜରେ ମାନସିକ ସ୍ୱାସ୍ଥ୍ୟ ପ୍ରତି ସକାରାତ୍ମକ ମନୋଭାବ ସୃଷ୍ଟି କରିବା ସହ ଏକ ସୁସ୍ଥ ଓ ସୁଖୀ ସମାଜ ଗଠନ ପାଇଁ ବାର୍ତ୍ତା ଦିଆଯାଇପାରିବ ବୋଲି ରୋଟାରୀ ରୟାଲ ସଭାପତି ବାଣୀ ଦେବ ମତ ବ୍ୟକ୍ତ କରିଥିଲେ। ଭୀମସେନ ଦେହୁରୀ, ଅଧ୍ୟକ୍ଷ, ଶିଳ୍ପାଞ୍ଚଳ ମହିଳା ମହାବିଦ୍ୟାଳୟ, ତାଳଚେର ଏବଂ ଶିବାନୀ ମହାପାତ୍ର, ଅଧ୍ୟକ୍ଷା, ଶିଳ୍ପାଞ୍ଚଳ ମହିଳା ବିଦ୍ୟାଳୟ ଏବଂ ତାଳଚେର ରୋଟାରୀ କ୍ଲବର ଜ୍ୟୋତ୍ସ୍ନାମୟୀ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ଦୋଳନରେ ସୀମିତ ତାଳଚେର ସମସ୍ୟା

**ତାଳଚେର, ୧୩।୧୦(ସମିସ):** ତାଳଚେର ଏକ ଶିଳ୍ପସମୃଦ୍ଧ ଓ ସମସ୍ୟା ବହୁଳ ଅଞ୍ଚଳ। ବିଭିନ୍ନ ସମୟରେ ରାଜନୈତିକ ଦଳପକ୍ଷରୁ ଆନ୍ଦୋଳନ, ରାସ୍ତାଅବରୋଧ ଏବଂ ଗଣଧାରଣା ଦେବା ଫଳରେ ସାଧାରଣ ଲୋକଙ୍କର ଥିବା ବିଭିନ୍ନ ସମସ୍ୟା ସମାଧାନ ନହୋଇ କେବଳ ରାଜନୈତିକ ଫାଇଦାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଲୋକପ୍ରତିନିଧି ଓ ବିଭିନ୍ନ ରାଜନୈତିକ ଦଳ ନିଜସ୍ୱାର୍ଥ ସମାଧାନ ସହିତ ଦଳୀୟ ସ୍ୱାର୍ଥ ପାଇଁ ଆନ୍ଦୋଳନ ସମୟରେ ରାସ୍ତାରୋକ ଦୋକାନ ବଜାର ବନ୍ଦ କରାଯିବା ଏବଂ ସରକାରୀ କାର୍ଯ୍ୟାଳୟଗୁଡିକ ବନ୍ଦ କରାଯାଉଥିବାକୁ ନେଇ ସାଧାରଣ ଲୋକଟିଏ ଅସୁବିଧାର ସମ୍ମୁଖୀନ ହେବାକୁ ବାଧ ହେଉଛି। ପ୍ରକୃତି ସମସ୍ୟା ହଟୁନାହିଁ କିନ୍ତୁ ପେଶି ହେଉଛନ୍ତି ସାଧାରଣ ଜନତା। ରାସ୍ତା ଅବରୋଧ କିମ୍ବା ସମଗ୍ର ଅଞ୍ଚଳକୁ ବନ୍ଦ କରିଦେଲେ ସମସ୍ୟା ଯଦି ଦୂରେଇ ଯାଉଥାନ୍ତା ତେବେ ତାଳଚେରରେ ଯେତେ ଆନ୍ଦୋଳନ ହେଲାଣି ଆଉ ସମସ୍ୟା ନଥାନ୍ତା ବୋଲି ଆଲୋଚନା ହେଉଛି। ତାଳଚେର ଥିବା ଏହି ବହୁବିଧ ସମସ୍ୟା ଦୂର ହେବା ପରିବର୍ତ୍ତେ ଦିନକୁ ଦିନ ସମସ୍ୟା ଘନୀଭୂତ ହେବାରେ ଲାଗିଛି। ନେତାମାନଙ୍କର ଏହି ଆନ୍ଦୋଳନକୁ କୁମ୍ଭୀର କାନ୍ଦଣା ସହିତ ଲୋକମାନେ ତୁଳନା କରିଛନ୍ତି। ଏଠି ଡବଲ ଇଞ୍ଜିନ ସରକାର ଚାଲିଛି। ତାଳଚେର ଅଞ୍ଚଳର ଲୋକମାନଙ୍କ ବିସ୍ଥାପିତ ସମସ୍ୟା, କୋଲକରିଡର ରାସ୍ତା ଯୋଗୁଁ ଧୂଳିଧୂଆଁ ସମସ୍ୟା, ପାନୀୟଜଳ ଅଭାବ, ସ୍ୱାସ୍ଥ୍ୟ, ଶିକ୍ଷା ଏପରିକି, ନିଯୁକ୍ତି ଓ ଥଇଥାନ ସହ ବ୍ୟବସାୟୀକ ସଂସ୍ଥାଗୁଡ଼ିକର ଥିବା ସମସ୍ୟା ପ୍ରତି ଉପଯୁକ୍ତ ଦୃଷ୍ଟି ଦିଆଯାଉନାହିଁ। କେବଳ ଆନ୍ଦୋଳନ ଓ ରାସ୍ତା ଅବରୋଧ ଦ୍ୱାରା ଏସବୁ ସମସ୍ୟା ସମାଧାନ କରିବାରେ ରାଜନୈତିକ ଦଳଗୁଡିକର ପ୍ରତିନିଧିମାନେ ଲୋକଙ୍କ ସମସ୍ୟା ତୁଳିକୁ ଯାଉ, ଆନ୍ଦୋଳନ କରି ଲୋକଙ୍କ ଦୁଃଖ ଦ୍ୱିଗୁଣିତ ନକରିବାକୁ ସାଧାରଣରେ ମତପ୍ରକାଶ ପାଇଛି। ତାଳଚେରର ସମସ୍ତ ସମସ୍ୟାଗୁଡିକ ରାଜ୍ୟ ଓ କେନ୍ଦ୍ର ସରକାରଙ୍କଠାରେ ସଠିକ୍ ଢଙ୍ଗରେ ଉପସ୍ଥାପନ କରିବା ସହ ଉତ୍ତମ ସମନ୍ୱୟ ରହିଲେ ନିଶ୍ଚିତ ଭାବେ ତାଳଚେରବାସୀଙ୍କ ଦୁଃଖ ଦୂର ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ତାଳଚେର ମେଡିକାଲ କଲେଜ ଦ୍ୱିତୀୟ କୋଇଲା କମ୍ପାନୀ ତାଳଚେରରେ ପ୍ରତିଷ୍ଠା କରାଯିବା, ତାଳଚେର ରେଳଷ୍ଟେସନ୍ ବିକାଶ, ତାଳଚେର-ଅନୁଗୋଳ ରୁପଲାଇନ୍ ଶୀଘ୍ର କାର୍ଯ୍ୟକ୍ଷମ କରାଯିବା, ରାଣୀପାର୍କକୁ ନନ୍ଦନକାନ କରାଯିବା, ତାଳଚେର ଷ୍ଟାଡିୟମ, ରାସ୍ତା ଉପରେ ଯାଇଥିବା ଟ୍ରେନଧାରଣାରେ ଅଣ୍ଡରପାସ୍ ବ୍ରିଜ୍, ଶନିବାର ସାପ୍ତାହିକ ହାଟ ଅଞ୍ଚଳର ସମସ୍ତ ରାସ୍ତା, ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟ ଅଦ୍ୟାବଧି କେବଳ ଦାବିରେ ସୀମିତ ରହିଛି।




## ଜନଶିକ୍ଷଣ ସଂସ୍ଥାନ ପକ୍ଷରୁ କମ୍ପ୍ୟୁଟର ପ୍ରମାଣପତ୍ର ବଣ୍ଟନ




**ଛେଣ୍ଡିପଦା, ୧୩।୧୦(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦାଠାରେ ଗଢି ଉଠିଥିବା ଜନଶିକ୍ଷଣ ସଂସ୍ଥାନ ତରଫରୁ କମ୍ପ୍ୟୁଟର ପ୍ରମାଣପତ୍ର ବଣ୍ଟନ କାର୍ଯ୍ୟକ୍ରମ ଟ୍ରେନର ସୁମନ୍ତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଅଗସ୍ତି ବେହେରାଙ୍କ ପ୍ରତିନିଧି ଭାବରେ ଅକ୍ଷୟ ପଦ ବେହେରାଙ୍କ ସମେତ ଛେଣ୍ଡିପଦା ବ୍ଲକ୍‌ରେ କାର୍ଯ୍ୟରତ ସାମ୍ବାଦିକ ବୁଦ୍ଧଦେବ ବେହେରା, ଲଳିତୀ କୁମାର ବେହେରା, ସ୍ୱସ୍ତିକ ଦେଶ ସାହୁ ପ୍ରମୁଖ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## ଢେଙ୍କାନାଳ ଡାକ ମଣ୍ଡଳ ପକ୍ଷରୁ ଡାକ ମେଳା

**ଛେଣ୍ଡିପଦା, ୧୩।୧୦(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ଜରପଡା ଗ୍ରାମସ୍ଥିତ କଲ୍ୟାଣ ମଣ୍ଡପରେ ଢେଙ୍କାନାଳ ଡାକ ମଣ୍ଡଳ ପକ୍ଷରୁ ଡାକ ମେଳା ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଡାକ ଅଧୀକ୍ଷକ ଜମ୍ବେଶ୍ୱର ଗଡ଼ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପୋଷ୍ଟାଲ୍ ଇନସ୍ପେକ୍ଟର କାର୍ତ୍ତିକ ଚରଣ ଦାସ, ବ୍ୟବସାୟିକ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଜିତ ଦେହୁରୀ, ଆଇପିବି ଶାଖା ପରିଚାଳକ ଜ୍ଞାନେଶ୍ୱର ପ୍ରମୁଖ ଯୋଗ ଦେଇଥିଲେ। ବିଶେଷ କରି ଡାକ ବିଭାଗ ମାଧ୍ୟମରେ ଚାଲିଥିବା ସ୍ୱଳ୍ପ ସଞ୍ଚୟ ଯୋଜନା, କିସାନ ବିକାଶ ପତ୍ର, ଜାତୀୟ ସଞ୍ଚୟ ଯୋଜନା, ଗ୍ରାମୀଣ ଡାକବୀମା, ସୁକନ୍ୟା ସମୃଦ୍ଧି ଯୋଜନା, ମାସିକ ସଞ୍ଚୟ, ଫିକ୍ସ ଡିପୋଜିଟ୍, ରେକରିଂଗ ଡିପୋଜିଟ୍ ଆଦି ସମ୍ପର୍କରେ ସବିଶେଷ ଭାବେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ଶତାଧିକ ମହିଳା ଏବଂ ଗୃହିଣୀ ଯୋଗ ଦେଇଥିଲେ। ସ୍ଥାନୀୟ ଡାକ ବିଭାଗ ଅଧିକାରୀ ଏବଂ କର୍ମଚାରୀମାନେ ଶିବିର ପରିଚାଳନା କରିଥିଲେ।

## ୨୦ଟି ନୂତନ ପ୍ରକଳ୍ପର ଭୂମିପୂଜା ଓ ଉଦ୍‌ଘାଟନ



**ଅନୁଗୋଳ, ୧୩।୧୦(ସମିସ):** ଗୋଟିଏ ଦିନରେ ଗୋଟିଏ ପଞ୍ଚାୟତରେ ପ୍ରାୟ ୨କୋଟି ଟଙ୍କା ବ୍ୟୟରେ ୨୦ଟି ନୂତନ ପ୍ରକଳ୍ପର ଶୁଭ ଉଦଘାଟନ ଏବଂ ଭୂମି ପୂଜା ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲ୍ଲାର ଛେଣ୍ଡିପଦା ବ୍ଲକ ବେଣାଗାଡିଆ ପଞ୍ଚାୟତରେ ଏହିସବୁ ପ୍ରକଳ୍ପର ଭୂମି ପୂଜା ଓ ଉଦଘାଟନ କରିଛନ୍ତି ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା। ଏହିସବୁ ପ୍ରକଳ୍ପ ମଧ୍ୟରେ ବିଭିନ୍ନ ସ୍ଥାନରେ ଡ୍ରେନ, କଂକ୍ରିଟ ରାସ୍ତା, ସାପ୍ତାହିକ ହାଟ, କୋଠ ଘର, ମନ୍ଦିର ମଣ୍ଡପ ଓ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ରହିଛି। ଜିଲ୍ଲା ଖଣିଜ ପାଣ୍ଠି ଏବଂ ସରକାରୀ ଅନୁଦାନରେ ଏ ସମସ୍ତ ପ୍ରକଳ୍ପ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଛେଣ୍ଡିପଦା ବିଡ଼ିଓ, ସ୍ଥାନୀୟ ସରପଞ୍ଚ, ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷଙ୍କ ସମେତ ବହୁ ନିର୍ବାଚିତ ପ୍ରତିନିଧି ଏବଂ କର୍ମୀ ଯୋଗ ଦେଇଥିଲେ।

## ଏନ୍‌ଏସି ଅଧ୍ୟକ୍ଷା, ଉପାଧ୍ୟକ୍ଷ, ୬ କାଉନସିଲରଙ୍କ ସମେତ କର୍ମୀଙ୍କ ଇସ୍ତଫା

**ଆଠମଲ୍ଲିକ, ୧୩।୧୦(ସମିସ):** ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀରେ ଜଣେ ନେତା ମହେନ୍ଦ୍ର ସାହୁଙ୍କୁ ବିଜେଡି ଗତ ସୋମବାର ଚଳିତ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ଦଳୀୟ ବିଶୃଙ୍ଖଳା କାର୍ଯ୍ୟରେ ଲିପ୍ତ ଅଭିଯୋଗରେ ବହିଷ୍କାର କରିଛି। ଘଟଣା ପ୍ରଚାର ହେବାପରେ ଏନଏସି ଅଞ୍ଚଳରେ ଥିବା ବିଜୁ ଜନତାଦଳ କର୍ମୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଠମଲ୍ଲିକ ଏନଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁ, ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, କାଉନସିଲର ସିଲି ମୁଣ୍ଡାଙ୍କ ସମେତ ବହୁ ସଂଖ୍ୟାରେ କର୍ମୀ ଓ କିଛି କର୍ମକର୍ତ୍ତା ସମୂହ ଇସ୍ତଫା ଦେଇଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଘଟଣା ଏନ୍‌ଏସ ଅଞ୍ଚଳରେ ଚର୍ଚ୍ଚାର ବିଷୟ ରହିଛି।

**ଆସୁଛନ୍ତି ମା': ଚଳଚଞ୍ଚଳ ଘୋଷର ଗାଁ**



# ୫୦ ଫୁଟ୍‌ର ରାବଣ ପୋଡ଼ି ଓ ମହିଷାସୁର ଦରବାର ମୁଖ୍ୟ ଆକର୍ଷଣ

**କିଶୋରନଗର, ୧୩।୧୦ (ସଞ୍ଜୟ ଦାଶ):**

ଧରାବତରଣ କରିବେ ମା' ଦୁର୍ଗା। ଅଞ୍ଚଳର ସର୍ବପୁରାତନ ତଥା ପ୍ରସିଦ୍ଧ ଘୋଷର ଦୁର୍ଗା ପୂଜା କମିଟି ପକ୍ଷରୁ ଚଳିତବର୍ଷ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣଠାରୁ ଆରମ୍ଭ କରି ଆକର୍ଷଣୀୟ ତୋରଣ ଓ ଆଲୋକସଜ୍ଜା ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷର ମୁଖ୍ୟ ଆକର୍ଷଣ ସାଜିଛି ବିଶାଳ ରାବଣ ପୋଡ଼ି ଏବଂ ପୌରାଣିକ ନାଟକ ମହିଷାସୁର ଦରବାର। ଚଳିତବର୍ଷ ରାବଣ ପୋଡି ପାଇଁ ପ୍ରାୟ ୫୦ ଫୁଟ ଉଚ୍ଚତାର ଏକ ବିଶାଳ ରାବଣ ପ୍ରତିକୃତି ନିର୍ମାଣ କରାଯାଉଛି। ବିଜୟଦଶମୀ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ଆକର୍ଷଣୀୟ ଆତସବାଜି ପ୍ରଦର୍ଶିତ ହେବ। ଏହାସହ ଶ୍ରୀରାମଙ୍କ ବିଜୟ ଉତ୍ସବକୁ ସ୍ମରଣୀୟ କରିବାକୁ ସ୍ୱତନ୍ତ୍ର ଅଘୋରି ନୃତ୍ୟର ମଧ ବ୍ୟବସ୍ଥା କରାଯାଇଛି। ସେହିପରି ତିନିଦିନିଆ ମହିଷାସୁର ଦରବାର ପୌରାଣିକ କିମ୍ବଦନ୍ତୀ ଓ ଲୋକକଳାକୁ ଜୀବନ୍ତ ରଖିବା ଲକ୍ଷ୍ୟରେ ପୂଜା କମିଟି ଏ ପ୍ରୟାସ ହାତକୁ ନେଇଛି। ଆସନ୍ତା ୧୮ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ମଞ୍ଚସ୍ଥ ହେବ ପୌରାଣିକ କାର୍ଯ୍ୟକ୍ରମ ମହିଷାସୁର ଦରବାର। ଏହି ମଞ୍ଚରେ ପୌରାଣିକ କାହାଣୀର ସଫଳ ରୂପାୟନ କରାଯିବ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ମଞ୍ଚରେ ଅଞ୍ଚଳର ବହୁ ପ୍ରତିଷ୍ଠିତ ବ୍ୟକ୍ତି, ବୁଦ୍ଧିଜୀବୀ ଏବଂ ବିଭିନ୍ନ ରାଜନୈତିକ ଦଳର ବର୍ଷୀୟାନ ନେତାମାନେ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାଦ୍ୱାରା ସାଧାରଣ ଜନତା ଓ ନେତୃବୃନ୍ଦଙ୍କ ମଧ୍ୟରେ ଏକ ସୁନ୍ଦର ଭାବବିନିମୟର ସୁଯୋଗ ସୃଷ୍ଟି ହେବ।



### ଭକ୍ତଙ୍କ ପାଇଁ ଲକି ଡ୍ର'

ଚଳିତ ବର୍ଷ ପୂଜା କମିଟି ଭକ୍ତ ଓ ଦର୍ଶକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର "ଲକି ଡ୍ର' ର ବ୍ୟବସ୍ଥା ମଧ କରିଛି। ଏହି ଲକି ଡ୍ର' ଜରିଆରେ ଭାଗ୍ୟଶାଳୀ ବିଜେତାମାନେ ମା'ଙ୍କ ପବିତ୍ର ଆଜ୍ଞା ଲଡୁ ସହିତ ଏକ ମଙ୍ଗଳସୂତ୍ର ଜିତିବାର ସୁବର୍ଣ୍ଣ ସୁଯୋଗ ପାଇପାରିବେ। ଏହି ବ୍ୟବସ୍ଥାକୁ ନେଇ ସାଧାରଣରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଘୋଷର ଗାଁର ଏହି ସର୍ବପୁରାତନ ପୂଜା କମିଟିର ଏଭଳି ବୃହତ ଆୟୋଜନ କେବଳ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ମଧ ଆକର୍ଷିତ କରିବ ବୋଲି ଆଶା କରାଯାଉଛି। ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ଏହି ମହାପର୍ବକୁ ସଫଳ କରିବା ପାଇଁ ଦିନରାତି ଏକ କରି ପରିଶ୍ରମ କରୁଛନ୍ତି।

### ସେମାନଙ୍କ ମତ..



ଆମ ଗାଁର ସବୁଠାରୁ ବଡ଼ ପର୍ବ ହେଉଛି ଦୁର୍ଗାପୂଜା। ତେଣୁ ଆମେ ଏହାକୁ ବହୁତ ଧୁମଧାମରେ ପାଳନ କରୁ। ଏବର୍ଷ ଆମେ ସ୍ୱତନ୍ତ୍ର ଭାବରେ ମହିସାଧୁର ଦରବାର କରୁଛୁ। ଯାହାର ମୂଳ ଲକ୍ଷ୍ୟ ହେଲା ଆମ ସଂସ୍କୃତିକୁ ବଜାୟ ରଖିବା। ଏଥର ୧୦ ହଜାରରୁ ଅଧିକ ଲୋକ ସମାଗମ ହେବାର ଆକଳନ କରାଯାଇଛି।

**ନିରଞ୍ଜନ ସାହୁ**, ସଭାପତି



ଆମ ଅଞ୍ଚଳର ସବୁଠାରୁ ପୁରୁଣା ଦୁର୍ଗା ପୂଜା କମିଟି ଆମ ଗାଁର। ଯେତେବେଳେ ସମସ୍ତେ ମେଲୋଡି ଓ ଆଧୁନିକତା ପଛରେ ମାତିଛନ୍ତି। ହେଲେ ଆମେ ଆଧାମିକକୁ ଗୁରୁତ୍ୱ ଦେଇଛୁ। ସମ୍ପୂର୍ଣ୍ଣ ଦୁର୍ଗାପୂଜାରେ ଆମେ ପାରମ୍ପରିକ ବାଦ୍ୟ ସହ କଳା ସଂକୃତିକୁ ଗୁରୁତ୍ୱ ଦେଉଛୁ।

**ବୁନୁ ପ୍ରଧାନ**, ସଦସ୍ୟ



କମିଟି ପକ୍ଷରୁ ଏଥର ବ୍ୟାପକ ପ୍ରସ୍ତୁତି କରାଯାଇଛି। କିପରି ଭକ୍ତମାନେ ଶାନ୍ତିଶୃଙ୍ଖଳାରେ ପୂଜାକୁ ଉପଭୋଗ କରିବେ ତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଯୁବପିଢ଼ିଙ୍କୁ ଗୁରୁତ୍ୱ ଦେଇ ରାବଣ ପୋଡିକୁ ଅଧିକ ଆକର୍ଷଣୀୟ କରିବାକୁ କମିଟି ନିଷ୍ପତ୍ତି ନେଇଛି।

**ହିମାଂଶୁ କୁମାର**, ସମ୍ପାଦକ



ଚଳିତ ବର୍ଷ ଘୋଷର ଗାଁରେ ଦୁର୍ଗା ପୂଜାରେ ମହିଷାସୁର ଦରବାର କାର୍ଯ୍ୟକ୍ରମ ଯୋଗୁଁ ଜନଗହଳିକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ସହ ଆଇନଶୃଙ୍ଖଳାକୁ ବଜାୟ ରଖିବା ଦିଗରେ ପୁଲିସ ଗୁରୁତ୍ୱ ଦେବ।

**ଆଇଆଇସି**, କିଶୋରନଗର ଥାନା

**ଛାତ୍ର ସଂସଦ ନିର୍ବାଚନ**

# ସରିଲା ପ୍ରଚାର; ଦିନକ ପରେ ନିର୍ବାଚନ

ଭୁବନେଶ୍ୱର, ୧୩/୧୦(ସମିସ): ଛାତ୍ର ସଂସଦ ନିର୍ବାଚନ ପାଇଁ ମଙ୍ଗଳବାର ପ୍ରଚାର ଶେଷ ହୋଇଛି। ଶେଷ ଦିନରେ ନିଜର ସମର୍ଥନ ଗୋଟାଇବା ପାଇଁ କେହି କୌଣସି ସୁଯୋଗ ହାତଛଡ଼ା କରି ନାହାଁନ୍ତି। ବିଶାଳ କାର୍ ରାଲି ମାଧ୍ୟମରେ କିଏ ନିଜ ପକ୍ଷକୁ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରୟାସ କରିଛନ୍ତି, ତ ଆଉ କେଉଁଠି ଡିଜେ ବା ବଜାଇ ନାଚଗୀତ କରିଛନ୍ତି। ଖାଦ୍ୟ ପେୟରେ ମଧ୍ୟ କଣସି କମି ରହୁନି। ଗୁପଚୁପ, ଦହିବରା ଓ ଆଇସ୍କ୍ରିମ ମାଗଣା ରେ ବାଣ୍ଟିଛନ୍ତି। ଛାତ୍ରଛାତ୍ରୀଙ୍କ ଚାହିଦା ଅନୁଯାୟୀ ବିରିୟାନୀ ବଣ୍ଟା ହୋଇଛି। ଦିନକ ପରେ ନିର୍ବାଚନ ଥିବାବେଳେ କଲେଜ କ୍ୟାମ୍ପସରେ ମାହୋଲ ସରଗରମ୍ ରହିଛି। ଏକାଧିକ ଶିକ୍ଷାନୁଷ୍ଠାନରେ ଉତ୍ତେଜନା ପ୍ରକାଶ ପାଇଥିଲା ବେଳେ ଆଗକୁ ଶୈକ୍ଷିକ ବାତାବରଣ ବଜାୟ ରଖିବା ଆଉ ଏକ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି।

ପ୍ରଚାରର ଶେଷ ଦିନରେ ପ୍ରାର୍ଥୀମାନେ କ୍ଲାସ ରୁମରୁ ଆରମ୍ଭ କରି ଡିପାର୍ଟମେଣ୍ଟ ଯାଏଁ ବୁଲି ଛାତ୍ରୀଛାତ୍ରଙ୍କୁ ଭୋଟ ଭିକ୍ଷା କରିଛନ୍ତି। ଆସନ୍ତାକାଲି ଅର୍ଥାତ୍ ବୁଧବାର ଦିନ 'ହ୍ୱାଇ ଆଇ ଷ୍ଟାଣ୍ଡ ଫର୍' ବୈଠକ ଅନୁଷ୍ଠିତ ହେବ। ପ୍ରାର୍ଥୀମାନେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବେ। କାହିଁକି ଠିଆ ହୋଇଛନ୍ତି କହିବେ। ନିଜ ଲକ୍ଷ୍ୟ, ଯୋଜନା ଓ ପ୍ରତିଶ୍ରୁତି ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ରଖିବେ। ସକାଳ ୧୦ଟା ପରଠାରୁ ବିଭିନ୍ନ କ୍ୟାମ୍ପସରେ 'ହ୍ୱାଇ

**ଆଜି 'ହ୍ୱାଇ ଆଇ ଷ୍ଟାଣ୍ଡ ଫର୍'**

ଆଇ ଷ୍ଟାଣ୍ଡ ଫର୍' ବୈଠକ ଅନୁଷ୍ଠିତ ହେବ। ଆସନ୍ତା ୧୫ ତାରିଖ ସକାଳ ୮ଟାରୁ ଅପରାହ୍ଣ ୨ଟା ଯାଏଁ ଭୋଟ ଗ୍ରହଣ ହେବ। ମତଦାନ ସରିବା ପରେ ଅପରାହ୍ଣ ୨ଟାରୁ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ୧୬ ତାରିଖରେ ବିଜୟୀ ଛାତ୍ର ପ୍ରତିନିଧିମାନେ ଶପଥ ଗ୍ରହଣ କରିବେ।

ଛାତ୍ର ସଂସଦ ନିର୍ବାଚନ ପାଇଁ ରାଜ୍ୟର ପ୍ରମୁଖ ବିଶ୍ୱବିଦ୍ୟାଳୟ ଉତ୍କଳରେ ପତିଆରା ପ୍ରଦର୍ଶନ ଜୋରଦାର ହୋଇଛି। ଶେଷ ଦିନରେ କ୍ୟାମ୍ପସରେ ଛାତ୍ର କଂଗ୍ରେସ ନିଜ ପତିଆରା ଦେଖାଇଛି। ସଂଗଠନର ପ୍ରାର୍ଥୀମାନେ ବିଶାଳ କାର୍ ରାଲି କରି ପ୍ରଚାର କରିଛନ୍ତି। ଧାଡ଼ି ଧାଡ଼ି କାର୍ ସହ ଏକ ଖୋଲା ଜିପରେ ଠିଆ ହୋଇ ପ୍ରାର୍ଥୀମାନେ କ୍ୟାମ୍ପସ ପରିକ୍ରମା କରଛନ୍ତି। ପ୍ରାୟ ଅଧ କିଲୋମିଟର ଯାଏଁ ଲମ୍ବିଥିବା ଏହି ରାଲି କ୍ୟାମ୍ପସରେ ବେଶ ଚର୍ଚ୍ଚା ପାଲଟିଥିଲା। ସେହିପରି ବିସିଜେଡି ପ୍ରାର୍ଥୀମାନେ ସମର୍ଥକଙ୍କୁ ନିର୍ଚାଚନ ହିଂସାରେ ସାମିଲ ନ ହୋଇ ନିଜ ସମସ୍ୟାର ସମାଧାନ କରିପାରୁଥିବା ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଏବିଭିପିର ପ୍ରାର୍ଥୀମାନେ ପୁସିଂ କାର୍ଡ ଏବଂ ନିର୍ବାଚନ ଇସ୍ତାହାର ବଣ୍ଟନ କରିଥିଲେ। ନକଲି ବାଲାଟ ପେପର ମାଧ୍ୟମରେ କିଭଳି ଭୋଟ ଦିଆଯାଏ ଜଣାଇଥିଲେ।

ଅନ୍ୟତମ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ମଧ୍ୟ ଶେଷ ଦିନରେ ପ୍ରଚାର ଜମୁଛି। ନିର୍ବାଚନ ପ୍ରଚାରକୁ ନେଇ ଦୁଇ ଗୋଷ୍ଠୀ ଭିତରେ ବିବାଦ ଦେଖାଦେଉଛି। କ୍ୟାମ୍ପସରେ ଅଣଛାତ୍ର ପ୍ରବେଶ, ବାଲାଟ ପେପର ସଂଖ୍ୟା ପରିବର୍ତ୍ତନ ଭଳି ବିଭିନ୍ନ ଘଟଣାକୁ ନେଇ କ୍ୟାମ୍ପସରେ ଉତ୍ତୋଜନା ଦେଖା ଦେଇଛି।

# ବନ୍ଦ କୋଠରୀରୁ ଦମ୍ପତିଙ୍କ ମୃତ ଦେହ ଉଦ୍ଧାର



ଖଡ଼ିଆଳ,୧୩।୧୦(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ଅଧୀନ ଡୁଆଝର ପଞ୍ଚାୟତର ଭୀମାଖୋଲ ଗ୍ରାମରେ ଏକ କୋଠରିରୁ ଦମ୍ପତିଙ୍କ ମୃତଦେହ ହୋଇଛି। ମୃତକ ହେଲେ ସଂକୀର୍ତ୍ତନ ଗହୀର (୨୩) ଓ ତାଙ୍କ ସ୍ତ୍ରୀ ସୁଭଦ୍ରା ଗହୀର (୨୦)। ସଂକୀର୍ତ୍ତନଙ୍କ ମୃତଦେହ ଖଟଉପରେ ଗୋଡ଼ବନ୍ଧା ଅବସ୍ଥାରେ ପଡ଼ିଥିବାବେଳେ ତାଙ୍କ ସ୍ତ୍ରୀଙ୍କ ମୃତଦେହ କୋଠରି ଭିତରେ ଓଢ଼ଣୀରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଉଭୟେ ରାତିରେ ଖାଇ ଶୋଇଥିବାବେଳେ ସକାଳ ପ୍ରାୟ ୭ଟା ପର୍ଯ୍ୟନ୍ତ ଉଠି ନ ଥିଲେ। ସନ୍ଦେହ ହେବାରୁ ସଂକୀର୍ତ୍ତନଙ୍କ ମାଆ ରୁକ୍ମିଣୀ ଗହୀର ଘରର ସିଡ଼ି ରାସ୍ତା ଦେଇ ଭିତରକୁ ପ୍ରବେଶ କରିଥିଲେ। ସେଠାରେ ପୁଅ ଓ ବୋହୂଙ୍କ ମୃତଦେହ ଦେଖି ଅନ୍ୟମାନଙ୍କ ସହାୟତାରେ ପୁଲିସକୁ ଖବର ଦେଇଥିଲେ। ତେବେ ଦମ୍ପତିଙ୍କ ମୃତ୍ୟୁର ପ୍ରକୃତ କାରଣ ଏଯାଏଁ ସ୍ପଷ୍ଟ ହୋଇନାହିଁ। ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ ଓ ଥାନା ଅଧିକାରୀ ସୁମନ୍ତ ନାଏକ ପୁଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଅନ୍ୟପକ୍ଷରେ ବୋହୂ ସୁଭଦ୍ରା ତାଙ୍କ ପୁଅକୁ ହତ୍ୟା କରି ପରେ ଆତ୍ମହତ୍ୟା କରିଥିବା ସଂକୀର୍ତ୍ତନଙ୍କ ମାଆ ଅଭିଯୋଗ କରିଛନ୍ତି।

# ବାର୍‌ହା ଫାଶ ଲାଗି ଯୁବକ ମୃତ

ସାନଖେମୁଣ୍ଡି,୧୩।୧୦(ସମିସ) : ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ବାର୍‌ହା ଫାଶରେ ଲାଗି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ଜଣଙ୍କ ହେଲେ ପାଟପୁର ଥାନା ପ୍ରତାପଗିରି ଗ୍ରାମର ମେହେଙ୍କାଳ ନାୟକ। ସୂଚନା ମୁତାବକ ସୋମବାର ସଂଧ୍ୟାରେ ମେହେଙ୍କାଳ ନିଜ ଘର କାମ କରିବା ପାଇଁ ଗଙ୍ଗାପୁର ପଞ୍ଚାୟତ ଭାଲୁପଲ୍ଲୀ ଗ୍ରାମକୁ ମିସ୍ତ୍ରି ସନ୍ଧାନରେ ଯାଇଥିଲେ। ମିସ୍ତ୍ରି ବୁଝିସାରି ଘରକୁ ଆସିବା ବେଳେ ଭାଲୁପଲ୍ଲୀ ଗ୍ରାମ ନିକଟରେ ଥିବା ଏକ କଲଭର୍ଟ ପାଖ ଚାଷ ଜମିକୁ ଗୋଡ଼ ଧୋଇବା ପାଇଁ ଯାଇଥିବା ବେଳେ ସେହି କଲଭର୍ଟ ନିକଟରେ ବାର୍‌ହା ଶିକାର ପାଇଁ ଲଗାଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲେ। ଫଳରେ ମେହେଙ୍କାଳ ଛିଟିକି ହୋଇ ପଡ଼ିଯାଇଥିଲେ। ସେହି ରାସ୍ତା ଦେଇ ଯାଉଥିବା ଲୋକେ ମେହେଙ୍କାଳକୁ ଉଦ୍ଧାର କରି ସ୍ଥାନୀୟ ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ମେହେଙ୍କାଳକୁ ମୃତ ଘୋଷଣା କରିଥିଲେ।

# ମଜବୁତ ଭିତ୍ତିଭୂମି ଆଗାମୀ ପିଢ଼ିକୁ ସଶକ୍ତ କରିବ: ବିଜେଡି

ଭୁବନେଶ୍ୱର, ୧୩।୧୦ (ସମିସ): ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ୨୦୦୦ରୁ ୨୦୨୪ ମଧ୍ୟରେ ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଥିଲା। ଛାତ୍ରଛାତ୍ରୀଙ୍କ ନାମଲେଖା ବୃଦ୍ଧି, ନୂତନ ବିଶ୍ୱବିଦ୍ୟାଳୟ ଓ ମେଡିକାଲ କଲେଜ ପ୍ରତିଷ୍ଠା, ଛାତ୍ରବୃତ୍ତି ପ୍ରଦାନ ଏବଂ ଶିକ୍ଷାନୁଷ୍ଠାନର

**■ ନବୀନଙ୍କ ନେତୃତ୍ୱରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଐତିହାସିକ ପରିବର୍ତ୍ତନ**
**■ ମହାବିଦ୍ୟାଳୟ ୫୪୮ ରୁ ୧,୦୨୪, ବିଶ୍ୱବିଦ୍ୟାଳୟ ୮ ରୁ ୪୨କୁ ବୃଦ୍ଧି**

ଭିତ୍ତିଭୂମି ବିକାଶ ଦିଗରେ ବିଜେଡି ସରକାର ଅନେକ ପଦକ୍ଷେପ ନେଇଥିଲେ। ଏହି ମଜବୁତ ଭିତ୍ତିଭୂମି ଆଗାମୀ ପିଢ଼ିକୁ ସଶକ୍ତ କରିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ବିଜେଡିର ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି, ୨୦୦୦ରେ ଉଚ୍ଚଶିକ୍ଷାରେ ଛାତ୍ରଛାତ୍ରୀଙ୍କ ନାମଲେଖା ୩.୨ ଲକ୍ଷ ଥିବାବେଳେ ୨୦୨୩ରେ ଏହା ୬.୫ ଲକ୍ଷକୁ ବୃଦ୍ଧି ପାଇଥିଲା। ଏଥିରେ ୩.୮ ଲକ୍ଷ ବାଳିକା ଥିଲେ। ମୋଟ ନାମଲେଖା ଅନୁପାତ ୧୧ରୁ ୨୧ ପ୍ରତିଶତକୁ ବଢ଼ିଥିଲା। ଏହି ସମୟରେ ମହାବିଦ୍ୟାଳୟ ସଂଖ୍ୟା ୫୪୮ରୁ ୧,୦୨୪କୁ, ବିଶ୍ୱବିଦ୍ୟାଳୟ ୮ରୁ ୪୨କୁ ଏବଂ ମେଡିକାଲ କଲେଜ ୩ରୁ ୧୫କୁ ବୃଦ୍ଧି ପାଇଥିଲା। ଉଚ୍ଚଶିକ୍ଷା ବିଭାଗର ବଜେଟ୍ ୪୭୩ କୋଟିରୁ ୩,୧୭୩ କୋଟି ଟଙ୍କାକୁ ବଢ଼ିଥିବାବେଳେ ଭିତ୍ତିଭୂମି ଖର୍ଚ୍ଚ ୨୦ କୋଟିରୁ ୨୬୦ କୋଟିକୁ ପହଞ୍ଚିଥିଲା।

ରେଭେନ୍ସା, ରମାଦେବୀ ମହିଳା, ଗଙ୍ଗାଧର ମେହେର, ଓଡ଼ିଶା ରାଜ୍ୟ ମୁକ୍ତ, ଖଲ୍ଲିକୋଟ ଏକକ, କଳାହାଣ୍ଡି, ରାଜେନ୍ଦ୍ର ଓ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଉଚ୍ଚଶିକ୍ଷାର ପରିସର ବଢ଼ାଇଥିଲା। ଏଥିସହ ଆଇଆଇଟି, ଏମ୍ସ, ନାଇଜର, ଆଇଜର, ଆଇଆଇଏମ୍ ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରି ଜାତୀୟ ଅନୁଷ୍ଠାନ ପାଇଁ ଭିତ୍ତିଭୂମି ସହାୟତା ଦିଆଯାଇଥିଲା।

ଛାତ୍ରଛାତ୍ରୀଙ୍କୁ ସହାୟତା ପାଇଁ କଳିଙ୍ଗ ଶିକ୍ଷା ସାଥୀ, ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଓ 'ନୂଆ-ଓ' ଛାତ୍ରବୃତ୍ତି ଯୋଜନା ପ୍ରଚଳନ କରାଯାଇଥିଲା। ବିଜୁ ଯୁବ ସଶକ୍ତିକରଣ ଯୋଜନାରେ ମାଗଣା ଲାପଟପ୍ ବଣ୍ଟନ ସହ 'ମୋ କଲେଜ ଅଭିଯାନ' ମାଧ୍ୟମରେ ପୁରାତନ ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନ ସହ ଯୋଡ଼ାଯାଇଥିଲା। ତେବେ ବର୍ତ୍ତମାନର ବିଜେପି ସରକାର 'ନୂଆ-ଓ' ଛାତ୍ରବୃତ୍ତି ବନ୍ଦ କରିଦେଇଥିବା ବିଜେଡି ଅଭିଯୋଗ କରିଛି।

ଗବେଷଣା, ନବସୃଜନ, ଅଧ୍ୟାପକ ନିଯୁକ୍ତି ଓ କେନ୍ଦ୍ରୀକୃତ ନାମଲେଖା ବ୍ୟବସ୍ଥା ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧିରେ ସହାୟକ ହୋଇଥିଲା। ପ୍ରତ୍ୟେକ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଉଚ୍ଚଶିକ୍ଷା ଯୋଗାଇବା ନବୀନ ପଟ୍ଟନାୟକଙ୍କ ଲକ୍ଷ୍ୟ ଥିଲା। ଶିକ୍ଷା ହିଁ ନୂଆ ଓଡ଼ିଶାର ଭିତ୍ତି ବୋଲି କହିବା ସହ ଉଚ୍ଚଶିକ୍ଷାର ଆଗାମୀ ବିକାଶ ପାଇଁ ବିଜେଡି ପ୍ରତିବଦ୍ଧ ବୋଲି ସେ କହିଛନ୍ତି।

# ଏମ୍‌କେସିଜିରେ ଦୁଇ ମୁଣ୍ଡ ଥିବା ବିରଳ ଶିଶୁପୁତ୍ର ଜନ୍ମ

ବ୍ରହ୍ମପୁର,୧୩।୧୦(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ମହିଳା ଦୁଇଟି ମୁଣ୍ଡ ଥିବା ଏକ ବିରଳ ଶିଶୁପୁତ୍ର ଜନ୍ମ ଦେଇଛନ୍ତି। ଶିଶୁଟିର ଶରୀରର ପ୍ରମୁଖ ଅଙ୍ଗଗୁଡ଼ିକ ଯୋଡ଼ି ହୋଇ ରହିଥିବା ବେଳେ ସ୍ୱାସ୍ଥ୍ୟାବସ୍ଥା ଜଟିଳ ରହିଛି। ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ସ୍ୱତନ୍ତ୍ର ନବଜାତ ଶିଶୁ ଚିକିତ୍ସା ୟୁନିଟ୍ (ଏସଏନସିୟୁ)ରେ ରଖାଯାଇଛି।



**■ ସ୍ୱାସ୍ଥ୍ୟବସ୍ଥା ଜଟିଳ, ଆର୍ଥିକ ସହାୟତା ପାଇଁ ସରକାରଙ୍କୁ ନିବେଦନ କଲେ ପରିବାର**

ଗତ ରବିବାର କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ ଅନ୍ତର୍ଗତ ତିଡ଼ିପଦର ଗ୍ରାମର ତ୍ରିଲୋଚନ ମାଝୀ ସ୍ତ୍ରୀ ରୁନି ମାଝୀଙ୍କ ପ୍ରସବ ଯନ୍ତ୍ରଣା ଅନୁଭବ କରିଥିଲେ। ଗତ ରବିବାର ପରିବାର ପକ୍ଷରୁ ତାଙ୍କୁ ମେଡ଼ିକାଲର ସ୍ତ୍ରୀ ଓ ପ୍ରସୂତି ବିଭାଗ ଭର୍ତ୍ତି କରାଯାଇଥିଲା। ଉକ୍ତ ଦିନ ରୁନି ଦୁଇଟି ମୁଣ୍ଡ ଥିବା ଏକ ବିରଳ ଶିଶୁପୁତ୍ରଙ୍କୁ ଜନ୍ମ ଦେଇଛନ୍ତି। ଏମକେସିଜି ମେଡିକାଲ ଶିଶୁ ଶଲ୍ୟ ବିଭାଗର ଡା. ମାନସ ରଞ୍ଜନ ଦାସ କହିଛନ୍ତି ଯେ, ଡାକ୍ତରୀ ଭାଷାରେ ଏହାକୁ "ପାରାପାଗସ' ପ୍ରକାରର ଯୋଡ଼ା ଯମଜ ଶିଶୁ କୁହାଯାଏ। ଶିଶୁର ଦୁଇଟି ମେରୁଦଣ୍ଡ ଥିବା ବେଳେ ଗୋଟିଏ ହୃତ୍‌ପିଣ୍ଡ ଓ ଗୋଟିଏ ଯକୃତ ରହିଛି। ଏଭଳି ଘଟଣା ଅତ୍ୟନ୍ତ ବିରଳ ଏବଂ ପ୍ରାୟ ତିନି ଲକ୍ଷ ଜନ୍ମରେ ଗୋଟିଏ ଏଭଳି ମାମଲା ଦେଖିବାକୁ ମିଳେ ବୋଲି ସେ ସୂଚନା ଦେଇଛନ୍ତି। ଶିଶୁର ଜଟିଳ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା ଜାରି ରହିଛି। ଅନ୍ୟପକ୍ଷରେ, ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ଥିବାରୁ ଶିଶୁର ଉନ୍ନତ ଚିକିତ୍ସା ପାଇଁ ପରିବାରବର୍ଗ ସରକାରଙ୍କ ସହାୟତା ଲୋଡ଼ିଛନ୍ତି।

**ଔଷଧ ଗୋଦାମ ଓ ଦୋକାନରେ ଚଢ଼ଉ**

# ୩୩ ପ୍ରକାରର 'ଏନ୍‌ଆର୍‌ଏକ୍ସ ଡ୍ରଗ୍ସ'ଜବତ

କଟକ,୧୩।୧୦(ସମିସ): ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ନିର୍ଦ୍ଦେଶକ୍ରମେ ଆଜି କଟକ ସହରର ବିଭିନ୍ନ ଅଞ୍ଚଳରେ ଥିବା ଔଷଧ ଗୋଦାମ ଏବଂ ଦୋକାନଗୁଡ଼ିକ ଉପରେ ଚଢ଼ଉ କରାଯାଇଛି। ଏହି ଚଢ଼ଉରେ ବିପୁଳ ପରିମାଣର ବେଆଇନ "ଏନ୍‌ଆରଏକ୍ସ' ଶ୍ରେଣୀର ନିଶା ମିଶ୍ରିତ ଔଷଧ ଜବତ କରାଯାଇଛି। ମିଳିଥିବା ସୂଚନା ମୁତାବକ, ଦୀର୍ଘ ଦିନ ଧରି ମଙ୍ଗଳାବାଗ, ରାଣୀହାଟ, କଲେଜ ଛକ, ଚୌଧୁରୀ ବଜାର, ପିଠାପୁର ଏବଂ ବାଦାମବାଡ଼ି ଭଳି ବହୁଜନସଂଖ୍ୟା ବିଶିଷ୍ଟ ଅଞ୍ଚଳରେ ଥିବା ଏକାଧିକ ଔଷଧ ଗୋଦାମ ଓ ଦୋକାନଗୁଡ଼ିକରେ ଏହି ନିଶା ଔଷଧ ବିକ୍ରୟ କରାଯାଉଥିଲା। ଏହି ଚଢ଼ଉ ସମୟରେ ୩୩ ପ୍ରକାରର ଏନ୍‌ଆରଏକ୍ସ ଔଷଧ ସାମଗ୍ରୀ ଜବତ କରାଯାଇଛି, ଯେଉଁଥିରେ ବିଭିନ୍ନ ପ୍ରକାରର ଟ୍ୟାବଲେଟ୍, ସିରପ୍ ଏବଂ ଇଞ୍ଜେକ୍ସନ ସାମିଲ ରହିଛି। ଏହି ସବୁ ଔଷଧ ମୁଖ୍ୟତଃ ମାରାତ୍ମକ ନିଶା ସୃଷ୍ଟି କରିଥାଏ ଏବଂ ଏହାର ବ୍ୟବହାର କେବଳ ଉପଯୁକ୍ତ ସରକାରୀ ଲାଇସେନ୍ସ ଏବଂ ଡାକ୍ତରୀ ପ୍ରେସ୍କ୍ରିପସନ୍ ଅନୁଯାୟୀ କରାଯିବାର ନିୟମ ରହିଛି। କୌଣସି ଡାକ୍ତରଙ୍କ ପରାମର୍ଶ ବିନା ଏହାର ବିକ୍ରୟ ସଂପୂର୍ଣ୍ଣ ଦଣ୍ଡନୀୟ ଅପରାଧ।



ଚଢ଼ଉ କରାଯାଇଥିବା ଦୋକାନଗୁଡ଼ିକରୁ କୌଣସି ବୈଧ ଲାଇସେନ୍ସ କିମ୍ବା ଡାକ୍ତରୀ ରେକର୍ଡ ମିଳି ନଥିବା ଯୋଗୁଁ ଏସବୁ ସାମଗ୍ରୀକୁ ଜବତ କରାଯାଇଥିଲା। ଚଢ଼ଉ ସମ୍ପର୍କରେ ସୂଚନା ଦେଇ ଆସିଷ୍ଟାଣ୍ଟ ଡ୍ରଗ୍ କଣ୍ଟ୍ରୋଲର, ସର୍କଲ-୧, ଧର୍ମପଦ ପୁହାଣ କହିଛନ୍ତି ଯେ ଏହି ଚଢ଼ଉ ପୂର୍ବରୁ ସେମାନଙ୍କ ଟିମ୍ ସୂଚନା ସଂଗ୍ରହ କରିଥିଲା। ବାଦାମବାଡ଼ି, କଲେଜଛକ ଏବଂ ରାଣୀହାଟ ଅଞ୍ଚଳରେ ଥିବା ଏକାଧିକ ଫାର୍ମାସିଷ୍ଟ ଦୋକାନୀଙ୍କ ସଂପୃକ୍ତି ପାଇବା ପରେ ଆଜି ଆକସ୍ମିକ ଭାବେ ଟିମ୍ ଗଠନ କରାଯାଇ ଚଢ଼ଉ କରାଯାଇଥିଲା। ବିନା ଡାକ୍ତରୀ ପ୍ରେସ୍କ୍ରିପସନ୍ ଏବଂ ବୈଧ ଲାଇସେନ୍ସ ନ ଥାଇ ଏନଆର୍‌ଏକ୍ସ ଡ୍ରଗ୍ସ ବିକ୍ରି କରାଯାଉଥିଲା।




ସକାଳ
THE SAKALA

# ସମ୍ପାଦକୀୟ



ଆତଙ୍କବାଦକୁ ସମୂଳେ ବିଲୋପ କରିବାର ମୁଖ୍ୟ ଅସ୍ତ୍ର ହେଉଛି ବହି ଓ କଲମ।
-ମଲାଲା ୟୁସୁଫ୍‌ଜାଇ

## ନୂଆ ବାଣିଜ୍ୟ ଯୁଦ୍ଧ

ୟୁରୋପୀୟ ସଂଘ ଦ୍ୱାରା ପ୍ରଣୀତ କାର୍ବନ୍ ସୀମା ଶୁଳ୍କ ବ୍ୟବସ୍ଥା(ସିବିଏଏମ୍)ର ତଦନ୍ତ କରିବା ପାଇଁ ଆମେରିକା ଯୋଜନା ପ୍ରସ୍ତୁତ କରିଛି। ଏହାପରେ ଆନ୍ତର୍ଜାତିକ ବାଣିଜ୍ୟରେ ନୂଆ ବିବାଦ ବା ଯୁଦ୍ଧ ଆରମ୍ଭ ହେବାକୁ ଯାଉଛି। ଏହି ସମ୍ଭାବ୍ୟ ଯୁଦ୍ଧର ଫଳାଫଳ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସେ ସମ୍ପର୍କରେ କିଞ୍ଚିତ ଆଲୋଚନା ପ୍ରାସଙ୍ଗିକ ମନେ ହୁଏ।

ୟୁରୋପୀୟ ସଂଘର ଯୁକ୍ତି ଅନୁଯାୟୀ, ୟୁରୋପର ଉତ୍ପାଦକ ବା କମ୍ପାନୀମାନେ ପ୍ରଦୂଷଣ ନିର୍ଗମନ ହ୍ରାସ ପାଇଁ ଅଧିକ ବ୍ୟୟ କରୁଥିବାରୁ ବଜାରରେ ଉତ୍ପାଦର ଦାମ ଅଧିକ ରହୁଛି। ଅପରପକ୍ଷରେ ପ୍ରଦୂଷଣ କଟକଣା ନଥିବା ଦେଶରୁ ଆମଦାନୀ ହେଉଥିବା ସମାନ ସାମଗ୍ରୀ ୟୁରୋପ ବଜାରରେ କମ୍ ଦାମରେ ଉପଲବ୍ଧ ହେଉଥିବାରୁ ୟୁରୋପୀୟ ଉତ୍ପାଦନକାରୀ ସଂସ୍ଥାମାନେ ବଜାରରେ ତିଷ୍ଠି ରହିବା ପାଇଁ ପ୍ରବଳ ପ୍ରତିଯୋଗିତାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁଳନାତ୍ମକ ଭାବେ କୋହଳ ପ୍ରଦୂଷଣ ନିୟମ ଲାଗୁ ହୋଇଥିବା ବା ଆଦୌ ଲାଗୁ ହୋଇ ନଥିବା ଦେଶରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ୟୁରୋପୀୟ ସଂଘ ଏକ ନିର୍ଦ୍ଦିଷ୍ଟ ଶୁଳ୍କ(ସିବିଏଏମ)ଲାଗୁ କରିଛି। ବିଶେଷକରି ବାହାର ଦେଶରୁ ଆମଦାନୀ ହେଉଥିବା ଇସ୍ପାତ, ଆଲୁମିନିୟମ୍, ସିମେଣ୍ଟ, ସାର, ବିଦ୍ୟୁତ୍ ଉପକରଣ ଆଦି ପ୍ରଦୂଷଣ ସୃଷ୍ଟିକାରୀ ଉତ୍ପାଦ ଉପରେ ଗତ ଜାନୁଆରୀ ମାସରୁ ଏହି ଶୁଳ୍କ ଲାଗୁ ହେଉଛି। ୟୁରୋପୀୟ ସଂଘର ଏହି ଶୁଳ୍କ ଦ୍ୱାରା ଭାରତୀୟ ରପ୍ତାନୀ ଅର୍ଥନୀତି ଅଧିକ ପ୍ରଭାବିତ ହେବାକୁ ଯାଉଛି।

ଅବଶିଷ୍ଟ ବିଶ୍ୱର ଅଭିଯୋଗ ଯେ ପରିବେଶ ସୁରକ୍ଷା ନାମରେ ଏପରି ଶୁଳ୍କ ଲାଗୁ କରିବା କେତେ ନ୍ୟାୟୋଚିତ ସେ ବିଷୟରେ ବହୁପାକ୍ଷିକ ଆଲୋଚନା ହୋଇନାହିଁ। ବିକଶିତ ଦେଶଗୁଡ଼ିକ ବର୍ଷ ବର୍ଷ ଧରି ଶିଳ୍ପାୟନ ଜରିଆରେ ଆର୍ଥିକ ସମୃଦ୍ଧି ହାସଲ କରିଛନ୍ତି। ଶିଳ୍ପାୟନରୁ ସୃଷ୍ଟ ପ୍ରଦୂଷଣ ଏବଂ ତଦ୍‌ଜନିତ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନର ପ୍ରଭାବରେ ବିକାଶଶୀଳ ଦେଶଗୁଡ଼ିକ ଗୁରୁତର ପ୍ରଭାବିତ ହେଉଛନ୍ତି। ଅପରପକ୍ଷରେ ବିକାଶଶୀଳ ଦେଶଗୁଡ଼ିକର ଶିଳ୍ପ ଅର୍ଥନୀତିକୁ ନିରୁତ୍ସାହିତ କରିବା ପାଇଁ ୟୁରୋପୀୟ ସଂଘର ଏହା ଏକ ବିଧିବଦ୍ଧ ଷଡ଼ଯନ୍ତ୍ର। ତେଣୁ ଜଳବାୟୁ ଦାୟିତ୍ୱବୋଧ ସହିତ ବିକାଶର ଅଧିକାରକୁ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ।

ୟୁରୋପୀୟ ସଂଘର କାର୍ବନ୍ ଶୁଳ୍କ ବ୍ୟବସ୍ଥାର ବାଣିଜ୍ୟିକ ପ୍ରଭାବ ଏବଂ ନୀତିଗତ ଯଥାର୍ଥତା ଆମେରିକାର ପ୍ରସ୍ତାବିତ ତଦନ୍ତ ପରିସରଭୁକ୍ତ ହେବାର ସମ୍ଭାବନା ରହିଛି। ଭାରତର ଇସ୍ପାତ, ଆଲୁମିନିୟମ୍ ଓ ଅନ୍ୟାନ୍ୟ ଶିଳ୍ପ ୟୁରୋପୀୟ ବଜାର ସହ ଜଡ଼ିତ। ଦୀର୍ଘକାଳୀନ ଭିତ୍ତିରେ ଅତିରିକ୍ତ କାର୍ବନ୍ ଖର୍ଚ୍ଚ ଯଦି ଭାରତୀୟ ଉତ୍ପାଦକଙ୍କ ପ୍ରତିଯୋଗିତା କ୍ଷମତାକୁ ହ୍ରାସ କରେ ତେବେ ରପ୍ତାନି ଆୟ ଓ ନିଯୁକ୍ତି ଉପରେ ଚାପ ବଢ଼ିବ। ଏହି ପରିସ୍ଥିତିରେ ଆମେରିକାର ତଦନ୍ତ ଭାରତ ପାଇଁ ପ୍ରାସଙ୍ଗିକ। କିନ୍ତୁ ଆମେରିକା ସବୁବେଳେ ତା' ନିଜ ସ୍ୱାର୍ଥକୁ ପ୍ରାଥମିକତା ଦିଏ। ତେଣୁ ଭାରତ ତତ୍କାଳ ଏଥିରୁ କିଛି ଆଶା କରିବା କିମ୍ବା ଅଧିକ ଉତ୍ସାହିତ ହେବା ବୃଥା। କିନ୍ତୁ ଭାରତ-ୟୁରୋପୀୟ ସଂଘ ମଧ୍ୟରେ ଐତିହାସିକ ବାଣିଜ୍ୟ ଚୁକ୍ତି ଏ ପର୍ଯ୍ୟନ୍ତ ସ୍ୱାକ୍ଷର ହୋଇ ନଥିବାରୁ ମୂଲଚାଲ ପାଇଁ ସୁଯୋଗ ସୃଷ୍ଟି କରିପାରେ। ଏହି ପ୍ରସଙ୍ଗରେ ଭାରତ-ୟୁରୋପୀୟ ସଂଘ ବାଣିଜ୍ୟ ରାଜିନାମାରେ ଥିବା 'ଫରୱାର୍ଡ ମୋଷ୍ଟ ଫେଭର୍ଡ ନେସନ୍'(ଏମ୍‌ଏଫ୍‌ଏନ୍) ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ହୋଇପାରେ।

ଭାରତ ଏହି ସୁଯୋଗକୁ କୂଟନୈତିକ ଆଲୋଚନାରେ ନିଜ ସ୍ୱାର୍ଥ ସୁରକ୍ଷା ପାଇଁ ବ୍ୟବହାର କରିବା ଉଚିତ୍। ୟୁରୋପୀୟ ସଂଘ ସହ ଆଲୋଚନାରେ ଭାରତକୁ ଶୁଳ୍କ ହ୍ରାସ ଦାବି ସହିତ ନିର୍ଗମନ ହିସାବର ସରଳୀକରଣ, ଯାଞ୍ଚ ଖର୍ଚ୍ଚର ହ୍ରାସ ଓ ବିକାଶଶୀଳ ଦେଶଗୁଡ଼ିକ ପାଇଁ ଯଥୋଚିତ ନିର୍ଗମନ କଟକଣା ସମୟସୀମା ଦାବି କରିବାକୁ ହେବ। ଆମେରିକାର ତଦନ୍ତ ଭାରତ ପାଇଁ ଅସ୍ଥାୟୀ ସୁଯୋଗ ଆଣିପାରେ; କିନ୍ତୁ ଦୀର୍ଘକାଳୀନ ସମାଧାନ ପାଇଁ ଭାରତ ନିଜ ଶିଳ୍ପକୁ ପରିବେଶ ଅନୁକୂଳ କରିବା ଉଚିତ। ଭାରତର ଇସ୍ପାତ ଶିଳ୍ପର ଏକ ବଡ଼ ଅଂଶ କୋଇଲାଭିତ୍ତିକ। ଏହା ଅଧିକ କାର୍ବନ୍ ନିର୍ଗମନର କାରଣ। ଏହାର ବିକଳ୍ପ ଭାବେ ସ୍କ୍ରାପ୍ ଆଧାରିତ ଇଲେକ୍ଟ୍ରିକ୍ ଆର୍କ ଫର୍ଣ୍ଣେସ୍, ଅକ୍ଷୟ ଶକ୍ତିର ବ୍ୟବହାର, ଉତ୍ପାଦନ ପ୍ରକ୍ରିୟାର ଆଧୁନିକୀକରଣ ଓ ସ୍ୱଚ୍ଛ ପ୍ରଯୁକ୍ତିରେ ପୁଞ୍ଜିନିବେଶ ବଢ଼ାଇବାକୁ ହେବ। ଏଥିପାଇଁ ସରକାରୀ ପ୍ରୋତ୍ସାହନ, ସହଜ ଋଣ ଓ ଗବେଷଣାର ଆବଶ୍ୟକତା ରହିଛି। ଏହାସହିତ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ନିର୍ଗମନ ଯାଞ୍ଚ, ତଥ୍ୟ ସଂଗ୍ରହ ଓ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ସଂସ୍ଥା ଦ୍ୱାରା ଯାଞ୍ଚ କରାଇବାରେ ସହାୟତା ଦେବା ଜରୁରୀ। କାରଣ କ୍ଷୁଦ୍ର ଉଦ୍ୟୋଗମାନଙ୍କ ପାଇଁ ଏହି ଅତିରିକ୍ତ ଖର୍ଚ୍ଚ ବହନ କରିବା ଅଧିକ କଷ୍ଟକର।

କାର୍ବନ୍ ନିର୍ଗମନ ହ୍ରାସ ବିଶ୍ୱବ୍ୟାପୀ ଏକ ଆହ୍ୱାନ ଓ ଆବଶ୍ୟକତା। କିନ୍ତୁ ଏହି ଲକ୍ଷ୍ୟ ହାସଲ କରିବା ଆଳରେ ବିକଶିତ ଓ ଶିଳ୍ପସମୃଦ୍ଧ ଦେଶମାନେ ବିକାଶଶୀଳ ଦେଶମାନଙ୍କ ଉପରେ ଏକପାଖିଆ ଆର୍ଥିକ ବୋଝ ଲଦିଦେବା ମଧ୍ୟ ଉଚିତ୍ ନୁହେଁ। ପରିବେଶ ସୁରକ୍ଷାର ନିୟମ ସ୍ୱଚ୍ଛ, ନିରପେକ୍ଷ ଓ ସମସ୍ତଙ୍କ ପାଇଁ ଯୁକ୍ତିସଙ୍ଗତ ହେବା ଆବଶ୍ୟକ। ବିଶ୍ୱ ବାଣିଜ୍ୟ ନିୟମ ନିର୍ଦ୍ଧାରଣରେ ବିକଶିତ ଦେଶ ଓ ବିକାଶଶୀଳ ଦେଶ ମଧ୍ୟରେ ଅର୍ଥନୈତିକ ବୈଷମ୍ୟକୁ ବିଚାରକୁ ନେବା ଉଚିତ୍। ଭାରତ ଏହି ଯୁକ୍ତିକୁ ବିଶ୍ୱ ବାଣିଜ୍ୟ ସଂଗଠନ ଓ ଅନ୍ୟାନ୍ୟ ଅନ୍ତର୍ଜାତୀୟ ମଞ୍ଚରେ ଉପସ୍ଥାପନ କରିବାକୁ ହେବ। ଆମେରିକାର ତଦନ୍ତ ଯଦି ସିବିଏଏମ୍ ନିୟମରେ ଅଧିକ ସ୍ୱଚ୍ଛତା ଓ ନମନୀୟତା ଆଣେ, ତେବେ ଭାରତ ସୁଯୋଗର ସଦ୍‌ବ୍ୟବହାର ପାଇଁ ସଦା ପ୍ରସ୍ତୁତ ରହିବା ଉଚିତ।

# ଶତାୟୁ ଓଡ଼ିଶାର ରୂପରେଖ

ଅବିନାଶ ମହାପାତ୍ର

### ମୋ ସ୍ୱପ୍ନର ଓଡ଼ିଶା

୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଗଠନର ଶତବର୍ଷ ପୂରଣ କରିବ। ଏହି ଐତିହାସିକ ସମୟକୁ ଦୃଷ୍ଟିରେ ରଖି 'ବିକଶିତ ଓଡ଼ିଶା ୨୦୩୬' ଏବଂ ତାହା ପରବର୍ତ୍ତୀ 'ଶତାୟୁ ଓଡ଼ିଶା'ର ପରିକଳ୍ପନା ହେଉଛି। ଭିନ୍ନ ଭିନ୍ନ ସରକାର ନିଜ ନିଜ ସମୟରେ ଓଡ଼ିଶାର ଭବିଷ୍ୟତ ବିକାଶର ଗୋଲାପୀ ଚିତ୍ର ଲୋକଙ୍କ ସମ୍ମୁଖରେ ରଖିଛନ୍ତି। କିନ୍ତୁ ଏଠାରେ ସାଧାରଣ ପ୍ରଶ୍ନ ଉଠେ ବିକଶିତ ଓଡ଼ିଶାର ସଂଜ୍ଞା କ'ଣ? କେଉଁ ଆଧାରରେ ଆମେ ଓଡ଼ିଶାକୁ 'ବିକଶିତ' ବୋଲି ବିବେଚନା କରିବା? କେବଳ ପ୍ରଶସ୍ତ ରାସ୍ତା, ଶିଳ୍ପ ପ୍ରତିଷ୍ଠାନ, ବନ୍ଦର, ସହର ଭଳି ଭିତ୍ତିଭୂମି ଅବା ସୁବିଧା କିମ୍ବା ରାଜ୍ୟର ଅର୍ଥନୀତିର ଆକାର ବଢ଼ିବାକୁ 'ବିକାଶ'ର ସମ୍ପୂର୍ଣ୍ଣ ପରିଚୟ କୁହାଯାଇପାରିବ ନାହିଁ। ବିକାଶର ପ୍ରକୃତ ମାପକ ହେଉଛି ସାଧାରଣ ଲୋକଙ୍କ ଜୀବନରେ ଆସୁଥିବା ପରିବର୍ତ୍ତନ। ଜଣେ ଶିଶୁ କେତେ ଗୁଣାତ୍ମକ ଶିକ୍ଷା ପାଉଛି, ଜଣେ ମା' କେତେ ସୁରକ୍ଷିତ ଭାବେ ସନ୍ତାନ ପ୍ରସବ କରୁଛନ୍ତି, ଜଣେ କୃଷକଙ୍କ ଆୟ କେତେ ବଢୁଛି, ଜଣେ ଯୁବକଙ୍କୁ କେତେ ଗୁଣାତ୍ମକ ରୋଜଗାର ମିଳୁଛି ଏବଂ ଗ୍ରାମବାସୀଙ୍କ ନିକଟରେ କେତେ ସହଜରେ ଗୁଣାତ୍ମକ ସ୍ୱାସ୍ଥ୍ୟ, ପାନୀୟଜଳ, ସ୍ୱଚ୍ଛତା ଓ ଅନ୍ୟାନ୍ୟ ମୌଳିକ ସୁବିଧା ପହଞ୍ଚୁଛି - ଏହିଭଳି ଅନେକ ମାପକ ହେଉଛି ବାସ୍ତବ ବିକାଶର ସୂଚକ।

ଅର୍ଥନୈତିକ କ୍ଷେତ୍ରରେ ଓଡ଼ିଶା ଗତ ଦୁଇ ଦଶନ୍ଧିରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ରାଜ୍ୟ ଅର୍ଥନୀତିର ଆକାର ବଢ଼ିଛି ଏବଂ ଶିଳ୍ପ ଓ ସେବା କ୍ଷେତ୍ରର ଭୂମିକା ମଧ୍ୟ ବୃଦ୍ଧି ପାଇଛି। ୨୦୨୫-୨୬ର ଆକଳନ ଅନୁଯାୟୀ ଓଡ଼ିଶାର ମୁଣ୍ଡପିଛା ଆୟ ୧, ୮୨, ୫୪୮ ଟଙ୍କାରେ ପହଞ୍ଚିଛି। ଏହା ପୂର୍ବବର୍ଷର ୧, ୮୨, ୫୪୮ ଟଙ୍କା ତୁଳନାରେ ସାମାନ୍ୟ ଅଧିକ। କିନ୍ତୁ ଜାତୀୟ ତୁଳନାରେ ଚିତ୍ରଟି ଦେଖିଲେ ଓଡ଼ିଶାର ଆଗାମୀ ଯାତ୍ରାର ଦୂରତା ସ୍ପଷ୍ଟ ହୁଏ। ଅନେକ ଅଗ୍ରଣୀ ରାଜ୍ୟ ଏକ୍ଷେତ୍ରରେ ଓଡ଼ିଶାଠାରୁ ଆଗରେ। ଅର୍ଥାତ୍ ରାଜ୍ୟର ଅର୍ଥନୀତି ବଢୁଥିଲେ ମଧ୍ୟ ସେହି ବୃଦ୍ଧିକୁ ପ୍ରତ୍ୟେକ ପରିବାରର ଆୟ ଓ ଜୀବନମାନରେ ରୂପାନ୍ତରିତ କରିବା ଏବେ ବି ଏକ ବଡ଼ ଆହ୍ୱାନ। ଦାରିଦ୍ର୍ୟ ହ୍ରାସରେ ଓଡ଼ିଶା ଉଲ୍ଲେଖନୀୟ ପ୍ରଗତି କରିଛି। କିନ୍ତୁ ଦାରିଦ୍ର୍ୟକୁ କେବଳ ଆୟର ଅଭାବ ଭାବେ ଦେଖିଲେ ଚିତ୍ରଟି ଅସମ୍ପୂର୍ଣ୍ଣ ହେବ। ଶିକ୍ଷା, ସଠିକ୍ ପୋଷଣ, ସ୍ୱାସ୍ଥ୍ୟ, ବାସସ୍ଥାନ, ପାନୀୟଜଳ ଓ ସ୍ୱଚ୍ଛତା ଭଳି ଅନେକ ମାନଦଣ୍ଡକୁ ନେଇ ଦାରିଦ୍ର୍ୟର ଚିତ୍ରକୁ ଦେଖିବାକୁ ଉଚିତ୍। ନିତି ଆୟୋଗର 'ନିରନ୍ତର ବିକାଶ ଲକ୍ଷ୍ୟ ସୂଚକାଙ୍କ ୨୦୨୩-୨୪' ଅନୁଯାୟୀ ଓଡ଼ିଶାର ଦାରିଦ୍ର୍ୟ ହାର ୧୫.୬୮ ପ୍ରତିଶତ (ଗ୍ରାମାଞ୍ଚଳ ୧୭.୭୨% ଓ ସହରାଞ୍ଚଳ ୫.୪୨%) ଥିବା ବେଳେ ଜାତୀୟ ହାର ୧୪.୯୬ ପ୍ରତିଶତ। ଏହା ଦର୍ଶାଏ ଯେ ଦାରିଦ୍ର୍ୟ ହ୍ରାସରେ ରାଜ୍ୟ ଆଗକୁ ବଢ଼ିଥିଲେ ମଧ୍ୟ ଜାତୀୟସ୍ତର ସହ ସମକକ୍ଷ ହେବା ପାଇଁ ବିଶେଷତଃ ଗ୍ରାମାଞ୍ଚଳରେ ଆହୁରି ପ୍ରୟାସ ଆବଶ୍ୟକ।

ଶିକ୍ଷା କ୍ଷେତ୍ରରେ ଚିତ୍ରଟି ମିଶ୍ର। ୧୫ ବର୍ଷରୁ ଅଧିକ ବୟସର ଲୋକଙ୍କ ସାକ୍ଷରତା ହାରରେ ଓଡ଼ିଶା ୭୫.୬ ପ୍ରତିଶତ ସହ ଜାତୀୟ ହାର ୭୨.୫ ପ୍ରତିଶତଠାରୁ ଆଗରେ ରହିଛି। ଏହା ନିଶ୍ଚିତ ଭାବେ ଏକ ସକାରାତ୍ମକ ସଙ୍କେତ। କିନ୍ତୁ ଶିକ୍ଷାର ପ୍ରକୃତ ଗୁଣବତ୍ତା ଓ ଛାତ୍ରଛାତ୍ରୀଙ୍କ ନିରନ୍ତର ଶିକ୍ଷା ମଧ୍ୟ ସମାନ ଗୁରୁତ୍ୱ ବହନ କରେ। 'ନିରନ୍ତର ବିକାଶ ଲକ୍ଷ୍ୟ ସୂଚକାଙ୍କ ୨୦୨୩-୨୪' ଅନୁଯାୟୀ ଓଡ଼ିଶାର ମାଧ୍ୟମିକ ସ୍ତରର ବାର୍ଷିକ ଡ୍ରପଆଉଟ ହାର ୨୭.୩ ପ୍ରତିଶତ ଥିବା ବେଳେ ଜାତୀୟ ହାର ୯.୫୨ ପ୍ରତିଶତ। ଯଦିଓ ୨୦୨୪-୨୫ରେ ସୁଧାର ଆସିଛି, ମାତ୍ର ଜାତୀୟ ହାରଠାରୁ ଅନେକ ପଛରେ ରହିଛି। ଏହି ବ୍ୟବଧାନ ଏକ ଗୁରୁତର ଚିନ୍ତାର ବିଷୟ। ଏହାଠାରୁ ଅଧିକ ଆବଶ୍ୟକ ହେଉଛି ଯୁବକଯୁବତୀଙ୍କୁ ଗୁଣାତ୍ମକ ଶିକ୍ଷା, ଦକ୍ଷତା ଓ ରୋଜଗାର ସହ ଯୋଡ଼ିବା। ଶିକ୍ଷାର ଶେଷ ଲକ୍ଷ୍ୟ ଭାବେ କେବଳ ପ୍ରମାଣପତ୍ର ନୁହେଁ, ବରଂ ଜ୍ଞାନ, ଦକ୍ଷତା ଓ ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱ ଦେବା ଦରକାର।

ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଓଡ଼ିଶାରେ ଅନେକ ପରିବର୍ତ୍ତନ ଆବଶ୍ୟକ। ଶିଶୁ ପୋଷଣ, ମାତୃ ସ୍ୱାସ୍ଥ୍ୟ ଓ ରକ୍ତହୀନତା ଭଳି ସମସ୍ୟାଗୁଡ଼ିକ ମାନବ ବିକାଶର ମୂଳସୂଚକ। 'ନିରନ୍ତର ବିକାଶ ଲକ୍ଷ୍ୟ ସୂଚକାଙ୍କ ୨୦୨୩-୨୪' ଅନୁଯାୟୀ ଓଡ଼ିଶାର ପାଞ୍ଚ ବର୍ଷରୁ କମ୍ ଶିଶୁଙ୍କ କ୍ଷେତ୍ରରେ କୁପୋଷଣ ହାର ୩୪ ପ୍ରତିଶତ, ଯେଉଁଠାରେ ଜାତୀୟ ହାର ୨୯.୧ ପ୍ରତିଶତ। ସେହିପରି ଗର୍ଭବତୀଙ୍କ ମଧ୍ୟରେ ରକ୍ତହୀନତାର ହାର ଓଡ଼ିଶାରେ ୬୧.୮ ପ୍ରତିଶତ, ଜାତୀୟ ହାର ୪୭.୬ ପ୍ରତିଶତ। ତେଣୁ ଶତାୟୁ ଓଡ଼ିଶା ପାଇଁ ଚିକିତ୍ସା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ସହିତ ସୁସ୍ଥ ମା', ସୁସ୍ଥ ଶିଶୁ ଓ ସୁସ୍ଥ ଯୁବପିଢ଼ି ଗଢ଼ିବାକୁ ସମାନ ପ୍ରାଥମିକତା ଦେବା ଦରକାର।

ଓଡ଼ିଶାର ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ବିନା ଶତାୟୁ ଓଡ଼ିଶାର ପରିକଳ୍ପନା ସଫଳ ହୋଇପାରିବ ନାହିଁ। ୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟର ପ୍ରାୟ ୮୩ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବସବାସ କରୁଥିଲେ। ୧୫ବର୍ଷ ତଳର ତଥ୍ୟ ଆଧାରରେ ଆମେ ତର୍ଜମା କଲେ ଏହି ତଥ୍ୟ ହିଁ ସୂଚାଇ ଦିଏ ଯେ ଓଡ଼ିଶାର ବିକାଶର ମୂଳ ଭିତ୍ତି ଗାଁ ଏବଂ ଗ୍ରାମୀଣ ଅର୍ଥନୀତିରେ ରହିଛି। ଗାଁର ଜୀବନଜୀବିକାରେ ପରିବର୍ତ୍ତନ ନ ଆସିଲେ, ଗ୍ରାମୀଣ ପରିବାରର ଆୟ ନ ବଢ଼ିଲେ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ସଠିକ୍ ଭାବେ ଉପଲବ୍ଧ ନ ହେଲେ 'ବିକଶିତ ଓଡ଼ିଶା'ର ସ୍ୱପ୍ନ ଅଧୁରା ରହିଯିବ।

କୃଷି ଏବେ ବି ଲକ୍ଷ ଲକ୍ଷ ପରିବାରର ଜୀବିକାର ମୂଳ ଆଧାର। କିନ୍ତୁ କୃଷକଙ୍କ ଆୟ ବଢ଼ାଇବା ପାଇଁ କେବଳ ଉତ୍ପାଦନ ବଢ଼ାଇଲେ ହେବ ନାହିଁ। ସଂରକ୍ଷଣ, ପ୍ରସ୍ତୁତିକରଣ, ମୂଲ୍ୟବୃଦ୍ଧି, ବଜାର ସଂଯୋଗ ଓ ଉଚିତ ମୂଲ୍ୟପ୍ରାପ୍ତିର ସମ୍ପୂର୍ଣ୍ଣ ଶୃଙ୍ଖଳାକୁ ମଜବୁତ କରିବାକୁ ହେବ। ଏଠାରେ ସମବାୟ ସଂସ୍ଥାଗୁଡ଼ିକର ଭୂମିକା ଆହୁରି ବଢ଼ିପାରେ। ଗ୍ରାମୀଣ ଉତ୍ପାଦନ, ପ୍ରସ୍ତୁତିକରଣ, ବଜାର ଓ ଏ ସମ୍ପର୍କିତ ସୁବିଧା କେନ୍ଦ୍ରଗୁଡ଼ିକରେ ବ୍ୟାପକ ପରିବର୍ତ୍ତନ ଆବଶ୍ୟକ। ଉଦ୍ୟୋଗୀକରଣ ଓ ଖଣିଜ ଭିତ୍ତିକ ଅର୍ଥନୀତି ଓଡ଼ିଶାକୁ ରାଜସ୍ୱ ଓ ନିବେଶର ନୂଆ ସୁଯୋଗ ଦେଇଛି। କିନ୍ତୁ ଆଗାମୀ ଦଶକର ପ୍ରଶ୍ନ ହେଉଛି - ଏହି ଅର୍ଥନୈତିକ ବୃଦ୍ଧିର ଲାଭ କେତେମାତ୍ରାରେ ସ୍ଥାନୀୟ ଲୋକଙ୍କ ଜୀବନକୁ ପ୍ରଭାବିତ କରୁଛି? ଶିଳ୍ପ ଆସିବା ସହିତ ସ୍ଥାନୀୟ ଯୁବକଙ୍କ ପାଇଁ ଦକ୍ଷତା ଓ ରୋଜଗାର ବଢୁଛି କି? କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ନୂଆ ମୂଲ୍ୟ-ଶୃଙ୍ଖଳାରେ ସାମିଲ ହେଉଛନ୍ତି କି? ଗ୍ରାମୀଣ ଅଞ୍ଚଳରେ ନୂଆ ଉଦ୍ୟମ ସୃଷ୍ଟି ହେଉଛି କି? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ହିଁ ନିର୍ଦ୍ଧାରଣ କରିବ ଯେ ଅର୍ଥନୈତିକ ବୃଦ୍ଧି କେତେ ମାତ୍ରାରେ ସମାବେଶୀ।

ଏହି ସମସ୍ତ ସୂଚକକୁ ଏକାଠି ଦେଖିଲେ ଓଡ଼ିଶାର ଚିତ୍ର ନା ସମ୍ପୂର୍ଣ୍ଣ ନୈରାଶ୍ୟଜନକ, ନା ସମ୍ପୂର୍ଣ୍ଣ ସନ୍ତୋଷଜନକ। ନିତି ଆୟୋଗର 'ନିରନ୍ତର ବିକାଶ ଲକ୍ଷ୍ୟ ସୂଚକାଙ୍କ ୨୦୨୩-୨୪'ରେ ଭାରତର ସାମଗ୍ରିକ ସ୍କୋର ୭୧ ଥିବାବେଳେ ଓଡ଼ିଶାର ସ୍କୋର ୬୬। ଅର୍ଥାତ୍ ରାଜ୍ୟକୁ ଜାତୀୟ ମାନଦଣ୍ଡ ସହ ସମକକ୍ଷ ହେବା ପାଇଁ ଆହୁରି ଗତି ବଢ଼ାଇବାକୁ ହେବ। ତେବେ ଏହା ମଧ୍ୟ ଉଲ୍ଲେଖନୀୟ ଯେ ୨୦୧୮ ରୁ ୨୦୨୩-୨୪ ମଧ୍ୟରେ ଓଡ଼ିଶାର ନିରନ୍ତର ବିକାଶ ଲକ୍ଷ୍ୟ ସ୍କୋର ୧୫ ପଏଣ୍ଟ ବଢ଼ିଛି। ଅର୍ଥାତ୍ ରାଜ୍ୟରେ ପରିବର୍ତ୍ତନ ଘଟୁଛି; କିନ୍ତୁ ଏହି ପରିବର୍ତ୍ତନର ଗତି ଓ ପରିମାଣକୁ ଆହୁରି ବଢ଼ାଇବା ଦରକାର। ତେଣୁ ଶତାୟୁ ଓଡ଼ିଶାର ରୂପରେଖ କେବଳ ଏକ ଭବିଷ୍ୟତର ଗୋଲାପୀ ଚିତ୍ର ନୁହେଁ; ଏହା ସଭିଙ୍କ କ୍ଷେତ୍ରରେ ପ୍ରତିଫଳିତ ହେଉଥିବା ଏବଂ ବାସ୍ତବ ରୂପ ନେଉଥିବା ସ୍ପଷ୍ଟ ରୋଡମ୍ୟାପ୍ ହେବା ଆବଶ୍ୟକ।

୨୦୩୬ ଏକ ମାଇଲଖୁଣ୍ଟ; କିନ୍ତୁ 'ଶତାୟୁ ଓଡ଼ିଶା' ଏକ ଦୀର୍ଘ ଯାତ୍ରା। ଏହି ଯାତ୍ରାର ସଫଳତା କେବଳ ରାଜ୍ୟର ଜିଏସ୍‌ଡିପି (ରାଜ୍ୟ ଘରୋଇ ଉତ୍ପାଦ) କେତେ ବଢ଼ିଲା, କେତେ ଶିଳ୍ପ ଆସିଲା କିମ୍ବା କେତେ ରାସ୍ତା ନିର୍ମାଣ ହେଲା, ସେଥିରେ ମାପିହେବ ନାହିଁ। ପ୍ରକୃତ ପ୍ରଶ୍ନ ହେବ ସାଧାରଣ ଓଡ଼ିଆଙ୍କ, ଆଦିମ ଜନଜାତିଙ୍କ ଜୀବନ କେତେ ବଦଳିଲା? ଯଦି ଜଣେ ଗ୍ରାମୀଣ ଶିଶୁ ସହରର ଶିଶୁ ପରି ସମାନ ଗୁଣାତ୍ମକ ଶିକ୍ଷା ପାଏ, ଜଣେ କୃଷକ ନିଜ ଉତ୍ପାଦର ଉଚିତ ମୂଲ୍ୟ ପାଏ, ଜଣେ ଯୁବକ ନିଜ ରାଜ୍ୟରେ ସମ୍ମାନଜନକ ରୋଜଗାର ପାଏ, ଜଣେ ମହିଳା ନିରାପଦ ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ସୁଯୋଗ ପାଏ ଏବଂ ଜଣେ ପରିବାର ନିଜ ପରବର୍ତ୍ତୀ ପିଢ଼ିର ଭବିଷ୍ୟତକୁ ନେଇ ନିରାପଦ ଅନୁଭବ କରେ, ତେବେ ହିଁ ବିକଶିତ ଓଡ଼ିଶାର ସ୍ୱପ୍ନ ପ୍ରକୃତ ଅର୍ଥରେ ସାକାର ହେବ।

ଭୁବନେଶ୍ୱର, ମୋ: ୯୯୩୭୧୭୬୦୪୯

# ପାର୍ବଣ ପ୍ରତିଦ୍ୱନ୍ଦ୍ୱିତା: ପ୍ରଦୂଷଣ ଓ ପ୍ରତିକାର

ପ୍ରାଧ୍ୟାପକ ଶ୍ରୀକାନ୍ତ ନାୟକ

ଦିନ ଥିଲା ଆମ ସମାଜରେ ସୀମିତ ସଂଖ୍ୟକ ଦେବାଦେବୀ ନିର୍ଦ୍ଦିଷ୍ଟ ସ୍ଥାନରେ ନିରାଡ଼ମ୍ବର ଭାବରେ ଭକ୍ତି ଓ ପବିତ୍ରତାର ସହିତ ପୂଜା ପାଉଥିଲେ। ଅଧୁନା ବିଭିନ୍ନ ଦେବାଦେବୀଙ୍କ ଉପାସନା ବିଭିନ୍ନ ଅନୁଷ୍ଠାନ ଦ୍ୱାରା ବର୍ଷତମାମ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ମହାଆଡ଼ମ୍ବରରେ ଅନୁଷ୍ଠିତ ହେଉଛି। ପୂଜା ପାର୍ବଣ କ୍ଷେତ୍ରରେ ଅଧୁନା ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ବଢ଼ିଛି। ତେଣୁ କେଉଁଠି ଜିନ୍ ଓ କଳା ଚଷମା ପିନ୍ଧା ସିଗାରେଟ୍ ଟାଣୁଥିବା ଗଣେଶ ମୂର୍ତ୍ତି ତ ଆଉ କେଉଁଠି ଲାଡେନ୍‌କୁ ବଧ କରୁଥିବା ଦୁର୍ଗା ମେଢ଼ ଦେଖିବାକୁ ମିଳୁଛି। ଏପରି ଖିଆଲ ଖୁସିରେ ପ୍ରତିମା ପୂଜା ଦ୍ୱାରା ଜନ ଓ ଜାତିର କି ପ୍ରକାର ମଙ୍ଗଳ ସାଧନ ହେଉଛି ତାହା ସମସ୍ତେ ବିଚାରିବାର ସମୟ ଆସିଛି।

ମନ୍ଦିରକୁ ମୁଖଶାଳା ବଳିଯିବା ପରି ଏବେ ପୂଜା ଅନୁଷ୍ଠାନମାନ ନିଜ ପୂଜା ମଣ୍ଡପକୁ ଆକର୍ଷଣୀୟ କରିବା ଉଦ୍ଦେଶ୍ୟରେ ସୁଉଚ୍ଚ ପ୍ରତିମା ଓ ତୋରଣ ନିର୍ମାଣ କରୁଛନ୍ତି। ପ୍ରତିମାଙ୍କ ଗଳାରେ ଫୁଲହାର ପକାଇବାକୁ ବଡ଼ ବାଡ଼ିର ସାହାରା ନେବାକୁ ପଡୁଛି। ଏହି ବର୍ଷ ଗଣେଶ ପୂଜାରେ ଗୋଟିଏ ପୂଜା ମଣ୍ଡପର ୧୫୦ ଫୁଟ ଉଚ୍ଚର ତୋରଣ କେମିତି ଝଡ଼ ବର୍ଷାରେ ଭୂପତିତ ହେଲା ତାହା ଆମେ ସମସ୍ତେ ଜାଣନ୍ତି। ସୌଭାଗ୍ୟବଶତଃ କେହି ମୃତାହତ ହୋଇ ନ ଥିଲେ। ଶାରଦୀୟ ଦୁର୍ଗାପୂଜାର ଏକ ସ୍ୱତନ୍ତ୍ରତା ରହିଛି। ପୂଜା ଛୁଟିରେ ଦର୍ଶକଙ୍କ ପ୍ରବଳ ଭିଡ଼ ହେବା ସ୍ୱାଭାବିକ। ଅକ୍ଟୋବର ମାସରେ ବାତ୍ୟାର ଆଶଙ୍କା ମଧ୍ୟ ରହୁଛି। ତେଣୁ ଅତିଉଚ୍ଚ ତୋରଣ ନିର୍ମାଣ ଉପରେ ଅଙ୍କୁଶ ଲଗାଇବା ଆବଶ୍ୟକ। ସେହିପରି କଟକଣା ସତ୍ତ୍ୱେ କେତେକ ଅନୁଷ୍ଠାନ ଜୁଲମ କରି ଚାନ୍ଦା ଆଦାୟ କରୁଛନ୍ତି। କେହି ବିରୋଧ କଲେ ହାତାହାତି ପରିସ୍ଥିତି ସୃଷ୍ଟି ହେଉଛି। ପୁଲିସ ଓ ପ୍ରଶାସନ ସବୁ ଜାଣି ବି ନିରବ ରହୁଛନ୍ତି।

ସାମ୍ପ୍ରତିକ ସମୟର ପୂଜାପାର୍ବଣ ମୂଳ ଲକ୍ଷ୍ୟରୁ ଦୂରେଇ ଯାଇ ଧୀରେ ଧୀରେ ବାହ୍ୟିକ ଔପଚାରିକତା ଭିତରେ ଆବଦ୍ଧ ହୋଇଯାଉଛି। ଦେବଦେବୀଙ୍କ ନାମରେ ଆଦାୟ କରାଯାଉଥିବା ଅର୍ଥର ସିଂହ ଭାଗ ମଦ୍ୟପାନ ଏବଂ ତଥାକଥିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ୟୟ ହେଉଛି। ମନୋରଞ୍ଜନର ଦୁହାଇ ଦେଇ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶ୍ରୁତିକଟୁ ଦ୍ୱିଅର୍ଥବୋଧକ ଅଶ୍ଳୀଳଗୀତ ସହିତ ଅରୁଚିକର ଠାଣିରେ ତରୁଣତରୁଣୀମାନଙ୍କ ନୃତ୍ୟର ଆସରକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଭାବରେ ଆଖ୍ୟାୟିତ କରାଯାଉଛି। ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଶ୍ରୋତା ଓ ଦର୍ଶକଙ୍କ ବ୍ୟତୀତ ଅନ୍ୟ କେହି ତାହା ଦେଖିବା ବା ଶୁଣିବା ଯୋଗ୍ୟ ନୁହେଁ। ଏହାବ୍ୟତୀତ ଦିନତମାମ ଡାକବାଜି ଯନ୍ତ୍ର ମାଧ୍ୟମରେ ବିକୃତ ଆଲବମ ସଙ୍ଗୀତର ବିକଟାଳ ଗର୍ଜନ ପାର୍ବଣ ପାଳନକାରୀଙ୍କୁ ସାମୟିକ ଖୁସି ଓ ଆତ୍ମସନ୍ତୋଷ ଦେଉ ଥାଇପାରେ; କିନ୍ତୁ ବୃଦ୍ଧବ୍ୟକ୍ତି, ରୋଗୀ, ବିଦ୍ୟାର୍ଥୀ ଓ କର୍ମକ୍ଳାନ୍ତ ନାଗରିକ ତ୍ରାହି ତ୍ରାହି ଡାକୁଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନିୟମାନୁସାରେ ଦିନବେଳା ୪୫ ଡେସିବଲ୍ ଓ ରାତିରେ ୩୫ ଡେସିବଲ୍ ଶବ୍ଦ ବାଞ୍ଛନୀୟ। ଶବ୍ଦ ପ୍ରଦୂଷଣର ଭୟଙ୍କର କୁପରିଣାମକୁ ଦୃଷ୍ଟିରେ ରଖି ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ୨୦୦୫ ମସିହାରେ ପ୍ରଣୀତ ନିୟମାନୁଯାୟୀ ସର୍ବସାଧାରଣ ସ୍ଥାନରେ ରାତି ୧୦ ଟା ପରେ ଉଚ୍ଚଶବ୍ଦ ସୃଷ୍ଟି କରିବା ନିଷେଧ କରାଯାଇଛି। କିନ୍ତୁ ଦୁଃଖର ବିଷୟ ଆଜିର ସଭ୍ୟ ଶିକ୍ଷିତମାନେ ପ୍ରଦୂଷଣର କ୍ଷତିକାରକ ପ୍ରଭାବ ବିଷୟରେ ଜାଣି ବି ଅଜଣା ହେଉଛନ୍ତି। ଡିଜେର ବିକଟାଳ ଗର୍ଜନ କେବଳ ଶବ୍ଦ ପ୍ରଦୂଷଣ ନୁହେଁ, ଜୀବନ ହାନିର କାରଣ ହୋଇଛି। ଗାଁରୁ ସହର ସର୍ବତ୍ର ବର୍ତ୍ତମାନ ଶବ୍ଦ ପ୍ରଦୂଷଣର ଏକଛତ୍ରବାଦ ରାଜୁତି ଚାଲିଛି। ଏହା ଉପରେ କଠୋର କଟକଣା ଜାରି ହେବା ଆବଶ୍ୟକ।

ଏଥିସହିତ ପୂଜା ମଣ୍ଡପ ନିକଟରେ ଡଷ୍ଟବିନ୍ ରଖି ଅଳିଆ ଆବର୍ଜନା ପକାଇବାର ବ୍ୟବସ୍ଥା କରାଯାଉ। ଅପମିଶ୍ରିତ ଖାଦ୍ୟ ଓ ପାନୀୟ ଉପରେ ଖାଦ୍ୟ ସୁରକ୍ଷା ଅଧିକାରୀ ନିରନ୍ତର ଚଢ଼ାଉ ଜାରି ରଖନ୍ତୁ। ଭିଡ଼କୁ ଆଖିରେ ରଖି ଶ୍ରଦ୍ଧାଳୁ ଆତ୍ମସଚେତନ ହୋଇ ନିଜ ସାମଗ୍ରୀ ବିଶେଷତଃ ଟଙ୍କା, ମୋବାଇଲ, ଅଳଙ୍କାର ଆଦି ପ୍ରତି ନିଜେ ସତର୍କ ଓ ଦାୟିତ୍ୱବାନ ହେବା ଉଚିତ୍। ପାର୍ବଣ ସମୟରେ ଓ ଦେବାଦେବୀଙ୍କ ବିସର୍ଜନ ସମୟର ଆଡ଼ମ୍ବରପୂର୍ଣ୍ଣ ଶୋଭାଯାତ୍ରାରେ ନିଶାସକ୍ତ ଯୁବକମାନଙ୍କ ଅରୁଚିକର ଉଦ୍ଦଣ୍ଡ ନୃତ୍ୟ ଯୋଗୁଁ ଯାନବାହାନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ତେଣୁ ପାର୍ବଣ ଆରମ୍ଭରୁ ଶେଷପର୍ଯ୍ୟନ୍ତ ନିଶାବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରାଯାଉ। ଚାନ୍ଦା ଆଦାୟକୁ କେନ୍ଦ୍ରକରି ହେଉ ବା ଯେକୌଣସି ସାମାନ୍ୟ କାରଣକୁ ଭିତ୍ତିକରି ହିତାହିତ ଜ୍ଞାନଶୂନ୍ୟ ନିଶାଗ୍ରସ୍ତ ଯୁବକମାନଙ୍କ ଗଣ୍ଡଗୋଳକୁ ନିୟନ୍ତ୍ରଣ କରିବା ପାଇଁ କେବଳ ପୁଲିସ ପ୍ରଶାସନ ନୁହେଁ ବୟୋଜ୍ୟେଷ୍ଠ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ନେଇ ଶାନ୍ତି କମିଟି ଗଠନ କରାଯାଉ।

ପୂଜାପାର୍ବଣ ଧର୍ମାଚରଣର ଏକ ଅଙ୍ଗ ଭାବେ ମହାନ୍ ଭାରତୀୟ ସଂସ୍କୃତିରେ ସ୍ଥାନିତ ହୋଇଛି। ସୁପ୍ତ ଈଶ୍ୱରୀୟ ଚେତନାକୁ ଜାଗ୍ରତ କରି ଦେବୋପମ ଚରିତ୍ରର ଅଧିକାରୀ ହେବା ସହିତ ସୁଖ ଶାନ୍ତି ଓ ଆନନ୍ଦରେ ଜୀବନଯାପନ କରିବା ପୂଜା ପାର୍ବଣର ମୁଖ୍ୟ ଲକ୍ଷ୍ୟ। ଆଜି ସମୟ ଆସିଛି, ଆମ ମନଗଢ଼ା ଅଶାସ୍ତ୍ରୀୟ ପୂଜାର୍ଚ୍ଚନା ପରିବର୍ତ୍ତେ ଶାସ୍ତ୍ରାନୁମୋଦିତ ଉପଚାରରେ ପୂଜା ଆରାଧନା କରିବାକୁ ହେବ। ଦେବାଦେବୀଙ୍କ ପ୍ରତିମା ମାଟି, ସୁନା, ରୁପା ବା ଅଷ୍ଟଧାତୁରେ ନିର୍ମାଣ କରିବା ଉଚିତ। ଜୋରଜୁଲମ୍ କରି ଚାନ୍ଦା ଆଦାୟ ନ କରି ଅନୁଷ୍ଠାନ ସହିତ ଜଡ଼ିତ ଅଞ୍ଚଳବାସୀଙ୍କ ସ୍ୱେଚ୍ଛାକୃତ ଦାନ ଅର୍ଥରେ ପୂଜା ପାଳନ କରାଯାଉ। ପୂଜା ଆରମ୍ଭରୁ ବିସର୍ଜନ ପର୍ଯ୍ୟନ୍ତ ପୂଜା ମଣ୍ଡପରେ ଆଲବମ ସଙ୍ଗୀତ ପରିବର୍ତ୍ତେ ଭଜନ, କୀର୍ତ୍ତନ, ପ୍ରବଚନ ବା ଭକ୍ତିଭାବପୂର୍ଣ୍ଣ ସଙ୍ଗୀତ ଶ୍ରୁତିମଧୁର ସ୍ୱରରେ ପରିବେଷଣ କରାଯାଇ ପରିବେଶକୁ ଆଧ୍ୟାତ୍ମିକ ଚେତନା ସମୃଦ୍ଧ କରି ତୋଳିବା ସମସ୍ତଙ୍କର ଲକ୍ଷ୍ୟ ହେଉ। ବିସର୍ଜନ ଶୋଭାଯାତ୍ରା ନିରାଡ଼ମ୍ବର ହେଉ। ପରିବେଶକୁ ସୁସ୍ଥ ରଖି ପାର୍ବଣ ପାଳନ ସମସ୍ତଙ୍କ ଧ୍ୟେୟ ହେଉ। ପାର୍ବଣ ଅବସରରେ ସରକାର, ପ୍ରଶାସନ, ସୁରକ୍ଷା ବାହିନୀ, ଶାନ୍ତି କମିଟି ତଥା ପାଳନକାରୀ ସତର୍କ ଓ ସଜାଗ ରହିଲେ ପୂଜା ପାର୍ବଣ ସଫଳ ଓ ଉପଭୋଗ୍ୟ ହେବ।

ସିଂହପୁର(ଯାଜପୁର), ମୋ: ୯୯୩୭୮୮୧୧୮୪

# ମହାପ୍ରଭୁଙ୍କ ଟାହିଆ

ସ୍ୱପ୍ନେଶ୍ୱର

### ଲୋକକଥାରେ ଲୋକଦେବତା

ରାଜା ମହାରାଜାମାନେ ବାହାରକୁ ବାହାରିଲେ ସୁନାର ମୁକୁଟ ପିନ୍ଧନ୍ତି। ମୁକୁଟ ହିଁ ସେମାନଙ୍କର ପରିଚୟ। ମହାପ୍ରଭୁ ରାଜାଧିରାଜ। ସେ ଯେତେବେଳେ ବାହାରକୁ ବାହାରନ୍ତି ଫୁଲ, ଦୁବ, ସୋଲ, ଜରି, ବେତ ଓ ବାଉଁଶ କାଠି ଆଦିରେ ନିର୍ମିତ ଏକ ମୁକୁଟ ଲଗେଇ ବାହାରନ୍ତି। ବଡ଼ ଠାକୁର ବଳଭଦ୍ର ମଧ୍ୟ ଏହି ମୁକୁଟ ଲଗେଇ ବାହାରନ୍ତି। ସ୍ଥାନୀୟ ଭାଷାରେ ଏହି ମୁକୁଟକୁ 'ଟାହିଆ' କହନ୍ତି। ମାଆ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନ ଶୂନ୍ୟ ପହଣ୍ଡିରେ ଯାତ୍ରା କରୁଥିବାରୁ ସେମାନେ ଟୋପୋର ଆକାରର ଟାହିଆ ଲାଗି ହୁଅନ୍ତି। ସ୍ନାନଯାତ୍ରା ସମୟରେ ମନ୍ଦିରରୁ ସ୍ନାନମଣ୍ଡପକୁ ଯିବା ଓ ଆସିବା, ଗୁଣ୍ଡିଚା ଯାତ୍ରା ବେଳେ ଶ୍ରୀମନ୍ଦିରରୁ ରଥକୁ ଓ ରଥରୁ ଗୁଣ୍ଡିଚା ମନ୍ଦିରକୁ ବିଜେ କରିବା, ବାହୁଡ଼ା ଯାତ୍ରାରେ ଗୁଣ୍ଡିଚା ମନ୍ଦିରରୁ ରଥକୁ, ତା' ପରେ ନୀଳାଦ୍ରି ବିଜେ ଦିନ ଶ୍ରୀମନ୍ଦିରକୁ ଯାତ୍ରା- ଏହି ପରି ଛଅଥର ଯାତ୍ରା ବେଳେ ଚାରିଠାକୁରଙ୍କଠାରେ ଚବିଶଟି ଟାହିଆ ଲାଗି କରାଯାଏ। ସ୍ନାନ ଯାତ୍ରା ଓ ଗୁଣ୍ଡିଚା ମନ୍ଦିରରେ ବ୍ୟବହୃତ ଟାହିଆ ଶ୍ରୀମନ୍ଦିରରେ ଲାଗୁଥିବା ଟାହିଆଠାରୁ ଛୋଟ।

ବଡ଼ ଟାହିଆ ଲାଗି ହେବା ବେଳେ ଜଗନ୍ନାଥଙ୍କ ଟାହିଆରେ ୩୭ ଖଣ୍ଡ ଓ ବଳଭଦ୍ରଙ୍କ ଟାହିଆରେ ୩୩ ଖଣ୍ଡ ବାଉଁଶ କାଠି ଲାଗେ। ସାନ ଟାହିଆରେ ଜଗନ୍ନାଥଙ୍କର ୨୫ ଓ ବଡ଼ ଠାକୁରଙ୍କ ଟାହିଆରେ ୨୧ ଖଣ୍ଡ ବାଉଁଶ କାଠି ଲାଗେ। ଏଥିରୁ ଜଣାଯାଏ ଯେ ସବୁବେଳେ ମହାପ୍ରଭୁଙ୍କ ଟାହିଆ ବଡ଼ଠାକୁରଙ୍କ ଟାହିଆଠାରୁ ବଡ଼। ଲାଗୁଥିବା କାଠି ସଂଖ୍ୟାରେ ସବୁବେଳେ ଚାରିଟି କାଠିର ଫରକ ଥାଏ। ବିଭିନ୍ନ ପ୍ରକାରର ଫୁଲ, ଦୁବ, ସୋଲରେ ତିଆରି କଦମ୍ବ ଫୁଲ ଓ ପାନ ଖିଲ, ମାଧବୀ ପତ୍ର, ବେତ ଓ ବାଉଁଶ କାଠିରେ ପ୍ରାୟ ଅର୍ଦ୍ଧବୃତ୍ତାକାର ଆକାରରେ ନିର୍ମିତ ଛାଞ୍ଚରେ ସେ ସବୁକୁ ଖଞ୍ଜି ଥରକେ ଦୁଇଟି ସୁନ୍ଦର ଟାହିଆ ତିଆରି କରାଯାଏ। ଟାହିଆ କାରିଗର ଅତ୍ୟନ୍ତ ନିଷ୍ଠାର ସହ ହବିଷ୍ୟାନ୍ନ ଭୋଜନ କରି ମହାପ୍ରଭୁଙ୍କ ପାଇଁ ଟାହିଆ ପ୍ରସ୍ତୁତ କରନ୍ତି। ଶ୍ରୀମସ୍ତକରେ ଟାହିଆ ଲଗେଇ ଦୁଇଭାଇ ପହଣ୍ଡି ବିଜେ ସମୟରେ ସିଂହଠାଣିରେ ଚାଲିଚାଲି ଆସନ୍ତି ଏବଂ ସିଂହର କେଶର ପରି ଟାହିଆ ହଲେଇ ଆସୁଥିବା ବେଳେ ଦେଖୁଥିବା ଭକ୍ତମାନେ ତାଙ୍କୁ 'ନୀଳାଦ୍ରିସିଂହ'ରୂପେ ସମ୍ବୋଧିତ କରନ୍ତି।

ଟାହିଆ ପଛରେ ଏକ ଲୋକକଥା ଶୁଣାଯାଏ। କେତେକ ଏହାକୁ ସତ ଘଟଣା ବୋଲି ମଧ କହନ୍ତି। କଥାଟି ଏହିପରି - ଗଜପତି ପୁରୁଷୋତ୍ତମ ଦେବଙ୍କ ଅମଳର କଥା। ନରେନ୍ଦ୍ର ସରୋବରରେ ମଦନମୋହନ ଦୁଇପତ୍ନୀ ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ଚାପ ଖେଳୁଥିବା ସମୟରେ ପ୍ରବଳ ଝଡ଼ ତୋଫାନରେ ମଦନମୋହନଙ୍କ ଚାପ ସହିତ ତିନିଠାକୁର ପାଣିରେ ବୁଡ଼ି ଗଲେ। ଝଡ଼ ଥମିବା ପରେ ସେବକମାନେ ଅନେକ ପରିଶ୍ରମ କରି ଭୂଦେବୀ ଓ ଶ୍ରୀଦେବୀଙ୍କ ବିଗ୍ରହ ପାଣିରୁ ଉଦ୍ଧାର କରିବାରେ ସଫଳ ହେଲେ। କିନ୍ତୁ ମଦନମୋହନ ମିଳିଲେ ନାହିଁ। ମଦନମୋହନ ବାହୁଡ଼ା ବିଜେ ନ କଲେ ମହାପ୍ରଭୁଙ୍କର ଅନ୍ୟ ନୀତି ପ୍ରଭାବିତ ହେବ। ସେବକମାନେ ଗଜପତିଙ୍କୁ ଏ ବିଷୟରେ ଜଣେଇଲେ। ଗଜପତି ମଠ ମହନ୍ତ ଓ ପଣ୍ଡିତମାନଙ୍କର ଏକ ସଭା ଡାକି ପରାମର୍ଶ ଲୋଡ଼ିଲେ। ଅନେକ ବିଚାରବିମର୍ଶ ପରେ ସର୍ବସମ୍ମତି ନିଷ୍ପତ୍ତିକ୍ରମେ ସ୍ଥିର କରାଗଲା ଯେ ମଦନମୋହନଙ୍କ ବିଗ୍ରହ ପରି ଆଉ ଏକ ବିଗ୍ରହ ମିଳିଲେ ତାଙ୍କୁ ମଦନମୋହନ ରୂପେ ଅବସ୍ଥାପିତ କରି ବାକି ନୀତି ଆଗକୁ ବଢ଼ାଯିବ।

ଏହି ସମୟରେ ରାଘବ ଦାସ ମଠର ମହନ୍ତ ଜଣେଇଲେ ଯେ ତାଙ୍କ ମଠରେ ମଦନମୋହନଙ୍କର ଅବିକଳ ଏକ ପ୍ରତିମା ଆରାଧିତ ହେଉଛନ୍ତି। ଏହାପରେ ମଠରୁ ସେମୂର୍ତ୍ତି ଶ୍ରୀମନ୍ଦିରକୁ ଆସିଲେ। ବର୍ତ୍ତମାନର ମଦନମୋହନ ସେହି ରାଘବ ଦାସ ମଠରୁ ଅଣାଯାଇଥିବା ବିଗ୍ରହ। କୃତଜ୍ଞ ରାଜା ଖୁସି ହୋଇ ମହନ୍ତଙ୍କୁ ପ୍ରତିବଦଳରେ କିଛି ମାଗିବାକୁ କହିବାରୁ ମହନ୍ତ କହିଲେ, 'ମୁଁ ଜଣେ ସଂସାରତ୍ୟାଗୀ ସନ୍ନ୍ୟାସୀ। କୌଣସି ଧନସମ୍ପତ୍ତିର ଆବଶ୍ୟକତା ମୋର ନାହିଁ। ଆପଣ ଯଦି ଖୁସିରେ କିଛି ଦେବାକୁ ଚାହୁଁଛନ୍ତି, ମହାପ୍ରଭୁଙ୍କର କିଛି ଅଙ୍ଗଲାଗି ସେବା ଆମ ମଠକୁ ପ୍ରଦାନ କରିବା ହୁଅନ୍ତୁ।' ରାଜା କିଛି ସମୟ ଚିନ୍ତା କରି ମହନ୍ତଙ୍କୁ ମହାପ୍ରଭୁଙ୍କର କେତେକ ମହାର୍ଘ ସେବା କରିବାର ଅଧିକାର ପ୍ରଦାନ କଲେ।

ସେହି ଅଧିକାର ଅନୁଯାୟୀ ପ୍ରତିବର୍ଷ ରାଘବଦାସ ମଠ ପକ୍ଷରୁ ମହାପ୍ରଭୁଙ୍କର ସମସ୍ତ ଯାତ୍ରାରେ ପୁଷ୍ପାଳଙ୍କାର ବା ଟାହିଆ ସମେତ ସ୍ନାନ ପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କ ଗଜବେଶ, ଅନବସର ସମୟର ଚକଟା ଭୋଗ ଏବଂ ନୀଳାଦ୍ରି ବିଜେ ପୂର୍ବଦିନର ଅଧର ପଣା ଯୋଗାଇ ଦିଆଯାଉଛି।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।



ଶାରଦୀୟ ପାର୍ବଣ ଷୋଡ଼ଶ ଉପଚାର ପୂଜା ଏକାଦଶ ଦିବସରେ ପରମ ବୈଷ୍ଣବୀ ଜଗତ ଜନନୀ ବିଦ୍ୟା ପ୍ରଦାୟିନୀ ଝଙ୍କଡ଼ ବାସିନୀ ମା' ଶାରଳାଙ୍କ ଦିବ୍ୟ ବେଶ ଦର୍ଶନ

### କଲେଜରୁ ଫେରୁଥିବା ବେଳେ ଦୁର୍ଘଟଣାରେ ଛାତ୍ର ମୃତ

# ଅଧା ରହିଗଲା ସାଥୀଙ୍କ ପାଇଁ ପ୍ରଚାର

ବାଲିକୁଦା,୧୩।୧୦(ସମିସ)

ସାଥୀ ନିର୍ବାଚନରେ ପ୍ରାର୍ଥୀ। ସାଥୀଙ୍କ ପାଇଁ ପ୍ରଚାରକୁ ଜୋରଦାର କରି କ୍ଲାନ୍ତ ହୋଇ ଘରକୁ ଫେରୁଥିଲେ। ହେଲେ ବାଟରେ ଜଗିଥିଲା ଯମ। ଦୁର୍ଘଟଣାରେ ନେଇଗଲା ପ୍ରାଣ। ଏମିତି ଭାବେ ବାଲିକୁଦା କଲେଜର ଜଣେ ଛାତ୍ରର ଜୀବନ ଅଧାବାଟରେ ଚାଲିଯାଇଛି। ମୃତକ ହେଲେ ବାଲିକୁଦା କଲେଜ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ର ରାହୁଲ ନାୟକ (୨୦)। ବାଲିକୁଦା ଥାନା ଅନ୍ତର୍ଗତ ଅଡ଼ଙ୍ଗା ପଞ୍ଚାୟତ କୋଳଦା ଗ୍ରାମର ସଚ୍ଚିନ୍ଦ୍ର ନାୟକଙ୍କ ଏକମାତ୍ର ପୁଅ। ସୋମବାର ରାତି ପ୍ରାୟ ୧୦ଟାରେ ନିର୍ବାଚନ ପ୍ରଚାର ସାରି ରାହୁଲ ଘରକୁ ଫେରୁଥିବା ବେଳେ ବାଲିକୁଦା ବଜାର ନିକଟରେ ଏକ ମାଛ ବୋଝେଇ କଣ୍ଟେନର ଧକ୍କାରେ ଅକାଳରେ ଝଡ଼ିପଡ଼ିଯାଇଥିଲା ତାଙ୍କ ଜୀବନ। ଏକମାତ୍ର ପୁଅକୁ ହରାଇ ବାପାମା'ଙ୍କ କୋଳ ଶୂନ୍ୟ ହୋଇଯାଇଥିବା ବେଳେ ସମଗ୍ର ବାଲିକୁଦା ଅଞ୍ଚଳରେ ଖେଳିଯାଇଛି ଗଭୀର ଶୋକର ଛାୟା। ମଙ୍ଗଳବାର ରାହୁଲଙ୍କ ମରଶରୀର କଲେଜ ଫାଟକ ନିକଟରେ ପହଞ୍ଚିବା ପରେ ଶୋକାକୁଳ ଛାତ୍ରଛାତ୍ରୀ ଅଶ୍ରୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ।



କଲେଜ ନିର୍ବାଚନକୁ ନେଇ ରାହୁଲ ବିଜୁ ଛାତ୍ର ଜନତା ଦଳର ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କାର୍ଯ୍ୟରେ ସାମିଲ ହୋଇଥିଲେ। ପ୍ରାର୍ଥୀଙ୍କ ସହ ବିଭିନ୍ନ ଛାତ୍ରଛାତ୍ରୀଙ୍କ ଘରକୁ ଯାଇ ଭୋଟ୍ ପ୍ରଚାର କରିଥିଲେ। ପ୍ରଚାର ସାରି ଫେରିବା ସମୟରେ ତାଙ୍କ ସହ ଥିବା ବନ୍ଧୁ ଜଣକ ଗାଡ଼ି ରଖି କୌଣସି କାମରେ ରାସ୍ତାକଡ଼କୁ ଯାଇଥିଲେ। ଏହି ସମୟରେ ରାହୁଲ ରାସ୍ତାକଡ଼ରେ ଗାଡ଼ି ରଖି ତା' ଉପରେ ବସିଥିଲେ। ଠିକ୍ ଏତିକିବେଳେ କଟକ-ମାଛଗାଁ ମୁଖ୍ୟ ରାସ୍ତାରେ ବାଲିକୁଦା ପଟୁ କଟକ ଅଭିମୁଖେ ଯାଉଥିବା ଏକ ମାଛ ବୋଝେଇ କଣ୍ଟେନର ତାଙ୍କୁ ଧକ୍କା ଦେଇଥିଲା। ଧକ୍କାରେ ରାହୁଲ ଗାଡ଼ି ଚକ ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡ ଚାପି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ତାଙ୍କ ସହ ଥିବା ବନ୍ଧୁ ଜଣକ ସୁରକ୍ଷିତ ରହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଦୁର୍ଘଟଣାକୁ ନେଇ ଗତକାଲି ରାତିରେ ବାଲିକୁଦା ମୁଖ୍ୟ ବଜାରରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ଓ କଲେଜ ଛାତ୍ରମାନେ ରାସ୍ତା ଅବରୋଧ କରିବା ସହ ପୁଲିସ ସହ ଯୁକ୍ତିତର୍କ କରିଥିଲେ। ଏହି ସମୟରେ ପୁଲିସ କର୍ମଚାରୀଙ୍କ ଉପରକୁ ହାତ ଉଠାଇବା ଅଭିଯୋଗରେ ଆଉ ଏକ ମାମଲା ନଂ ୩୬୨/୨୬ ରୁଜୁ ହୋଇଛି। ଏହି ମାମଲାରେ ଦୁଇଜଣଙ୍କୁ ପୁଲିସ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ମଙ୍ଗଳବାର ଅପରାହ୍ନ ପ୍ରାୟ ୧ଟା ସମୟରେ ରାହୁଲଙ୍କ ମରଶରୀର କଲେଜ ଫାଟକ ନିକଟରେ ପହଞ୍ଚିଥିଲା। ସେଠାରେ ଅପେକ୍ଷାରତ ଛାତ୍ରଛାତ୍ରୀ ତାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ପୈତୃକ ଗ୍ରାମର ଶ୍ମଶାନ ପର୍ଯ୍ୟନ୍ତ ନିଆଯାଇ ସତ୍କାର କରାଯାଇଥିଲା। ରାହୁଲଙ୍କ ମୃତ୍ୟୁରେ ଛାତ୍ର ମହଲରେ ଶୋକ ପ୍ରକାଶ ପାଇଥିବାରୁ କଲେଜ ନିର୍ବାଚନର ଶେଷ ଦିନର ପ୍ରଚାର ବନ୍ଦ କରିବାକୁ ସମସ୍ତ ଦଳର ସମର୍ଥିତ ଛାତ୍ରନେତାମାନେ ନିଷ୍ପତ୍ତି ନେଇଥିଲେ। ଶୋଭାଯାତ୍ରାରେ ସାମିଲ ହେବା ସହ ଜୁଇରେ କାଠ ଖଞ୍ଜି ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ଏହି ଦୁଃଖଦ ଘଟଣା ପରେ ବାଲିକୁଦା ତହସିଲଦାର ବିକାଶ ରଞ୍ଜନ ରାହୁଲଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

ଅନ୍ୟପଟେ ବାଲିକୁଦା ମୁଖ୍ୟ ରାସ୍ତାରେ ଅଣଓସାରିଆ ଭାବେ ନିର୍ମାଣ ହୋଇଥିବା ତୋରଣ ଯୋଗୁଁ ଯାତାୟାତରେ ଭିଡ଼ ସୃଷ୍ଟି ହେଉଥିବା ଏବଂ ଏହା ଦୁର୍ଘଟଣାର ଏକ କାରଣ ହୋଇଥାଇପାରେ ବୋଲି ଅଭିଯୋଗ ଉଠିଛି। ଏନେଇ ତହସିଲଦାର କହିଛନ୍ତି ଯେ ସେ ବାଲିକୁଦା ଥାନା ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବେ। ଏ ସମ୍ପର୍କରେ ବାଲିକୁଦା ଥାନା ଅଧିକାରୀ କାବୁଲି ବାରିକ କହିଛନ୍ତି ଯେ ଦୁର୍ଘଟଣା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ପରେ ଅଧିକ ତଥ୍ୟ ଜଣାପଡ଼ିବ।

## ନାରଦିଆ ପଞ୍ଚାୟତରେ ବିଜେଡିର ପଦଯାତ୍ରା



ଏରସମା,୧୩।୧୦(ସମିସ): ଏରସମା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଆଗାମୀ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ କର୍ମୀ ସମାବେଶ ଓ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ପୀତବାସ ଗୋଛାୟତଙ୍କ ନେତୃତ୍ୱରେ ଅନୁଷ୍ଠିତ ସମାବେଶରେ ସ୍ଥାନୀୟ ବିଧାୟକ ଶାରଦା ପ୍ରସନ୍ନ ଜେନା ଯୋଗ ଦେଇ ନବୀନ ପଟ୍ଟନାୟକ ସରକାର ସାଧାରଣ ଲୋକଙ୍କ ସରକାର ହୋଇଥିଲା। କିନ୍ତୁ ବର୍ତ୍ତମାନ ସରକାରରେ ପରିବାର ଚଳେଇବା କଷ୍ଟ ହୋଇପଡୁଛି। ଆଗମୀ ଦିନରେ ସରକାରଙ୍କ ବିଫଳତାକୁ ନେଇ ଲୋକଙ୍କ ପାଖକୁ ଯିବାକୁ ପଡିବ ବୋଲି କହିଥିଲେ। ସେହିଭଳି ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ପ୍ରଣବ ସ୍ୱାଇଁ ଯୋଗ ଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସମବାୟବିତ ସମୀର ସ୍ୱାଇଁ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ପ୍ରିୟମ୍ବଦା ମହାନ୍ତି, ପୁର୍ବତନ ବ୍ଲକ ଅଧ୍ୟକ୍ଷ ମାନସ ରଞ୍ଜନ ସେଠୀ, ପୂର୍ବତନ ସରପଞ୍ଚ ଶିଶିର କୁମାର ବିଶ୍ୱାଳ, ପ୍ରଦିପ୍ତ ପରିଡା ଯୋଗ ଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ହେବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବରିଷ୍ଠ ମୁରବି ଦାଶ ରଥୀ ସ୍ୱାଇଁ, ମାନସ ଜେନା, ରବିନା ସାମଲ, ଧୀରେନ୍ଦ୍ର ଦାସ, ବିଜୟ ତଙ୍ଗୁର, ଗୁଡୁଲ ଖୁଣ୍ଟିଆ, ସନ୍ଦୀପ ଖୁଣ୍ଟିଆ ପ୍ରମୁଖ ଆନୁଷ୍ଠାନିକ ଭାବରେ ବିଜେଡି ମିଶିଥିଲେ। ବରିଷ୍ଠ ବିଜେଡି ନେତା କ୍ଷେତ୍ରମୋହନ ଦାସ ଧନ୍ୟବାଦ୍ ଦେଇଥିଲେ।

## ମଝି ସମୁଦ୍ରରେ ଦୁଇ ଖଣ୍ଡ ହେଲା ବୋଟ୍



ପାରାଦୀପ,୧୩।୧୦(ସମିସ): ପାରାଦୀପ ନେହରୁ ବଙ୍ଗଳା ମହାନଦୀ ମୁହାଣରେ ଉଚ୍ଚ ସମୁଦ୍ର ଲହଡ଼ି ଯୋଗୁଁ ମଝି ସମୁଦ୍ରରେ ମାଛ ଧରି ଫେରୁଥିବା ଏକ ଟାପା ବୋଟ କ୍ଷତିଗ୍ରସ୍ତ ହୋଇଛି। ଏପରିକି ବୋଟ୍‌ଟି ଭାଙ୍ଗି ଦୁଇଫାଳ ହୋଇଯାଇଥିବା ସୂଚନା ମିଳିଛି। ଖବର ଅନୁସାରେ ଏକ ଟାପା ବୋଟ ସମୁଦ୍ରରୁ ମାଛ ଧରି ଫେରୁଥିବା ବେଳେ ସମୁଦ୍ର ମୁହାଁଣ ମୁହଁରେ ଏକ ଉଚ୍ଚ ଲହଡି ଜୋରରେ ଆସି ବୋଟ ଦେହରେ ମାଡ ହେବାରୁ ବୋଟଟି ଭାରସାମ୍ୟ ହରାଇବା ସହିତ ଦୁଇଫାଳ ହୋଇଯାଇଥିଲା। ତେବେ ମାଛ ଧରି ଫେରୁଥିବା ଅନ୍ୟ ଏକ ଟାପା ବୋଟର ସହାୟତାରେ ସୁରକ୍ଷିତ ଭାବେ ୫ ଜଣ ମତ୍ସ୍ୟଜୀବୀ ସହ ଟାପା ବୋଟ୍‌କୁ ଉଦ୍ଧାର କରାଯାଇ ଅଣାଯାଇଥିଲା।

## ସମାଜସେବୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ଏରସମା,୧୩।୧୦(ସମିସ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଗୋଡ଼ା ଗ୍ରାମରେ ପ୍ରମୋଦ କୁମାର ସେନାପତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ଏହି ଅବସରରେ ପଣ୍ଡିତ ନାଗୁଚରଣ ଦେବତାଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଳ୍ପପତି ମହେଶ୍ୱର ସ୍ୱାଇଁ, କବି ହୃଷୀକେଶ ଜେନା ଓ ଡ. ବସନ୍ତ ମଞ୍ଜରୀ ଦାସ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିମୂର୍ତ୍ତି ଉନ୍ମୋଚନ ମାଧ୍ୟମରେ ପ୍ରମୋଦ କୁମାର ସେନାପତିଙ୍କ ସ୍ମୃତିକୁ ସମ୍ମାନ ଜଣାଯାଇଥିଲା।

## ବିଦ୍ୟାଳୟ ସମୂହ ଖୋ-ଖୋ ଓ କବାଡ଼ି ପ୍ରତିଯୋଗିତା

ରଘୁନାଥପୁର,୧୩।୧୦(ସମିସ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ବିଦ୍ୟାଧରପୁର ପଞ୍ଚାୟତ ସ୍ଥିତ ଗୋରେଖନାଥ ବିଦ୍ୟାପୀଠରେ ଖୋ-ଖୋ ଓ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ହୃଷୀକେଶ ଯୋଗାନିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ମଣ୍ଡଳ ସହ ଶିକ୍ଷା ଅଧିକାରୀ ଆଶୁତୋଷ ବାନାର୍ଜୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ବିଦ୍ୟାଧରପୁର ଗ୍ରାମପଞ୍ଚାୟତର ସମିତି ସଭ୍ୟା ସାଗରିକା ଭୋଇ, ସମ୍ମାନନୀୟ ଅତିଥି ଭାବେ ସରପଞ୍ଚଙ୍କ ପ୍ରତିନିଧି ଅବଦୁଲ ରହିମ ଖାଁ, ଗୋରେଖନାଥ ବିଦ୍ୟାପୀଠର ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ବୀରବର ଦାସ, ମଣ୍ଡଳ ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନ ସଂପାଦକ ଅବଦୁଲ ହମିଦ, ବରିଷ୍ଠ ଶାରୀରିକ ଶିକ୍ଷା ଶିକ୍ଷକ ବିଷ୍ଣୁଚନ୍ଦ୍ର କର ଯୋଗ ଦେଇଥିଲେ। ମୁଖ୍ୟଅତିଥି ଛାତ୍ରଛାତ୍ରୀଙ୍କୁ ସୁସ୍ଥ ଶରୀର ପାଇଁ କ୍ରୀଡ଼ାର ଆବଶ୍ୟକତା ସମ୍ପର୍କରେ କହିଥିଲେ। ସରକାରଙ୍କ ବର୍ତ୍ତମାନ ଶାରୀରିକ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଏହି ଭଳି ପ୍ରତିଯୋଗିତା ଦ୍ୱାରା ପ୍ରତିଭା ଥିବା ଖେଳାଳି ଚୟନ ହୋଇପାରିବ ବୋଲି କହିଥିଲେ।



ଶାରୀରିକ ଶିକ୍ଷା ଶିକ୍ଷକ ପରେଶ୍ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ରଘୁନାଥପୁର ବ୍ଲକରୁ ୨୬ଟି ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ପ୍ରାୟ ୨୫୦ ଜଣ ପ୍ରତିଯୋଗି ୧୪ ବର୍ଷ ଓ ୧୭ ବର୍ଷ ବାଳକ ଓ ବାଳିକା ବର୍ଗରେ ଭାଗ ନେଇଥିଲେ। ଏଥିରୁ ଉଭୟ ବର୍ଗରୁ ୪୮ ଜଣ ଲେଖାଏଁ ପ୍ରତିଯୋଗି ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଜିଲ୍ଲା କ୍ରୀଡ଼ା ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ଶାରୀରିକ ଶିକ୍ଷା ଶିକ୍ଷକ ଅବିନାଶ ମହାପାତ୍ର, କନକଲତା ଖୁଣ୍ଟିଆ, ସ୍ମିତାଞ୍ଜଳି ବେହେରା, ନିହାରିକା ସ୍ୱାଇଁ, ନମିତା ଖଣ୍ଡୁଆଳ, ଶକୁନ୍ତଳା ସେଠୀ, ସସ୍ମିତା ଦାଶ, ରବିପ୍ରସାଦ ସ୍ୱାଇଁ, ନିର୍ମଳ କୁମାର ସାହୁ, ରଜନୀକାନ୍ତ ମଲ୍ଲ, ତପନ କୁମାର ବାରିକ, ଅସ୍ମିତା ସେଠୀ, ମାନସରଞ୍ଜନ ମହନ୍ତ, ମନୋରମା ସାହୁ। ଶେଷରେ ସହସମ୍ପାଦକ ବିଜୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ପୁଲିସ ଡ୍ରାଇଭର ମୃତ

କୁଜଙ୍ଗ/ପାରାଦୀପ, ୧୩।୧୦(ସମିସ): ପାରାଦୀପ ଲକ୍ ଥାନାରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା କୁଜଙ୍ଗ ଥାନା ମଙ୍ଗରାଜପୁର ଗ୍ରାମର ଗଙ୍ଗାଧର ମଲ୍ଲିକଙ୍କ ପୁତ୍ର ବିକ୍ରମ ମଲ୍ଲିକ (ସଚିନ/୨୬) ଙ୍କର ଗତକାଲି ପରଲୋକ ହୋଇଯାଇଛି। ବିଳମ୍ବିତ ରାତିରେ ବିକ୍ରମ ଓ ତାଙ୍କ ସହିତ ଆଉ ଜଣେ ଥାନାର କର୍ମଚାରୀ କଟକ-ପାରାଦୀପ ରାଜ୍ୟ ରାଜପଥର ଭୂତମୁଣ୍ଡାଇ ସିଙ୍ଗିଟାଳି ମଧ୍ୟସ୍ଥଳରେ ରହିଥିବା ଏକ ହୋଟେଲରେ ଖାଇ ସାରିବା ପରେ ଖାଦ୍ୟ ପାର୍ସଲ ନେଇ ପାରାଦୀପ ଆଡକୁ ଯାଉଥିଲେ। ତେବେ ବରେଇ ଛକ ନିକଟରେ ପଛରୁ କୌଣସି ଏକ ଦ୍ରୁତଗାମୀ ଗାଡ଼ି ତାଙ୍କୁ ଧକ୍କାଦେଇ ପଳାଇ ଯାଇଥିଲା। ଘଟଣା ସ୍ଥଳରେ ବିକ୍ରମ ଗୁରୁତର ଭାବେ ଆହତ ହେବା ସହିତ ସଂଜ୍ଞାହୀନ ହୋଇ ପଡିଯାଇଥିଲେ। ତାଙ୍କୁ ତୁରନ୍ତ ସିଙ୍ଗିଟାଳି



ଛକରେ ରହିଥିବା ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ଗାଡିକୁ ଏପର୍ଯ୍ୟନ୍ତ ଠାବ କରାଯାଇ ନାହିଁ। ତେବେ ସିସିଟିଭି ତନଖି କରାଯାଇ ଗାଡିକୁ ଠାବ କରାଯିବାକୁ ଉଦ୍ୟମ କରାଯାଉଥିବା ଥାନା ଅଧିକାରୀ ରଶ୍ମୀରଂଜନ ଦାଶ ସୂଚନା ଦେଇଛନ୍ତି। ଏ ନେଇ ଲକ୍ ଥାନାରେ ୩୪୬/୨୬ରେ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି।

## ଜଗତସିଂହପୁର ବିଜେପିର ସାଂଗଠନିକ ବୈଠକ

ଜଗତସିଂହପୁର,୧୩।୧୦(ସମିସ): ଜଗତସିଂହପୁର ପୌର ପରିଷଦ ଅନ୍ତର୍ଗତ ଗୋପାଳସାଗର ସ୍ଥିତ ମାର୍କଣ୍ଡେଶ୍ୱର ମହାଦେବ ମନ୍ଦିର ନିକଟରେ ଜିଲ୍ଲା ବିଜେପିର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ଜଗନ୍ନାଥ ଦାଶ, ଜଗତସିଂହପୁର ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି କଳ୍ପନା ସର୍ଜନ ସିଂ, ପ୍ରାକ୍ତନ ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି କ୍ରିଷ୍ଣା ପ୍ରିୟା ମହାନ୍ତି, ସୁରେଶ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକରେ ମୁଖ୍ୟତଃ ଆଗାମୀ ଛାତ୍ର ସଂସଦ ନିର୍ବାଚନ ସମ୍ପର୍କରେ ଆଲୋଚନା ହୋଇଥିଲା। ଦଳର ଛାତ୍ର ସଙ୍ଗଠନ ଏବିଭିପି ପ୍ରାର୍ଥୀ ମାନେ ନିର୍ବାଚନରେ ସଫଳତା ହାସଲ କରିବା ସମ୍ପର୍କରେ ସମସ୍ତ ଅତିଥିମାନେ ବକ୍ତବ୍ୟ ରଖିଥିଲେ।



ଏହି ସଭା କାର୍ଯ୍ୟକ୍ରମକୁ ପୂର୍ବତନ କାଉନସିଲର ସୁଶାନ୍ତ ରଞ୍ଜନ ସ୍ୱାଇଁ ସଭାପତିତ୍ୱ କରିଥିଲେ। ଏହା ପରେ ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଏବିଭିପିର ସଭାପତି ପ୍ରାର୍ଥୀ ଶାଶ୍ୱତୀ ସୌମ୍ୟା ସ୍ୱାଇଁ, ଉପସଭାପତି ସ୍ୱଦେଶ କୁମାର ନାୟକ, ସାଧାରଣ ସମ୍ପାଦକ ବିଶ୍ୱଜିତ ପ୍ରଧାନ, ସହ ସମ୍ପାଦକ ସରୋଜିନୀ ବରାଳ, କ୍ରୀଡ଼ା ସମ୍ପାଦକ ସୌମ୍ୟ ରଞ୍ଜନ ଜେନା, ସହ କ୍ରୀଡ଼ା ସମ୍ପାଦକ ବିବେକ ବିଶ୍ୱାଳ, ସୋସିଆଲ ସର୍ଭିସ ସମ୍ପାଦକ ରୁଦ୍ର ପ୍ରସାଦ ନାୟକ, ସାଂସ୍କୃତିକ ସମ୍ପାଦକ ଆଶୁତୋଷ ପରିଡା, ସହ ସାଂସ୍କୃତିକ ସମ୍ପାଦକ ଏସ୍‌କେ ସାହିଲ, ଡିଏସ୍ ସମ୍ପାଦକ ହିମାଂଶୁ ପାଲ, ସହ ଡିଏସ ସମ୍ପାଦକ ସୌରଜିତ ବେହେରା, ସେକ୍ରେଟାରୀ ବଏଜ କମନ ରୁମ ଆକାଶ ସାହୁ, ସହ ସମ୍ପାଦକ ବଏଜ କମନ ରୁମ ଓମ ପ୍ରକାଶ ବେହେରା, ଗାର୍ଲସ କମନ ରୁମ ସମ୍ପାଦକ ବର୍ଷା ରାଣୀ ସାହୁ, ସେକ୍ରେଟାରୀ ସାଇନ୍ସ ସୋସାଇଟି ସେକ୍ରେଟାରୀ ବିଶ୍ୱଜିତ ବେହେରା, ସହ ସାଇନ୍ସ ସୋସାଇଟ ସେକ୍ରେଟାରୀ ସୁଭଦ୍ରା ପଣ୍ଡାଙ୍କ ସମେତ ସମସ୍ତ ପ୍ରାର୍ଥୀ ଉପସ୍ଥିତ ରହି ସମସ୍ତଙ୍କର ସହଯୋଗ କାମନା କରିଥିଲେ।

## ବଦଳିଲେ ରଘୁନାଥପୁର ବିଡିଓ



ରଘୁନାଥପୁର,୧୩।୧୦(ସମିସ): ରଘୁନାଥପୁର ବ୍ଲକ ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କ ସଚିବାଳୟକୁ ବଦଳି ହୋଇଯଛି। ଫଳରେ ତାଙ୍କ ଜାଗାରେ ନୂତନ ବିଡିଓ ଭାବେ ପ୍ରତୀଶ କୁମାର ଭୋଳ ଯୋଗଦେଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥି ପାଇଁ ବ୍ଲକର ଏବିଡିଓ, ଜିପିଓ ଏବଂ ସମସ୍ତ କର୍ମଚାରୀ, ସରପଞ୍ଚ ଓ ସମିତିସଭ୍ୟ ଓ ସଭ୍ୟା ମାନେ ତାଙ୍କୁ ସ୍ୱାଗତ କରିବାସହ ପ୍ରାକ୍ତନ ବିଡିଓ ଶ୍ରୀ ବେହେରାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ।

# ଜଗତସିଂହପୁର ଦିଶା କମିଟିର ଅଷ୍ଟମ ବୈଠକ

ଜଗତସିଂହପୁର,୧୩।୧୦(ସମିସ):



ଆଜି ଜଗତସିଂହପୁର ଜିଲ୍ଲାସ୍ତରୀୟ ଉନ୍ନୟନ ସମନ୍ୱୟ ଓ ତଦାରଖ (ଦିଶା) କମିଟିର ଅଷ୍ଟମ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ସାଂସଦ ତଥା ଜିଲ୍ଲା ଦିଶା କମିଟିର ଅଧ୍ୟକ୍ଷ ବିଭୁପ୍ରସାଦ ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସାମଗ୍ରୀକ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ସହାୟତାରେ ରାଜ୍ୟରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଜନକଲ୍ୟାଣ ମୂଳକ କାର୍ଯ୍ୟକ୍ରମ ଗୁଡିକର ସଫଳ ରୂପାୟନ ଓ କାର୍ଯ୍ୟାନ୍ୱୟନ ପାଇଁ ଦିଶା କମିଟିର ସଂକ୍ରୀୟ ଅଂଶଗ୍ରହଣ ସଂପର୍କରେ ସାଂସଦ କହିଥିଲେ। ଏହି ବୈଠକରେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଯୋଗଦେଇ ସରକାରୀ ପ୍ରକଳ୍ପର କାର୍ଯ୍ୟକାରିତା ପୂର୍ବରୁ ସ୍ଥାନୀୟ ଜନପ୍ରତିନିଧିଙ୍କ ପରାମର୍ଶ ନେଲେ ଏହା ସୁବ୍ୟବସ୍ଥିତ ହୋଇପାରିବ ବୋଲି କହିଥିଲେ। ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ପାରାଦୀପ ପୌର ପରିଷଦ ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ପ୍ରମୁଖ ଉପସ୍ଥିତ ରହି ଜନ ପ୍ରତିନିଧି ଓ ପ୍ରାଶାସନିକ ସହଯୋଗ ଓ ଆଲୋଚନାରେ ସରକାରଙ୍କ ଉନ୍ନୟନ ମୂଳକ କାର୍ଯ୍ୟ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ମତ ଦେଇଥିଲେ। ପାରାଦୀପ ପୌର ଅଧ୍ୟକ୍ଷ ସେଠାରେ ଥିବା ଶିଳ୍ପ ସଂସ୍ଥା ଗୁଡିକ ଶ୍ରମିକମାନଙ୍କ ପାଇଁ ରହିବାର ସୁବିଧା ସୁନିଶ୍ଚିତ କଲେ ଶିଳ୍ପ ନଗରୀରେ ବସ୍ତି ସଂଖ୍ୟା କମିବ ବୋଲି କହିଥିଲେ। ଜିଲ୍ଲାପାଳ ଜେ ସୋନାଲ ବୈଠକରେ ଉପସ୍ଥିତ ରହି ଆଲୋଚନା ଓ ପରିଦର୍ଶନ ଦ୍ୱାରା ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି କହିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲେ ମଧ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଥମେ ଜିଲ୍ଲାରେ ମିଶନ ଶକ୍ତି, ଓରମାସ, ଲକ୍ଷପତି ଦିଦି ସୃଷ୍ଟି ଓ ସଫଳତା ବିଷୟରେ ଆଲୋଚନା ହୋଇଥିଲା। କୋଟିପତି ଦିଦି ସୃଷ୍ଟି ପାଇଁ ଲକ୍ଷ ହାସଲକୁ ପ୍ରାଥମିକତା ଦିଆଯାଇଥିଲା। ଓରମାସ ଅନ୍ତର୍ଗତ ରଘୁନାଥପୁରର ବୟନ ଗ୍ରାମର ଉତ୍ପାଦନ, କୁଜଙ୍ଗର ଶୁଖୁଆ ଏବଂ ମା'ମାନଙ୍କ ହାତ ତିଆରି ବିଭିନ୍ନ ଉତ୍ପାଦନକୁ ଜାତୀୟ ତଥା ଆନ୍ତର୍ଜାତୀୟ ବଜାରରେ ବିକ୍ରି ସୁଯୋଗ କରିବାକୁ ସାଂସଦ ପ୍ରସ୍ତାବ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଯୋଜନା ଅନ୍ତର୍ଭୁକ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପାନୀୟ ଜଳ ଯୋଜନା ଅନ୍ତର୍ଗତ ଜଳ ଜୀବନ ମିଶନ, ଜାତୀୟ ରାଜପଥ ଭିତ୍ତି ଭୂମି ବିକାଶ, ସମନ୍ୱିତ ଶିଶୁବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ମୃତ୍ତିକା ହେଲଥ କାର୍ଡ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, କୃଷି ଓ କୃଷକ ସଶକ୍ତୀକରଣ, ସ୍ୱଚ୍ଛ ଭାରତ ଅଭିଯାନ, ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନା, କାମଧେନୁ ଯୋଜନା, ପିଏମ୍ ସ୍ୱନିଧି, ଜାତୀୟ ସ୍ୱାସ୍ଥ୍ୟ ମିଶନ, ବିଦ୍ୟୁତ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ପ୍ରାଣୀ ସମ୍ପଦ ବିଭାଗର ଯୋଜନା ଇତ୍ୟାଦି ବିଭିନ୍ନ କେନ୍ଦ୍ରୀୟ ଜନକଲ୍ୟାଣ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ପୂର୍ବକ ସମୀକ୍ଷା କରାଯାଇଥିଲା। ବୈଠକରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀ, ଜିଲ୍ଲାର ପଞ୍ଚାୟତ ସମିତିର ଅଧ୍ୟକ୍ଷ/ ଅଧ୍ୟକ୍ଷା, ଅନ୍ୟାନ୍ୟ ଜନପ୍ରତିନିଧି ତଥା ଦିଶା କମିଟିର ସଦସ୍ୟ/ସଦସ୍ୟା, ଯୋଗଦେଇଥିଲେ।

## ରାଧାକୃଷ୍ଣ ବଜାର ମା' ମଙ୍ଗଳାଙ୍କ ନିଶା ମଙ୍ଗଳବାର ଓଷା

ଢେଙ୍କାନାଳ, ୧୩।୧୦ (ସମିସ): ରାଧାକୃଷ୍ଣ ବଜାରସ୍ଥିତ ମା' ମଙ୍ଗଳାଙ୍କ ପୀଠରେ ପାରମ୍ପରିକ ରୀତିନୀତି ଅନୁସାରେ ନିଶା ମଙ୍ଗଳବାର ଓଷାର ତୃତୀୟ ପାଳି ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଭକ୍ତମାନଙ୍କ ପକ୍ଷରୁ ମା'ଙ୍କ ନିକଟରେ ବିଭିନ୍ନ ପ୍ରକାରର ଫୁଲ ହାର ଓ ଭୋଗ ଲାଗି କରାଯିବା ସହ ନିଶା ମଙ୍ଗଳବାର



ଓଷା ବହି ପଠନ କରାଯାଇଥିଲା। ପିଲାମାନଙ୍କ ମଙ୍ଗଳ ଓ ପରିବାରର ସୁଖ, ଶାନ୍ତି ଏବଂ କଲ୍ୟାଣ କାମନା କରି ମହିଳାମାନେ ଏହି ଓଷା ପାଳନ କରିଥାନ୍ତି। ନିଶା ମଙ୍ଗଳବାର ଓଷାକୁ ନେଇ ମା' ମଙ୍ଗଳାଙ୍କ ପୀଠରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି।

## ପୁଲିସ ହେପାଜତରୁ ଖସି ପଳାଇବା ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ଗଁଦିଆ, ୧୩।୧୦ (ସମିସ): ୨୦୧୨ ମସିହାରେ ନିହଳପ୍ରସାଦ ଥାନାରେ ୱାରେଣ୍ଟି ଥିବା ସମୟରେ ପୁଲିସ ହେପାଜତରୁ ଖସି ପଳାଇଥିବା ଅଭିଯୁକ୍ତ ଶେଷଦେବ ଭୂୟାଁ (୨୮)କୁ ଗଦିଆ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦୀକ୍ଷା ସେଠ ଦୋଷୀ ସାବ୍ୟସ୍ତ କରିବା ସହ ୧୦୦୦ ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଏକ ମାସ କାରାଦଣ୍ଡ ଭୋଗିବା ନିମନ୍ତେ ରାୟରେ ଉଲ୍ଲେଖ ରହିଛି। ମାମଲାରୁ ପ୍ରକାଶ ଯେ ୨୦୧୨ ମସିହା ଅଗଷ୍ଟ ୨୨ ତାରିଖରେ ଅଭିଯୁକ୍ତ ଶେଷଦେବ ଭୂୟାଁ ନାମରେ ଥିବା ଅନୁଗୋଳ ଏସଡିଜେଏମ କୋର୍ଟରେ ଜାମିନ ବିହୀନ ପରୱାନା ଆଧାରରେ ନିଆଳିପ୍ରସାଦ ଥାନା ଅନ୍ତର୍ଗତ ତଣ୍ଡିଆ ଗ୍ରାମରୁ ଗିରଫ କରାଯାଇ ଉକ୍ତ ଥାନାର ପୋଲିସ ହେପାଜତରେ ରଖାଯାଇଥିଲା। ମାତ୍ର ସେ କୌଶଳ କ୍ରମେ ପରିଶ୍ରା ଯିବା ବାହାନାରେ ଥାନାରୁ ଖସି ପଳେଇବାକୁ ଉଦ୍ୟମ କରୁଥିବା ବେଳେ ଅଭିଯୋଗକାରି କନେଷ୍ଟେବଲ ରମେଶଚନ୍ଦ୍ର ବେହେରା ତାକୁ କାବୁ କରିବାକୁ ଚେଷ୍ଟା କଲାବେଳେ ତାଙ୍କୁ ଶକ୍ତ ଧକ୍କା ଦେଇ ସେଠାରୁ ସେ ଖସି ଯାଇଥିଲା। ଏନେଇ ନିହାଲପ୍ରସାଦ କେସ ନଂ ୩୮/୨୦୧୨ରେ ମାମଲା ଦାୟର ହୋଇଥିଲା। ଯାହାକି ଗଁନ୍ଦିଆ କୋର୍ଟରେ ବିଚାରାଧୀନ ଥିଲା। ସମୁଦାୟ ୪ ଜଣ ସାକ୍ଷୀ ୨ଟି ଦସ୍ତାବିଜ ତଥା ଆନୁଷଙ୍ଗିକ ପ୍ରମାଣପତ୍ର ଆଧାରରେ ଅଭିଯୁକ୍ତ ଶେଷଦେବ ଭୂୟାଁକୁ ଅଦାଲତ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ସହନିର୍ଦ୍ଦେଶିକା ମଧୁସ୍ମିତା ଦାସଙ୍କ ତତ୍ତ୍ୱାବଧାନରେ ସରକାରଙ୍କ ତରଫରୁ କ୍ୟାଡର ଏପିପି ଶାଶ୍ୱତ ଜେନା ପରିଚାଳନା କରୁଥିବା ବେଳେ ଜୟକୃଷ୍ଣ ସାହୁ ସହଯୋଗ କରିଥିଲେ।

## ଜିରାଳରେ ନିର୍ଦ୍ୱନ୍ଦ୍ୱରେ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧନା

ଭୁବନ, ୧୩।୧୦ (ସମିସ): ଢେଙ୍କାନାଳ ଜିଲ୍ଲାର ୧୦ଟି କଲେଜ ମଧ୍ୟରୁ ଭୁବନ ବ୍ଲକର ଦୁଇଟି କଲେଜରେ ଛାତ୍ର ସଂସଦ ଓ ଛାତ୍ର ପରିଷଦ ନିର୍ବାଚନ ଅନୁଷ୍ଠିତ ହେଉଛି। ଭୁବନସ୍ଥିତ ବାଜିରାଉତ ସ୍ମୃତି ମହାବିଦ୍ୟାଳୟରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ବେଳେ ଜିରାଳ କଲେଜରେ ସମସ୍ତ ୬ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ଚଳିତ ଶିକ୍ଷାବର୍ଷ ପାଇଁ ନିର୍ବାଚିତ ଏହି ପ୍ରତିନିଧିଙ୍କୁ ଜିରାଳ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ବିଜେପି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିର୍ବାଚିତ ପ୍ରତିନିଧିମାନେ ହେଲେ ସଭାପତି ସିଦ୍ଧାନ୍ତ ଲେଙ୍କା, ଉପସଭାପତି ଶୁଭ୍ରାଂଶୁ ସାମଲ, ସାଧାରଣ ସମ୍ପାଦକ ଶୁଭମ କୁମାର ଲେଙ୍କା, ଆଥଲେଟିକ୍ ଆସୋସିଏସନ୍ ସମ୍ପାଦକ ଚନ୍ଦନ କୁମାର ସାହୁ, ଡ୍ରାମାଟିକ୍ ଆସୋସିଏସନ୍ ସମ୍ପାଦିକା ପୂଜାରାଣୀ ଭାଲ ଓ ସୋସିଆଲ୍ ସର୍ଭିସ୍ ଗିଲ୍ଡ ସମ୍ପାଦିକା ନନ୍ଦିନୀ ଦାସ। ସରପଞ୍ଚ ଗେଲ୍ଲୀ ନାୟକ, ଜିଲ୍ଲା ପରିଷଦ ସଭ୍ୟା ଶୀଲାରାଣୀ ସାହୁ ଓ ସମାଜସେବୀ ସୁବ୍ରତ କୁମାର ସାହୁ ନବନିର୍ବାଚିତ ଛାତ୍ର ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଶୁଭକାନ୍ତ ନୟାଜ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ବରିଷ୍ଠ ନାଗରିକଙ୍କ ଭାବ ବନ୍ଧନ କାର୍ଯ୍ୟକ୍ରମ

ଗଁଦିଆ, ୧୩।୧୦ (ସମିସ): ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ପିଏମଶ୍ରୀ ଯୋଜନା ଅନ୍ତର୍ଗତ ସାମୁଦାୟିକ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଏସକେ ଦାଶଙ୍କ ପରିଚାଳନାରେ ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ କାଠଗଡ଼ାସ୍ଥିତ କୁଞ୍ଜବିହାରୀ, ବରିଷ୍ଠ ନାଗରିକ ଗୃହ ପରିଦର୍ଶନ କରିଥିଲେ। ଛାତ୍ରଛାତ୍ରୀମାନେ ସେଠାରେ ବୟସ୍କ ବ୍ୟକ୍ତିଙ୍କ ସହ ଭାବ ବିନିମୟ କରି ସେମାନଙ୍କ ଜୀବନର ଅଭିଜ୍ଞତା ଓ ସୁଖଦୁଃଖ ବିଷୟରେ ଆଲୋଚନା କରିଥିଲେ। କମ୍ବଳ ଫୁଲ, ମିଷ୍ଟାନ୍ନ ଓ ଧାର୍ମିକ ପୁସ୍ତକ ପ୍ରଦାନ ସହିତ ଅନ୍ତରଙ୍ଗ ସ୍ନେହ ଓ ଏକାନ୍ତ ପ୍ରୀତିର ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶକ ସୁରେଶ ପଣ୍ଡା, ସମାଜସେବୀ ପ୍ରଦ୍ୟୁମ୍ନ ପଣ୍ଡା, ବରିଷ୍ଠ ନାଗରିକ ଗୃହର ପରିଚାଳିକା ଗାୟତ୍ରୀ ମିଶ୍ର, ଷ୍ଟାଫ ନର୍ସ ତପସ୍ୱିନୀ ନାୟକ ଓ ପ୍ରମୋଦ ସେଠୀ ସହଯୋଗ କରିଥିଲେ। ବିଦ୍ୟାଳୟ ପକ୍ଷର ପରିଦର୍ଶନରେ ଶିକ୍ଷକ ରତ୍ନାକର ପ୍ରଧାନ ହିନ୍ଦୀ ଶିକ୍ଷୟିତ୍ରୀ ଅସ୍ମିତା ରାଣୀ ପାଢ଼ୀ ପ୍ରାଥମିକ ଶିକ୍ଷକ ବାସୁଦେବ ବେହେରା ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଚୋରି ସାମଗ୍ରୀ ଜବତ ଘଟଣାର ସ୍ପଷ୍ଟୀକରଣ

ଢେଙ୍କାନାଳ, ୧୩।୧୦(ସମିସ): ଢେଙ୍କାନାଳ ଟାଉନ ଥାନା ପକ୍ଷରୁ ଗତ ୧୧ ତାରିଖ ଏକ ଚୋରି ମାମଲାରେ ପୁଲିସ ବିପୁଳ ପରିମାଣର ଚୋରି ଜିନିଷ ଜବତ କରିବା ଘଟଣା ଓ ଟାଉନ ଥାନା କେସ ନଂ ୭୨୬/୨୬ରେ ଏକ ମାମଲାର ତଦନ୍ତ କରି ଏହି ଜିନିଷଗୁଡ଼ିକ ଜବତ କରାଯାଇଥିବାର ପୁଲିସ ଏକ ସାମ୍ବାଦିକ ସମ୍ମିଳନୀରେ ଅବଗତ କରିଥିଲା। ଚୋରିନେଇ କଟକ ଜିଲ୍ଲା ଗୁରୁଡ଼ିଝାଟିଆ ଗ୍ରାମର ସୌଭାଗ୍ୟ କୁମାର ସାହୁ ଗତ ୭ ତାରିଖ ରାତିରେ ଏହି ସବୁ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ କରିଥିଲେ। ଏହି ଘଟଣାରେ ପୁଲିସ ୪ ଜଣଙ୍କୁ ଗିରଫ କରିଥିବା ବେଳେ ଚୋରି ସାମଗ୍ରୀ ଜବତ ସହ ଟାଉନଥାନା ଗଣେଶ ବଜାରର ସଫିକ ଖାନଙ୍କ ପୁଅ ସହିଦ ଖାନ (୨୪), କାଞ୍ଚନବଜାରର ଶେଖ ଅରମାନ(୨୧), କୋରିଆଁର ସନ୍ଦିପ ସ୍ୱାଇଁ(୨୭) ଏବଂ ଗଣେଶ ତ୍ରିପାଠୀ (୨୨) ନାମ ମଧ୍ୟ ଭୁଲରେ ମୋବାଇଲ ମେସେଜ୍‌ରେ ଦିଆଯାଇଥିଲା। ଏହାକୁ ନେଇ ଉପରୋକ୍ତ ଯୁବକମାନେ ଚୋରୀ ସାମଗ୍ରୀ ସହିତ ସାମିଲ ବୋଲି ଯେଉଁ ଖବର ପ୍ରକାଶିତ ହୋଇଥିଲା; ତାହା ପୁଲିସ ଦେଇଥିବା ତଥ୍ୟ ସହିତ ଏକ୍ରତିତ ଥିବାରୁ ତାହା ଭୁଲବଶତଃ ପ୍ରକାଶିତ ହୋଇଛି। ଏଣୁ ସେଥିପାଇଁ ଆମ ଦୁଃଖିତ ଏବଂ ମର୍ମାହତ। ଯୁବକମାନଙ୍କ ନାମ ଭୁଲରେ ପ୍ରକାଶିତ ହୋଇଥିବାରୁ ତାଙ୍କ ନିକଟରେ ଦୁଃଖ ପ୍ରକାଶ କରୁଛୁ।

# ବିଭିନ୍ନ ସ୍ଥାନରେ ଶାରଦୀୟ ନବରାତ୍ର ପୂଜା






### ● ମା' କନକ ଦୁର୍ଗାଙ୍କ ପୀଠ

ଢେଙ୍କାନାଳ, ୧୩।୧୦ (ସମିସ): ଦେଉଳ ସାହିସ୍ଥିତ ଜୁବୁଲି ଟାଉନରେ ମା' କନକ ଦୁର୍ଗାଙ୍କ ପୀଠରେ ଶାରଦୀୟ ନବରାତ୍ର ପୂଜା ଭକ୍ତି ଓ ଶ୍ରଦ୍ଧାର ସହ ପାଳନ କରାଯାଉଛି। ନବରାତ୍ର ପୂଜାର ତୃତୀୟ ଦିବସରେ ମା' କନକ ଦୁର୍ଗା ଅନ୍ନପୂର୍ଣ୍ଣା ଦେବୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ପ୍ରତିଦିନ ମା'ଙ୍କ ପୀଠରେ ପାରମ୍ପରିକ ରୀତିନୀତି ଅନୁଯାୟୀ ସୂର୍ଯ୍ୟ ପୂଜା, କଳସ ପୂଜା, ମଣ୍ଡଳ ପୂଜା ଏବଂ ଷୋଡ଼ଶ ଉପଚାରରେ ମା'ଙ୍କ ପୂଜାର୍ଚ୍ଚନା କରାଯାଉଛି। ଏଥିସହ ଚଣ୍ଡୀପାଠ ଓ ସପ୍ତଚଣ୍ଡୀ ଯଜ୍ଞରେ ଆହୁତି ପ୍ରଦାନ କରାଯାଉଛି। ମା'ଙ୍କ ନିକଟରେ ପ୍ରତିଦିନ ବିଭିନ୍ନ ପ୍ରକାରର ଭୋଗ ଲାଗି କରାଯାଉଛି। ପଣା ଭୋଗ, ମଧ୍ୟାହ୍ନରେ ଅନ୍ନଧୂପ, ସନ୍ଧ୍ୟାରେ ଆଳତି ଏବଂ ରାତ୍ରିରେ ବଡ଼ସିଂହାର ଭୋଗ ଅନୁଷ୍ଠିତ ହେଉଛି। ପୂଜା ଉତ୍ସବ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିବାବେଳେ ଭକ୍ତମାନେ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରୁଛନ୍ତି।

### ● ମା' ତାରେଣୀଙ୍କ ପୀଠ

ଗାନ୍ଧୀ ମନ୍ଦିର ରୋଡ୍‌ସ୍ଥିତ ମା' ତାରେଣୀଙ୍କ ପୀଠରେ ଶାରଦୀୟ ନବରାତ୍ର ପୂଜାର ତୃତୀୟ ଦିବସରେ ମା' ତାରେଣୀ ଚନ୍ଦ୍ରଘଣ୍ଟା ଦେବୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ପ୍ରତିଦିନ ମା'ଙ୍କ ପୀଠରେ ବିଧିବିଧାନ ଅନୁଯାୟୀ ସୂର୍ଯ୍ୟ ପୂଜା, କଳସ ପୂଜା, ମଣ୍ଡଳ ପୂଜା ଏବଂ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଉଛି। ଏଥିସହ ମା'ଙ୍କ ନିକଟରେ ୧୦୦୮ ବେଲପତ୍ର ଲାଗି କରାଯାଉଥିବାବେଳେ ଚଣ୍ଡୀପାଠ ଓ ସପ୍ତଚଣ୍ଡୀ ଯଜ୍ଞରେ ଆହୁତି ପ୍ରଦାନ କରାଯାଉଛି। ପ୍ରତେକ ଦିନ ସନ୍ଧ୍ୟାରେ ସନ୍ଧ୍ୟା ଆଳତି କରାଯାଉଛି। ଏହି ଅବସରରେ ମା'ଙ୍କ ନିକଟରେ ବିଭିନ୍ନ ପ୍ରକାରର ଭୋଗ ଲାଗି କରାଯାଉଛି। ପୂଜକ ଲିଙ୍ଗରାଜ ପତି ଶର୍ମା ଏବଂ ମନ୍ଦିରର ପୂଜକ ଅପୁଲ ରଣା ବିଧିବିଧାନ ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ନବରାତ୍ରର ଏହି ପବିତ୍ର ଅବସରରେ ମା'ଙ୍କ ଦର୍ଶନ ପାଇଁ ପୀଠରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଭକ୍ତମାନେ ମା'ଙ୍କ ଆଶୀର୍ବାଦ ଲାଭ କରିବା ସହ ନିଜ ପରିବାରର ମଙ୍ଗଳ କାମନା କରୁଛନ୍ତି।

### ● କୁଞ୍ଜକାନ୍ତ ମା' ବନଦୁର୍ଗାଙ୍କ ପୀଠ

କୁଞ୍ଜକାନ୍ତସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ଶାରଦୀୟ ନବରାତ୍ର ପୂଜା ମହାସମାରୋହରେ ପାଳିତ ହେଉଛି। ନବରାତ୍ର ପୂଜାର ତୃତୀୟ ଦିବସରେ ମା' ବନଦୁର୍ଗା ଚନ୍ଦ୍ରଘଣ୍ଟା ଦେବୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ପ୍ରତିଦିନ ମା'ଙ୍କ ପୀଠରେ ବିଧିବିଧାନ ଅନୁଯାୟୀ ସୂର୍ଯ୍ୟ ପୂଜା, କଳସ ପୂଜା, ମଣ୍ଡଳ ପୂଜା ସହ ଷୋଡ଼ଶ ଉପଚାରରେ ମା'ଙ୍କ ପୂଜାର୍ଚ୍ଚନା କରାଯାଉଛି। ଏଥିସହ ଚଣ୍ଡୀପାଠ ଓ ସପ୍ତଚଣ୍ଡୀ ଯଜ୍ଞରେ ଆହୁତି ପ୍ରଦାନ କରାଯାଉଛି। ପ୍ରତିଦିନ ସନ୍ଧ୍ୟାରେ ମା'ଙ୍କ ଆଳତି ଅନୁଷ୍ଠିତ ହେଉଥିବାବେଳେ ବିଭିନ୍ନ ପ୍ରକାରର ଭୋଗ ମା'ଙ୍କ ନିକଟରେ ଲାଗି କରାଯାଉଛି। ନବରାତ୍ର ପୂଜାକୁ ନେଇ ପୀଠରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଭକ୍ତମାନେ ମା'ଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଲାଭ କରିଛନ୍ତି।

### ● ରାଧାକୃଷ୍ଣ ବଜାରରେ ନବରାତ୍ର

ରାଧାକୃଷ୍ଣ ବଜାର ଦୋଳମଣ୍ଡପ ସାହିଠାରେ ରାଧାକୃଷ୍ଣ ବଜାର ନବରାତ୍ର ଦୁର୍ଗାପୂଜା ସମିତି ପକ୍ଷରୁ ନବରାତ୍ର ଦୁର୍ଗାପୂଜା ପାଳିତ ହୋଇଯାଇଛି। ୧୫ଦିନ ଧରି ମା' ପୀଠରେ ପୂଜା ପାଇବେ। ୧୫ ତାରିଖରେ ବିଭିନ୍ନ ପୂଜା ସହିତ ଷୋଡଶପଚାର ଓ ଚଣ୍ଡୀ ହୋମ ରହିଛି। ୧୬ ତାରିଖ ଶୁକ୍ରବାର ମୃଣ୍ମୟୀ ଦେବୀଙ୍କ ଷୋଡଶ ଉପଚାର ପୂଜା, ୧୭ ତାରିଖ ଶନିବାର ମୃଣ୍ମୟୀ ଦେବୀଙ୍କ ଷଷ୍ଠୀ ପୂଜା, ୧୮ ତାରିଖ ରବିବାର ମୃଣ୍ମୟୀ ଦେବୀଙ୍କ ମହାସପ୍ତମୀ ପୂଜା, ୧୯ ତାରିଖ ସୋମବାର ମହାଷ୍ଟମୀ ପୂଜା, ୨୦ ତାରିଖ ମଙ୍ଗଳବାର ମହାମାରୀ ପୂଜା, କୁମାରୀ ପୂଜା ପୂର୍ଣ୍ଣାହୁତି, ୨୧ ତାରିଖ ବୁଧବାର ବିଜୟାଦଶମୀ, ନିର୍ମାଲ୍ୟବାସିନୀ, ଅପରାଜିତା ପୂଜା, ଅଗ୍ନିଶାନ୍ତି କରଣ ଓ ଦେବୀ ବିସର୍ଜନ ପୂଜା ଅନୁଷ୍ଠିତ ହେବ। ପ୍ରତ୍ୟହ ସନ୍ଧ୍ୟାରେ ଆଳତି ସହ ୧୬ ତାରିଖ ମା' ଦୁର୍ଗାଙ୍କର ଛପନ ଭୋଗ ଲାଗି କରାଯିବ। ପୂଜକ ନରୋତ୍ତମ ଦାସ, ରୁଦ୍ରନାରାୟଣ କବିଶତପଥୀ, ଭବାନୀ ଶଙ୍କର ରଥ, ସୁବ୍ରତ ମହାପାତ୍ର, କର୍ତା ଗଣେଶ୍ୱର ଓଝା ପ୍ରମୁଖ ସମସ୍ତ ପୂଜାକୁ ସମ୍ପାଦନ କରୁଥିବାବେଳେ ରାଧାକୃଷ୍ଣବଜାର ଦୋଳମଣ୍ଡପ ସାହିର ସମସ୍ତ ଅଧିବାସୀଙ୍କ ସହଯୋଗରେ ଏହି ନବରାତ୍ର ପୂଜା ପାଳନ କରାଯାଉଛି।

## ହିନ୍ଦୋଳରେ ମୁଖ୍ୟମନ୍ତ୍ରୀ ସଡ଼କ ଶିଳାନ୍ୟାସ

ହିନ୍ଦୋଳ, ୧୩।୧୦(ସମିସ): ହିନ୍ଦୋଳ ଉପଖଣ୍ଡ ପାଟଳା ପଞ୍ଚାୟତ ବାଙ୍କିଡି ଗ୍ରାମଠାରେ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ବାଙ୍କିଡି ଠାରୁ ଝାଡୁବେରିଣୀ ପର୍ଯ୍ୟନ୍ତ ୪ କିମି ରାସ୍ତା ର ଶିଳାନ୍ୟାସ ଉତ୍ସବରେ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଏବଂ ସମ୍ମାନିତଅତିଥି ଭାବେ ଢେଙ୍କାନାଳ ଯୋଜନା କମିଟି ଅଧ୍ୟକ୍ଷା ତଥା ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଏହି କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ପ୍ରଥମେ ଦଳୀୟ ନେତୃବୃନ୍ଦଙ୍କ ସହ ମିଶି ରକଳା ସ୍ଥିତ ପ୍ରସିଦ୍ଧ କୁଣ୍ଡେଶ୍ୱର ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା ସହ ଦର୍ଶନ କରିବା ପରେ କୁଣ୍ଡେଶ୍ୱର ଗୁରୁକୁଳ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଛାତ୍ରଛାତ୍ରୀଙ୍କଠାରୁ ଭଲ ମନ୍ଦ ବୁଝିଥିଲେ। ଏହାପରେ ବାଙ୍କିଡି ଗ୍ରାମବାସୀ ଙ୍କ ଦ୍ୱାରା ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମରେ ପଦଯାତ୍ରାରେ ଆସି ଉଦଘାଟନ ସ୍ଥଳରେ ପହଁଞ୍ଚି ଶିଳାନ୍ୟାସ କରିଥିଲେ ଉଭୟ ସାଂସଦ ଓ ବିଧାୟିକା। ୩୯୮. ୮୬ ଲକ୍ଷ ଟଙ୍କାରେ ଉକ୍ତ ରାସ୍ତା ନିର୍ମାଣ ହେବ ବୋଲି ଅଧିକ୍ଷଣ ଯନ୍ତ୍ରୀ ସୋନାଲି ସୁଚରିତା ରାଉତ ପ୍ରକାଶ କାରିଥିବା ସମୟରେ କାର୍ଯ୍ୟକ୍ରମରେ ଯନ୍ତ୍ରୀ ସତ୍ୟପ୍ରକାଶ ସାମଲ ଓ ବିଜୟ କୁମାର ରାଉତ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଜେପିର ବହୁ ନେତୃବୃନ୍ଦ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ ଓ ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ।

## ପଲାଶପିଠିଆରେ ବ୍ଲକସ୍ତରୀୟ କବାଡ଼ି ପ୍ରତିଯୋଗିତା

ଭୁବନ, ୧୩।୧୦ (ସମିସ): ଭୁବନ ବ୍ଲକ ପଲାଶପିଠିଆ ଗୋଡ଼ାଠାରେ ବ୍ଲକସ୍ତରୀୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାଳକ ବିଭାଗ କୋଚ ଭାବେ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟ ଶାରୀରିକ ଶିକ୍ଷକ ଅଭିମନ୍ୟୁ ମଲ୍ଲିକ। ବାଳିକା ବିଭାଗର କୋଚ ଭାବେ ବାଲିବୋ ଉଚ୍ଚବିଦ୍ୟାଳୟର ଶାରୀରିକ ଶିକ୍ଷକ ନରହରି ନାୟକ କାର୍ଯ୍ୟ ତୁଲାଇଥିଲେ। ପଞ୍ଚାୟତ ରାଜ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀପକ ବେହେରା ଅଧ୍ୟକ୍ଷତା କରିଥିଲେ। ଭୁବନ ପ୍ରେସ କ୍ଲବର ସଂଯୋଜକ କଳ୍ପତରୁ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଭୁବନ ବ୍ଲକର ନୂତନ ସମ୍ପାଦକ ଭାବରେ ଶ୍ରୀମା ଅରବିନ୍ଦ ସରକାରି ଉଚ୍ଚ ବିଦ୍ୟାଳୟ, ଅନଳର ଶାରୀରିକ ଶିକ୍ଷକ ପ୍ରିୟବ୍ରତ ସାହୁ ଦାୟିତ୍ୱ ଗ୍ରହଣ କରିଥିଲେ। ସାଗର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ୧୭ ବର୍ଷରୁ କମ ବାଳକ ଚାମ୍ପିଅନ ଜିରାଳ ରନର୍ସ ଭୁବନ, ବାଳିକା ଚାମ୍ପିୟାନ ଭୁବନ ରନର୍ସଅପ ଜିରାଳ ଚଉଦ ବର୍ଷରୁ କମ ବାଳକ ଚାମ୍ପିଅନ ଭୁବନ ରନର୍ସ ଅପ ହୋଇଥିବା ବେଳେ ମହୁଲପାଳ ବାଳିକା ଚାମ୍ପିଅନ ଓ ଭୁବନ ରନର୍ସ ଅପ ବିବେଚିତ ହୋଇଥିଲେ। ଏହି ଖେଳରେ ୧୭୦ ବିଦ୍ୟାର୍ଥୀ ୨୦ ଶିକ୍ଷକ ଅଂଶଗ୍ରହଣ କରିଥିଲେ।

## ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳିତ

ଢେଙ୍କାନାଳ, ୧୩।୧୦ (ସମିସ): ଲୋକବିକାଶ ବନ୍ଧୁତ୍ୱ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ଶିମିଳିପାଟଣା ଉଚ୍ଚବିଦ୍ୟାଳୟରେ ପାଳିତ ହୋଇଯାଇଛି। ଏଥିରେ ଭାପୁର, କାକୁଡିଭାଗ, ଓ ମଧୁସାହୁ ପାଟଣା ପଞ୍ଚାୟତର ୩ଟି ଉଚ୍ଚ ବିଦ୍ୟାଳୟ ଓ ୭ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬୨ ଜଣ କିଶୋରୀ ବାଳିକା, ୨୬ ଜଣ ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ ଓ ୧୦ଟି ଗାଁର ୧୦ ଜଣ ଆନିମେଟର, ସିଆରସିସି, ଇନରହୁଇଲ କ୍ଲବ, କପିଳାସ, ଢେଙ୍କାନାଳର ସଦସ୍ୟା ଏବଂ କୋଅର୍ଡିନେଟର ଅନିତା ସାହୁ ଯୋଗ ଦେଇଥିଲେ। କିଶୋରୀମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମୋ ସ୍ୱପ୍ନ ଓ ମୋ ଭବିଷ୍ୟତ ଶୀର୍ଷକ ବିତର୍କ, ବାଲ୍ୟବିବାହ ବନ୍ଦ କର, ବିଷୟବସ୍ତୁକୁ ନେଇ ଚିତ୍ରାଙ୍କନ, କୁଇଜ୍ ଓ ସ୍ଲୋଗାନ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଇନରହୁଇଲ କ୍ଲବ ତରଫରୁ ସମସ୍ତ କିଶୋରୀ ମାନଙ୍କୁ ସାନିଟାରି ନାପକିନ ବଣ୍ଟନ କରାଯାଇଥିଲା। କିଶୋରୀମାନଙ୍କ ସ୍ୱପ୍ନ, ଆତ୍ମବିଶ୍ୱାସ, ଶିକ୍ଷା ଓ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି ସହ ବାଲ୍ୟବିବାହ ଭଳି ସାମାଜିକ କୁପ୍ରଥାର ନିରାକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସଭା ଆରମ୍ଭରେ ଶିମିଳିପାଟଣା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ତତପରେ ଶିମିଳିପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କିଶୋରୀ ମାନେ ବାଲ୍ୟ ବିବାହ ଉପରେ ଆଧାରିତ ଏକ ସୁନ୍ଦର ନାଟକ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମ ଶିକ୍ଷକ ଦିଲ୍ଲୀପ ପଣ୍ଡାଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ସିଆରସିସି ଅର୍ଜୁନ ନାୟକ, ଶିକ୍ଷକ ଦିଲ୍ଲୀପ ପଣ୍ଡା, ଦିଲ୍ଲୀପ ସାହୁ, ବିରଞ୍ଚି ପଣ୍ଡା, ରୁଦ୍ରମୋହନ ମହାପାତ୍ର, ଶେଷଦେବ ବାରିକ ଓ ଶିକ୍ଷୟିତ୍ରୀ ଗୀତାରାଣୀ ବରାଳ ଓ ଇନରହୁଇଲ କ୍ଲବର ସେକ୍ରେଟାରୀ ସ୍ୱପ୍ନା ଆଚାର୍ଯ୍ୟ ପ୍ରତିଯୋଗିତାଗୁଡିକର ବିଚାରକ ରହିଥିଲେ। ଲୋକବିକାଶର ମିଡ଼ିଆ ସଂଯୋଜକ ଆମୟାଦ ଖାଁ ଫଟୋ ଓ ଭିଡିଓ ରେକର୍ଡ଼ିଂ କରିଥିଲେ। ଲୋକବିକାଶର ସେକ୍ରେଟାରୀ ସେକ ଅବଦୁଲ ସଫିକ ସମସ୍ତ କାର୍ଯ୍ୟର ତଦାରଖ କରିବା ସହ ମହିଳା ଓ ଝିଅ ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ତହିଁରୁ ମୁକୁଳିବାର ବାଟ ସମ୍ବଳିତ ପୋଷ୍ଟର ପ୍ରଦର୍ଶନୀ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଡା. ବିଭୁଦତ ମିଶ୍ର, ସମ୍ମାନିତ ଅତିଥି ଇନରହୁଇଲ କ୍ଲବର ପ୍ରେସିଡେଣ୍ଟ ଦୀପ୍ତିବାଳା ମିଶ୍ର, ଆଇନଜୀବୀ ତଥା ପୂର୍ବତନ ଶିଶୁମଙ୍ଗଳ କମିଟିର ଅଧ୍ୟକ୍ଷ ପୁଷ୍ପକ ତ୍ରିପାଠୀ, ସମାଜର ଢେଙ୍କାନାଳ ପ୍ରତିନିଧି ଶିଶିର ଶତପଥୀ ପ୍ରମୁଖ ସମସ୍ତଙ୍କୁ ସଚେତନ କରାଇଥିଲେ।

## କପିଳାସ ପୀଠ ଗର୍ଭଗୃହ କନକ ମଣ୍ଡପର ମରାମତି କାର୍ଯ୍ୟ ଜାରି



ଗଁଦିଆ, ୧୩।୧୦ (ସମିସ): ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ କପିଳାସର ଆରାଧ୍ୟ ପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପୀଠରେ ଗର୍ଭଗୃହସ୍ଥିତ କନକ ମଣ୍ଡପର ମରାମତି କାର୍ଯ୍ୟ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ଜାରି ରହିଛି। ମନ୍ଦିରର ଐତିହାସିକ ଓ ଧାର୍ମିକ ମହତ୍ତ୍ୱକୁ ଦୃଷ୍ଟିରେ ରଖି କନକ ମଣ୍ଡପର ଚାରୋଟି ଖୁଣ୍ଟ ପରିବର୍ତ୍ତନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟ କରାଯାଉଛି। ପ୍ରଭୁ ଚନ୍ଦ୍ରଶେଖରଜୀଉଙ୍କ ଏହି ପବିତ୍ର ପୀଠର ସଂରକ୍ଷଣ ଓ ଐତିହ୍ୟର ସୁରକ୍ଷା ଦୃଷ୍ଟିରୁ ଏହି ମରାମତି କାର୍ଯ୍ୟକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। କପିଳାସ ପୀଠର ଐତିହାସିକ ଗରିମା ଓ ଧାର୍ମିକ ପରମ୍ପରାକୁ ଅକ୍ଷୁଣ୍ଣ ରଖିବା ସହ ଆଗାମୀ ପିଢ଼ି ପାଇଁ ଏହି ଅମୂଲ୍ୟ ଐତିହ୍ୟର ସୁରକ୍ଷା କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ।

## ଯୋରନ୍ଦା ଫାଣ୍ଡି ନୂତନ ଅଧିକାରୀଙ୍କୁ ସ୍ୱାଗତ

ଯୋରନ୍ଦା, ୧୩।୧୦ (ସମିସ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ଫାଣ୍ଡିରେ ନୂତନ ଫାଣ୍ଡି ଅଧିକାରୀ ଭାବେ ହୃଦାନନ୍ଦ ମହାନନ୍ଦ ଯୋଗଦାନ କରିଛନ୍ତି। ଆଞ୍ଚଳିକ ବିକାଶ ପରିଷଦ, ମହିମା ଗାଦି ଆନୁକୂଲ୍ୟରେ ଯୋରନ୍ଦା ଫାଣ୍ଡିଠାରେ ନବନିଯୁକ୍ତ ଫାଣ୍ଡି ଅଧିକାରୀଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଇଛି। ଯୋରନ୍ଦା ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରହିବା ପାଇଁ ଦୃଢ଼ ପଦକ୍ଷେପ ନେବାପାଇଁ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ନିବେଦନ କରାଯାଇଥିଲା। ଯୋରନ୍ଦା ଅଞ୍ଚଳରେ ବାରମ୍ବାର ଚୋରି ହେଉଥିବାରୁ ପୁଲିସ ପାଟ୍ରୋଲିଙ୍ଗ କଡାକଡି କରିବା ପାଇଁ ଦାବି ଜଣାଇଥିଲେ।



ଏଥିସହିତ ଯୋରନ୍ଦା ଫାଣ୍ଡିକୁ ଥାନାରେ ପରିଣତ କରାଯିବା ପାଇଁ ଆଞ୍ଚଳିକ ବିକାଶ ପରିଷଦର ଦୃଢ଼ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଯୋରନ୍ଦା ଆଞ୍ଚଳିକ ବିକାଶ ପରିଷଦ ଉପସଭାପତି ପୀତବାସ ରାଉତ, ଉପଦେଷ୍ଟା ପଞ୍ଚାନନ ସ୍ୱାଇଁ, ସମ୍ପାଦକ ଆନନ୍ଦଚନ୍ଦ୍ର ମହାନ୍ତି, ଯୋରନ୍ଦା ବରିଷ୍ଠ ନାଗରିକ ମଞ୍ଚ ସଭାପତି ରବି ନାରାୟଣ ରାଉଳ, ଉପଦେଷ୍ଟା ମଙ୍ଗୁଳି ଚରଣ ବିଶ୍ୱାଳ, ଯୋରନ୍ଦା ଅବସରପ୍ରାପ୍ତ କର୍ମଚାରୀ ସଂଘର ଉପସଭାପତି ନେତ୍ରାନନ୍ଦ ରାଉତ, ସଭ୍ୟ ବସନ୍ତ ପାତ୍ର, ଶରତ ପ୍ରଧାନ ଉପସ୍ଥିତ ଥିଲେ।

## ଶହୀଦ ବୀର ବାଜିରାଉତଙ୍କ ଶ୍ରାଦ୍ଧବାର୍ଷିକୀ

ଢେଙ୍କାନାଳ, ୧୩।୧୦ (ସମିସ): ମହୁଲପଡ଼ାସ୍ଥିତ ଇଶୋ ବିଶ୍ୱକୁନ୍ତଳ ଶିଶୁଗୃହରେ ଶିଶୁ ଓ ଛାତ୍ରୀଛାତ୍ରମାନଙ୍କ ଗହଣରେ ଅନୁଷ୍ଠାନର ସମ୍ପାଦିକା ପୁଷ୍ପାଞ୍ଜଳି ଜେନାଙ୍କ ନେତୃତ୍ୱ, ମାର୍ଗଦର୍ଶନ ଓ ସହଯୋଗିତାରେ ଭାରତ ବିକାଶ ପରିଷଦ, ଶହୀଦ ବାଜିରାଉତ୍ ଶାଖା ପକ୍ଷରୁ ପ୍ରତିଷ୍ଠାତା ସଭାପତି ଇଂ ବାବୁଚାନ୍ଦ ମହାଳିକଙ୍କ ସଭାପତିତ୍ୱରେ ବିଶ୍ୱର ସର୍ବକନିଷ୍ଠ ଶହୀଦ ବୀର ବାଜିରାଉତଙ୍କ ଶ୍ରାଦ୍ଧବାର୍ଷିକୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସ୍ଥାର ବରିଷ୍ଠ ସଦସ୍ୟ ଡା. କୁଞ୍ଜବିହାରୀ ସାହୁ ମୁଖ୍ୟଅତିଥି ଯୋଗ ଦେଇ ସର୍ବକନିଷ୍ଠ ଶହୀଦ ବୀର ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ତାହା ତାଙ୍କ ପାଇଁ ଶ୍ରେଷ୍ଠ ନିଦର୍ଶନ ହେବ ବୋଲି ଦୃଢ଼ ଅଭିବ୍ୟକ୍ତି ପ୍ରଦାନ କରିଥିଲେ।

## ରକ୍ତଦାନ ଶିବିର: ୩୯୬ ୟୁନିଟ୍ ସଂଗ୍ରହ

ଗଁଦିଆ, ୧୩।୧୦ (ସମିସ)

ଗଁଦିଆ ବ୍ଲକ ବିଭିନ୍ନ ମଣ୍ଡଳରେ ସେବା ସଂକଳ୍ପ ଅଭିଯାନ ଜରିଆରେ ରକ୍ତଦାନ ଶିବିର ଅନୁଷ୍ଠିତ ହେଉଛି। ନିହଳପ୍ରସାଦରେ ୧୨୧ ୟୁନିଟ ହୋଇଥିବାବେଳେ ଷଡ଼ଙ୍ଗୀସ୍ଥିତ ଶ୍ରୀଧର ସ୍ୱାମୀ ଶିକ୍ଷା ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ୨୭୫ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଏହି ଶିବିର ନିହଳପ୍ରସାଦ କଲ୍ୟାଣ ମଣ୍ଡପଠାରେ ମଣ୍ଡଳ ସଭାପତି ଆନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଷଡ଼ଙ୍ଗୀଠାରେ ଗଁଦିଆ ମଣ୍ଡଳ ସଭାପତି ରଞ୍ଜିତ ଖିଲାରଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ ଶିବିରକୁ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ ଉଦଘାଟନ କରିଥିଲେ। ୯ଟି ପଞ୍ଚାୟତକୁ



ନେଇ ଗଠିତ ମଣ୍ଡଳରୁ ନିହଳପ୍ରସାଦ ପଞ୍ଚାୟତରୁ ସର୍ବାଧିକ ୫୦ ୟୁନିଟ ପୂର୍ବତନ ଜିଲ୍ଲା ପରିଷଦଙ୍କ ନେତୃତ୍ୱରେ ସଂଗ୍ରହ ହୋଇଥିବା ଜଣାପଡ଼ିଛି। ସେହିପରି ଷଡ଼ଙ୍ଗୀସ୍ଥିତ ଶ୍ରୀଧର ସ୍ୱାମୀ ବୈଷୟିକ ମାଧ୍ୟମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ଶିବିରରେ ଷଡ଼ଙ୍ଗୀ ପଞ୍ଚାୟତ ୧୧୩ରୁ ଓ ମନ୍ଦାର ପଞ୍ଚାୟତରୁ ୮୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶିବିର ଆୟୋଜନ କରାଯାଇଥିବାରୁ ଆୟୋଜକମାନଙ୍କ ପକ୍ଷରୁ ଏହାକୁ ସାମୂହିକ ପ୍ରୟାସର ଫଳ ବୋଲି କୁହାଯାଇଛି। ଏଥିପାଇଁ ସଂଘର ସଦସ୍ୟମାନଙ୍କ ସମେତ ସ୍ଥାନୀୟ ଅଞ୍ଚଳର ରକ୍ତଦାତାମାନେ ସହଯୋଗର ହାତ ବଢ଼ାଇଥିଲେ। ଢେଙ୍କାନାଳ ରକ୍ତ ଭଣ୍ଡାରର କର୍ମଚାରୀ ପରମାନନ୍ଦ ପଣ୍ଡାଙ୍କ ସମେତ ଅନ୍ୟ କର୍ମଚାରୀମାନେ ଶିବିରରେ ସହଯୋଗ କରିଥିଲେ। ଭାରତୀୟ ସାମ୍ବାଦିକ ମହାସଂଘର ଓଡ଼ିଶା ଶାଖା ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ସ୍ୱେଚ୍ଛାସେବୀଙ୍କୁ ପ୍ରୋତ୍ସାହିତ କରିଥିଲେ। ଉଭୟ ଶିବିରରେ ପ୍ରଦୀପ ଦାସ, ଦୁଷ୍ମନ୍ତ ମଲ୍ଲିକ, କ୍ଷୀରୋଦ ଦାସ, ସମୀର ଓଝା, ବିଭୁଦ ରଞ୍ଜନ ଖିଲାର, ସବିତା ମଲ୍ଲିକ ରବି ନାରାୟଣ ପରିଡ଼ା, ବୁଲୁ ବେହେରା, ସଞ୍ଜୟ ଧଳ, ଅମୁଲ୍ୟ ସାହୁ, ଚିତ୍ତରଞ୍ଜନ ମହାନ୍ତି, ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଶ୍ରୀଧର ସ୍ୱାମୀ ଶିକ୍ଷା ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବା ସଂସ୍ଥାର ସ୍ୱେଚ୍ଛାସେବୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଅଧ୍ୟକ୍ଷ ଅମୁଲ୍ୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଢେଙ୍କାନାଳ ରକ୍ତଭଣ୍ଡାର ପରମାନନ୍ଦ ପଣ୍ଡାଙ୍କ ସମେତ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ।

## ଯୁବକଙ୍କ ମୃତଦେହ ଉଦ୍ଧାର

ଭୁବନ, ୧୩।୧୦ (ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଦୟଣାବିଲି ପଞ୍ଚାୟତ ଅନ୍ତର୍ଗତ ଦୟଣାବିଲି ଗ୍ରାମ ନିକଟସ୍ଥ କେନାଲ ହୁଡ଼ାରୁ ପ୍ରତାପ ନାୟକ ଓରଫ କାଳିଆଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ଦୁର୍ଲଭ ନାୟକଙ୍କ ପୁଅ ବୋଲି ଜଣାପଡ଼ିଛି। କାଳିଆ ନାୟକ ମୁଖ୍ୟମନ୍ତ୍ରୀ ବସ୍ ସେବା ଅନ୍ତର୍ଗତ ଲକ୍ଷ୍ମୀ ବସ୍‌ରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ତେବେ ଗତକାଲି ଛୁଟିରେ ଥିବା ବେଳେ ଗାଁ ନିକଟସ୍ଥ କେନାଲ ହୁଡ଼ାରେ ତାଙ୍କ ମୃତଦେହ ଦେଖିବାକୁ ମିଳିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁର ପ୍ରକୃତ କାରଣ ଏଯାଏଁ ସ୍ପଷ୍ଟ ହୋଇନାହିଁ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭୁବନ ଶବାଗାରରେ ରଖିଥିବା ବେଳେ ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ରେଣୁବାଳା ସାହୁଙ୍କ ସୂତ୍ରରୁ ଜଣାଯାଇଛି।

## ୪୨ତମ ପିଙ୍ଗୁଆ କ୍ରିକେଟ ଟୁର୍ନାମେଣ୍ଟ ପ୍ରସ୍ତୁତି ଆରମ୍ଭ

ଗଁଦିଆ, ୧୩।୧୦ (ସମିସ): ଗଁଦିଆ ବ୍ଲକ ଅନ୍ତର୍ଗତ ପିଙ୍ଗୁଆଠାରେ ଚାଲିଥିବା ଜିଲ୍ଲାର ସର୍ବପୁରାତନ କ୍ରିକେଟ ଟୁର୍ନାମେଣ୍ଟ ଚଳିତ ବର୍ଷ ୪୨ବର୍ଷର ପଦାର୍ପଣ କରିଛି। ଢେଙ୍କାନାଳ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଭୁବନେଶ୍ୱର, ଖୋର୍ଦ୍ଧା, କେନ୍ଦୁଝର ଆଦି ଅଞ୍ଚଳର ବହୁତ ଖ୍ୟାତନାମା ଦଳ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଚଳିତ ବର୍ଷ ଢେଙ୍କାନାଳ, ଭୁବନେଶ୍ୱର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଢେଙ୍କାନାଳ, ଭଦ୍ରକ, ବାଲେଶ୍ୱର, ପିଙ୍ଗୁଆ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଛି। ଏଥିରେ ଜିଲ୍ଲାସ୍ତରୀୟ ଓ ରାଜ୍ୟର ଉଦୀୟମାନ ଖେଳାଳୀ ନିଜ ନିଜ କ୍ଲବ ତରଫରୁ ପ୍ରତିନିଧିତ୍ୱ କରୁଛନ୍ତି। ମ୍ୟାଚଗୁଡ଼ିକ ପିଙ୍ଗୁଆ ହାଇସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ହେବ। ରେଡ୍ ଭିକି କର୍କ ବଲର ଏହି ଟୁର୍ନାମେଣ୍ଟକୁ ଭଏସ ଅଫ ଓଡ଼ିଶା ଚ୍ୟାନେଲରେ ଦର୍ଶକମାନେ ଘରେ ବସି ମୋବଇଲରେ ଦେଖିପାରିବେ। ଅକ୍ଟୋବର ୧୯ରୁ ଆରମ୍ଭ ହୋଇ ୨୮ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ଚାଲିବ। ଚାମ୍ପିଅନ ଦଳକୁ ନଗଦ ୨୦ ହଜାର ଓ ରନର୍ସ ଅପ ଦଳକୁ ୧୫ ହଜାର ପ୍ରଦାନ କରାଯିବ। ପ୍ରତ୍ୟେକ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚକୁ କ୍ୟାସ ପ୍ରାଇଜ ପ୍ରଦାନ କରାଯିବ। ଚଳିତ ବର୍ଷ ପ୍ରଥମ ଥର ପାଇଁ ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହେବ ଯେଉଁଥିରେ ଢେଙ୍କାନାଳ ମହିଳା କ୍ରିକେଟ ଦଳ ଯାଜପୁର ମହିଳା କ୍ରିକେଟ ଦଳକୁ ଅକଟୋବର ୨୬ତାରିଖରେ ଭେଟିବ। ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜା ଅବସରରେ ୧୪ତମ ପିଙ୍ଗୁଆ ମହୋତ୍ସବ ୨୫ ଅକ୍ଟୋବରରୁ ୩୦ ପର୍ଯ୍ୟନ୍ତ ଚାଲିବ। ଏଥିରେ ପାରମ୍ପରିକ ଲୋକକଳା, ନାଚ, ଗୀତ, ମେଲୋଡି ଓ ଯାତ୍ରା ଅନୁଷ୍ଠିତ ହେବ। ୪୨ତମ ପିଙ୍ଗୁଆ କପକୁ ସଫଳତାର ସହ ପରିଚାଳନା କରିବା ପାଇଁ ଅନୁଷ୍ଠାନର ସଭାପତି କେଶବଚନ୍ଦ୍ର ବାରିକ ଓ ସମ୍ପାଦକ ପୀତବାସ ବାରିକ ନିଜର ଉଦ୍ୟମ ଜାରି ରଖିଛନ୍ତି। ୧୪ତମ ପିଙ୍ଗୁଆ ମହୋତ୍ସବ ସଫଳ ହେବା ପାଇଁ ସଭାପତି ରଞ୍ଜନ କୁମାର ସାହୁ ସମସ୍ତ କର୍ମକର୍ତାଙ୍କ ସାହାଯ୍ୟ ଓ ସହଯୋଗ କାମନା କରିଛନ୍ତି।

## ମଦନପୁର ୟୁକେ ମହାବୀର କଲେଜ ଘଟଣାର ଭିନ୍ନ ମୋଡ଼

# ସାଇନ-ଏ-ଡାଏ ଉଠାଇ ନିର୍ବାଚନ କରିବାକୁ ଯୋଜନା

ପଟ୍ଟାମୁଣ୍ଡାଇ,୧୩।୧୦(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ମଦନପୁର ୟୁକେ ମହାବୀର କଲେଜ ଛାତ୍ର ସଂସଦ ନିର୍ବାଚନରେ ମାର୍‌ପିଟ୍ ଓ ଗଣ୍ଡଗୋଳ ଯୋଗୁଁ ପରିସ୍ଥିତି ଅଣାୟତ୍ତ ହେବା ଆଶଙ୍କାରେ କଲେଜ ଅଧ୍ୟକ୍ଷ ଆଦିତ୍ୟ କୁମାର ମିଶ୍ର କଲେଜକୁ ସାଇନ-ଏ-ଡାଏ ଘୋଷଣା କରିଥିଲେ। ଫଳରେ ଛାତ୍ର ସଂସଦ ନିର୍ବାଚନ ବାତିଲ ହୋଇଯାଇଥିଲା। ଏ ନେଇ କଲେଜ ପରିସରରେ ଉତ୍ତେଜନା ଲାଗି ରହିଥିବାବେଳେ ଆଜି ଘଟଣା ଭିନ୍ନ ମୋଡ଼ ନେଇଛି। ଛାତ୍ର ବିଜେଡିର ପ୍ରତିଦ୍ୱନ୍ଦ୍ୱୀ ଛାତ୍ର ସଂଗଠନ ଏବିଭିପି ଛାତ୍ର ନେତା କଲେଜରୁ ସାଇନ-ଏ-ଡାଏ ଉଠାଇ ପୁନଃରାୟ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ଯୋଜନା କରି ଜିଲ୍ଲା ପ୍ରଶାସନ ଦ୍ୱାରସ୍ଥ ହୋଇଥିବା ସୂଚନା ମିଳିଛି।

ମଦନପୁର ୟୁକେ ମହାବୀର କଲେଜରେ ଛାତ୍ର ସଂସଦ ନିର୍ବାଚନକୁ ଅଶାନ୍ତି ଓ ଗଣ୍ଡଗୋଳିଆ ବାତାବରଣ ଲାଗି ରହିଥିବାରୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ଇତିମଧ୍ୟରେ ଛାତ୍ରସଂସଦ ନିର୍ବାଚନରେ ଛାତ୍ର ବିଜେଡି ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ସଭାପତି ପ୍ରାର୍ଥୀ ଦୀପଙ୍କର ରାଉତଙ୍କ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଥିବା ବିବାଦୀୟ ବୟାନ ଯୋଗୁଁ ଛାତ୍ର ବିଜେଡି ଓ ବିଜେଡି ନେତା ଏବେବି ଦୀପଙ୍କର ଅପହରଣକାରୀଙ୍କ କବଳରେ ଥିବା ଓ ସେମାନଙ୍କ ଚାପରେ ବିବାଦୀୟ ବୟାନ ଦେଇଥିବାରୁ ତାଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ରାଜନଗର ବିଧାୟକ ଧ୍ରୁବ ସାହୁ ଛାତ୍ର ବିଜେଡି ସଭାପତି ପ୍ରାର୍ଥୀ ଦୀପଙ୍କର ରାଉତଙ୍କ ଉପଯୁକ୍ତ ସୁରକ୍ଷା ଦାବି କରି କେନ୍ଦ୍ରାପଡ଼ା ଜିଲ୍ଲା ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କୁ ତାଙ୍କ ବିଧାୟକ ପ୍ୟାଡ୍‌ରେ ଚିଠି ଲେଖି ଏସ୍‌ପିଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ଅନ୍ୟପକ୍ଷରେ ଛାତ୍ର ବିଜେଡି ସଭାପତି ପ୍ରାର୍ଥୀ ଦୀପଙ୍କର ରାଉତଙ୍କ ସହିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀଙ୍କ ସୁରକ୍ଷା ଦାବିରେ ଆଜି ମଦନପୁର ୟୁକେ ମହାବୀର କଲେଜ ଛାତ୍ରଛାତ୍ରୀ କଲେଜ ସମ୍ମୁଖରେ ଧାରଣା ଦେଇଥିଲେ। ଏସବୁ ଘଟଣାରୁ ମଦନପୁର ୟୁକେ ମହାବୀର କଲେଜ ଛାତ୍ର ସଂସଦ ନିର୍ବାଚନକୁ ନେଇ ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଛି। ଯାହାକି ସରକାର ଓ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି।




▸▸ ଛାତ୍ର ବିଜେଡି ସମର୍ଥିତ ଛାତ୍ର ସଂସଦ ସଭାପତି ପ୍ରାର୍ଥୀଙ୍କ ସୁରକ୍ଷା ଦାବିରେ ବିଧାୟକଙ୍କ ଏସ୍‌ପିଙ୍କୁ ଚିଠି
▸▸ କଲେଜ ସମ୍ମୁଖରେ ଛାତ୍ରଛାତ୍ରୀଙ୍କ ଧାରଣା

▸▸ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଛାତ୍ରସଂସଦ ନିର୍ବାଚନ

## ପୋଡ଼ିଲେ, ଚିରିଲେ ଛାତ୍ର ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ହୋର୍ଡିଂ

ରାଜନଗର, ୧୩।୧୦(ସମିସ): ଛାତ୍ରସଂସଦ ନିର୍ବାଚନ ଯେତେ ପାଖେଇ ଆସୁଛି, ଉତ୍ତେଜନା ସେତେ ବଢ଼ିବାରେ ଲାଗିଛି। ରାଜନଗର ନିର୍ବାଚନମଣ୍ଡଳୀ ମଦନପୁରସ୍ଥ ୟୁକେ ମହାବୀର ମହାବିଦ୍ୟାଳୟରେ ଗଣ୍ଡଗୋଳ ଯୋଗୁଁ ନିର୍ବାଚନ ବାତିଲ ହୋଇସାରିଛି। ଏପଟେ ୧୨ ତାରିଖ ରାତିରେ ରାଜନଗରସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ସମ୍ମୁଖରେ ଲାଗିଥିବା ବିଜୁ ଛାତ୍ର ଜନତା ଦଳ ସମର୍ଥିତ ଛାତ୍ର ସଂସଦ ପ୍ରାର୍ଥୀଙ୍କ କେତେକ ହୋର୍ଡିଂକୁ ପୋଡ଼ି ଦିଆଯାଇଥିବାବେଳେ ଆଉ କେତେକକୁ ଚିରି ଦିଆଯାଇଛି। ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସୋସିଆଲ ମିଡିଆରେ ପୋଡ଼ା ଓ ଚିରା ଯାଇଥିବା ହୋର୍ଡିଂ ଫଟୋ ଦେଇ ଏହାର ଜବାବ ୧୫ ତାରିଖରେ ଛାତ୍ରଛାତ୍ରୀ ଦେବେ ବୋଲି ଲେଖାଯାଇଛି। ଅନ୍ୟପକ୍ଷରେ ଗତକାଲି ବିଳମ୍ବିତ ରାତିରେ କିଏ ହୋର୍ଡିଂରେ ନିଆଁ ଲଗାଇଲା, ଏହା ପଛରେ କାହାର ହାତ ଅଛି; ତାହାକୁ ନେଇ ଆଲୋଚନା ଜାରି ରହିଛି। ଏ ନେଇ ଛାତ୍ର ବିଜେଡି ସମର୍ଥିତ ସଭାପତି ପ୍ରାର୍ଥୀ ରାକେଶ ଦାସ, ଉପସଭାପତି ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ, ସମ୍ପାଦକ ପ୍ରାର୍ଥିନୀ ରୂପାଲୀ ସ୍ୱାଇଁ, ସହ ସମ୍ପାଦିକା ପ୍ରାର୍ଥିନୀ ଗାୟତ୍ରୀ ମାଝି ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।




## ଲୋକନାଥ ମହାବିଦ୍ୟାଳୟରେ ବିସିଜେଡି ଓ ଏବିଭିପିର ଜୋର୍‌ଦାର ପ୍ରଚାର





ଗରଦପୁର,୧୩।୧୦ (ସମିସ): ଛାତ୍ରସଂସଦ ନିର୍ବାଚନକୁ ନେଇ ପାଟକୁରାର ଲୋକନାଥ ମହାବିଦ୍ୟାଳୟରେ ପ୍ରଚାର ଜୋର୍‌ଦାର ହୋଇଛି। ନିର୍ବାଚନ ଆଉ ଦୁଇଦିନ ବାକି ଥିବାବେଳେ ଦଳୀୟ ଗାମୁଛା ରାଜନୀତିକୁ ନେଇ ଚର୍ଚ୍ଚା ହେଉଛି। ବିଜେପି ସମର୍ଥିତ ଏବିଭିପି ଛାତ୍ର ସଂଗଠନ ପ୍ରାର୍ଥୀ ଓ ସମର୍ଥକ କମଳା ରଙ୍ଗର ଗାମୁଛା ପକାଇ ପ୍ରଚାର କରୁଥିବାବେଳେ ବିଜୁ ଛାତ୍ର ଜନତା ଦଳର ସମର୍ଥିତ ପ୍ରାର୍ଥୀ ଓ ସମର୍ଥକ ବିଜେଡି ଦଳୀ ନୀଳରଙ୍ଗ ଗାମୁଛା ପକାଇ ପ୍ରଚାର କରୁଥିବା ନେଇ ଦେଖିବାକୁ ମିଳୁଛି। ଏହି ଦୁଇ ଦଳର ସମର୍ଥିତ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ମୁକାବିଲା ହେବ ବୋଲି ଛାତ୍ରଛାତ୍ରୀ ଆଲୋଚନା କରୁଛନ୍ତି। ଅପରପକ୍ଷରେ ନିଲମ୍ବିତ ହୋଇଥିବା ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ସମର୍ଥିତ ଛାତ୍ର ନେତା ପାଟକୁରା ସ୍ୱାଭିମାନ ମଞ୍ଚ ବ୍ୟାନରରେ ନିର୍ବାଚନ ଲଢୁଥିବାବେଳେ ଛାତ୍ର କଂଗ୍ରେସ ପ୍ରାର୍ଥୀ ଦେଇପାରି ନ ଥିବା ଆଲୋଚନା ହେଉଛି। ଏବିଭିପି ପକ୍ଷରୁ ସଭାପତି ପ୍ରାର୍ଥୀ ଭାବେ ଆଦିତ୍ୟ ମହାନ୍ତିଙ୍କ ସମେତ ଉପସଭାପତି ସାଇକ୍ରିଷ୍ଣା ମାହାଳୀ, ସାଧାରଣ ସମ୍ପାଦକ ରଶ୍ମିତା ସାହୁ, ସହସଂପାଦକ ଆଶାରାଣୀ ସାହୁ ନିର୍ବାଚନ ଲଢୁଥିବାବେଳେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଆଶୁତୋଷ ସାହୁ ସଭାପତି, ରଶ୍ମିତା ସୂତାର ଉପସଭାପତି, ଅଭିରାମ ଜେନା ସାଧାରଣ ସମ୍ପାଦକ ଓ ପ୍ରିୟାଂଶୁ ସାମନ୍ତରାୟ କ୍ରୀଡା ସଂପାଦକ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ନିର୍ବାଚନ ପାଇଁ ପ୍ରଶିକ୍ଷଣ ଶିବିର



ରାଜନଗର,୧୩।୧୦(ସମିସ): ରାଜନଗରସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ଅମୀୟ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ର ସଂସଦ ଉପଦେଷ୍ଟା ଅଧ୍ୟାପକ ଅଭିମନ୍ୟୁ ରାଉତ ନିର୍ବାଚନୀ ପ୍ରଶିକ୍ଷଣ ଦେଇଥିଲେ। ବାଲଟ୍ ବାକ୍ସ, ଭୋଟର ଯାଞ୍ଚ, ପ୍ରାର୍ଥୀ କିମ୍ବା ସେମାନଙ୍କ ଏଜେଣ୍ଟଙ୍କ ଉପସ୍ଥିତିରେ ବାଲଟ୍ ବାକ୍ସ ଖୋଲିବା ଓ ସୁରକ୍ଷିତ ଗଣତି କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ର ସଂସଦ ସହଉପଦେଷ୍ଟା ଅଧ୍ୟାପକ ପର୍ଶୁରାମ ନାଥ, ଶିକ୍ଷା ବିଭାଗ ବରିଷ୍ଠ ଅଧ୍ୟାପକ ବିଚିତ୍ରାନନ୍ଦ ପାଣି ଉପସ୍ଥିତ ଥିଲେ। ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ସନ୍ଦୀପ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

## ବିଭିନ୍ନ ଔଷଧ ଦୋକାନରେ ଡ୍ରଗ୍ସ ଇନ୍ସପେକ୍ଟରଙ୍କ ଚଢ଼ଉ

ପଟ୍ଟାମୁଣ୍ଡାଇ,୧୩।୧୦(ସମିସ): ଔଷଧ ଦୋକାନରେ ବେଆଇନ ନିଶା ଔଷଧ ବିକ୍ରୀ ଓ ନିଶା ଔଷଧର କିଣାବିକା କାଗଜପତ୍ର ତନଖି କରାଯାଇଛି। କେନ୍ଦ୍ରାପଡ଼ା ଡ୍ରଗ୍ସ ଇନ୍ସପେକ୍ଟରଙ୍କ ପକ୍ଷରୁ ଆଜି ପଟ୍ଟାମୁଣ୍ଡାଇ ସହର ସମେତ ବିଭିନ୍ନ ଅଞ୍ଚଳରେ ଥିବା ସମସ୍ତ ପାଇକାରୀ ଓ ଖୁଚୁରା ଔଷଧ ବିକ୍ରୟକେନ୍ଦ୍ର ଉପରେ ଚଢ଼ଉ କରାଯାଇଥିଲା। ବିଭିନ୍ନ ଔଷଧ ଦୋକାନରେ ବେଆଇନ ନିଶା ଔଷଧ ବିକ୍ରି ହେବା କାରଣରୁ ଏହାର ଦୁରୁପଯୋଗ ହେଉଥିବା ଅଭିଯୋଗ ହେଉଛି। ଡାକ୍ତରଙ୍କ ବିନା ପ୍ରେସକ୍ରିପସନ୍‌ରେ ନିଶା ଔଷଧ ବିକ୍ରି କରାଯାଉଥିବାରୁ ନିଶା ଔଷଧ ସେବନ କରି ଛାତ୍ର ଓ ଯୁବସମାଜ ପଥଭ୍ରଷ୍ଟ ହେଉଛି। କଲେଜ ପଢୁଆ ଛାତ୍ର ଏହି ନିଶା ଔଷଧ ବହୁଳ ଭାବେ ବ୍ୟବହାର କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ଅନ୍ୟପକ୍ଷରେ ବିନା ଲାଇସେନ୍ସରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବହୁ ଔଷଧ ଦୋକାନ ଚାଲୁଥିବା ନେଇ ଅଭିଯୋଗ ହୋଇଆସୁଥିବାରୁ ଏଗୁଡ଼ିକ ଉପରେ ମଧ ଚଢ଼ଉ କରାଯାଇଥିବା ଜଣାପଡ଼ିଛି।

## କଲେଜ ଛାତ୍ରଙ୍କ ଆତ୍ମହତ୍ୟା



ଡେରାବିଶ, ୧୩।୧୦(ସମିସ): ବେକରେ ରଶିଦେଇ +୨ ଛାତ୍ର ଆତ୍ମହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଏଭଳି ଅଭାବନୀୟ ଘଟଣା କେନ୍ଦ୍ରାପଡ଼ା ସଦର ଥାନା ଡେରାବିଶ ବ୍ଲକ୍ ଅନ୍ତର୍ଗତ ବାରିମୂଳ ପଞ୍ଚାୟତର ରାୟପୁର ଗ୍ରାମରେ ଘଟିଛି। ଗ୍ରାମର ବୀରକିଶୋର ମଲିକଙ୍କ ପୁଅ ଚନ୍ଦନ (୧୬) ସୋମବାର ରାତିରେ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ନେଇ ମଙ୍ଗଳବାର ବୀରକିଶୋର ଥାନାରେ ଏକ ଅଭିଯୋଗ କରିଛନ୍ତି। ସୋମବାର ରାତିରେ ବୀରକିଶୋର ତାଙ୍କ ପୁଅ ଚନ୍ଦନ ଉପରେ ମୋବାଇଲ୍ ବ୍ୟବହାର ନେଇ ସାମାନ୍ୟ ବିରକ୍ତି ପ୍ରକାଶ କରିଥିଲେ। ମଙ୍ଗଳବାର ସକାଳୁ ପୁଅର ଉଠିବା ଡେରି ହେବାରୁ ଝରକା ଖୋଲି ଦେଖିବାରୁ ପୁଅ ବେକରେ ରଶି ଦେଇ ଫ୍ୟାନ୍‌ରେ ଝୁଲିପଡ଼ିଛି। କାବଟ ଭାଙ୍ଗି ରଶି ଫିଟାଇ ତୁରନ୍ତ ଚନ୍ଦନକୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କେନ୍ଦ୍ରାପଡ଼ା ସଦର ଥାନା ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପଦ୍ମାଳୟା ପ୍ରଧାନ କହିଛନ୍ତି।

## କବି ଶରତ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି



ପଟ୍ଟାମୁଣ୍ଡାଇ,୧୩।୧୦(ସମିସ): ଆଧୁନିକ ଓଡ଼ିଆ କବିତାରେ "ଡିମିରି ଫୁଲର ରତୁ' ପାଇଁ ନିଜର ପରିଚୟ ସୃଷ୍ଟି କରିପାରିଥିବା ବରିଷ୍ଠ କବି ଶରତ ଚନ୍ଦ୍ର ନାୟକଙ୍କୁ ତାଙ୍କ ଏକାଦଶାହରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବହୁ କବି, ଲେଖକ, ଶିକ୍ଷକ, ବୁଦ୍ଧିଜୀବୀ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସମାଜସେବୀ ନୃସିଂହ ଚରଣ ସାହୁଙ୍କ ପୌରୋହିତ୍ୟ ଓ ବରିଷ୍ଠ କଥାକାର ପ୍ରଦୀପ ନାୟକଙ୍କ ସଂଯୋଜନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ, ଶିକ୍ଷାବିତ୍ କିଶୋର ଚନ୍ଦ୍ର ସେନ, ବରିଷ୍ଠ କବି ହେମନ୍ତ ରାଉତ, ଶ୍ରୀଧର ସେନ, ଶିକ୍ଷକ ବାସୁଦେବ କର, ରାଧାଶ୍ୟାମ ବେହେରା, ସନ୍ତୋଷ ନାୟକ, ସାମ୍ବାଦିକ ଜଗନ୍ନାଥ ଦାସ, କବି ଭବାନୀ ପ୍ରସାଦ ମହାପାତ୍ର, କବି ଶତ୍ରୁଘ୍ନ ତରାଇ, ମହେନ୍ଦ୍ର ତରାଇ, ବୈକୁଣ୍ଠ ନାୟକ, ଚିତ୍ତରଞ୍ଜନ ଦାଶ, ମଧୁସୂଦନ ଦାଶ, ପ୍ରଫୁଲ୍ଲ ନାୟକ, ବିପିନି ବିହାରୀ ଦାଶ ପ୍ରମୁଖ ବରିଷ୍ଠ କବି ସ୍ୱର୍ଗତ ନାୟକଙ୍କ ବ୍ୟକ୍ତିତ୍ୱର ବହୁମୁଖୀ ଦିଗ ସମ୍ପର୍କରେ ଆଲୋକପାତ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶେଷରେ ରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

## ମଦ ଜବତ, ୬ ଗିରଫ

କେନ୍ଦ୍ରାପଡ଼ା,୧୩।୧୦(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ କେନ୍ଦ୍ରାପଡ଼ା ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜକନିକା, ମାର୍ଶାଘାଇ ଓ ପାଟକୁରା ଥାନା ଅଧୀନ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉ ସମୟରେ ପାତ୍ରପୁର ଗ୍ରାମର ଶରତ ସାହୁଙ୍କ ନିକଟରୁ ୨୮ ଲିଟର ଚୋରା ବିଦେଶୀ ମଦ, କଟନବଣିଆ ଗ୍ରାମର ଉମେଶ ବେହେରାଙ୍କ ନିକଟରୁ ୨୪ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଥିଲା। ସେହିପରି ମାର୍ଶାଘାଇ ଗ୍ରାମର ଭାସ୍କର ଜେନାଙ୍କ ନିକଟରୁ ୨୭ ଲିଟର ଚୋରା ଦେଶୀ ମଦ, ବେଣୁପଳା ଗ୍ରାମର ସଂଯୁକ୍ତା ସ୍ୱାଇଁଙ୍କ ନିକଟରୁ ୨୧ ଲିଟର ଚୋରା ବିଦେଶୀ ମଦ ଓ ମଙ୍ଗରାଜପୁର ଗ୍ରାମର ଗିରିଧାରୀ ଦାସଙ୍କ ନିକଟରୁ ୧୮ ଲିଟର ଚୋରା ବିଦେଶୀ ମଦ ସହିତ ଗୋଟିଏ ବାଇକ ଜବତ କରାଯାଇଥିଲା। ଏଥିସହ ଜଗଦୀଶ ସାହୁଙ୍କ ନିକଟରୁ ୩୨ ଲିଟର ଚୋରା ବିଦେଶୀ ମଦ ଜବତ ହୋଇଥିଲା। ଏହି ଚଢ଼ଉରେ ୧୫୦ ଲିଟର ଚୋରା ଦେଶୀ ଓ ବିଦେଶୀ ମଦ ସମେତ ଗୋଟିଏ ବାଇକ ଜବତ କରାଯାଇଥିଲା। ଏ ସଂକ୍ରାନ୍ତରେ ବିଭିନ୍ନ ଅବକାରୀ ମାମଲା ରୁଜୁ କରାଯାଇଛି। ଏହି ମାମଲାରେ ୬ ଜଣ ଚୋରାମଦ ବେପାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଅବକାରୀ ଉପନିରୀକ୍ଷକ ରତ୍ନପ୍ରଭା ସ୍ୱାଇଁ, ତ୍ରିବେଣୀ ମହନ୍ତ, ରଞ୍ଜନ ପାତ୍ରଙ୍କ ସମେତ ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ।

## ବାଙ୍କିମୁଣ୍ଡାଇ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ଡେରାବିଶ,୧୩।୧୦(ସମିସ): ଡେରାବିଶ ଶିକ୍ଷା ସର୍କଲ ଅନ୍ତର୍ଗତ ବାଙ୍କିମୁଣ୍ଡାଇ ଆଞ୍ଚଳିକ ସାଧନକେନ୍ଦ୍ରର ସୁରଭି କାର୍ଯ୍ୟକ୍ରମ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଲାଲବାହାଦୂର ଶାସ୍ତ୍ରୀ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ମଦନମୋହନ କର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସଭାରେ ପ୍ରଧାନଶିକ୍ଷକ ବିଶ୍ୱବିଜୟ ଦାସ ସଭାପତିତ୍ୱ କରିଥିବାବେଳେ ସ୍ୱତନ୍ତ୍ର ଅତିଥି ଭାବେ ଚାନ୍ଦୋଳ ସରପଞ୍ଚ ସୁରେନ୍ଦ୍ର ମଲିକ, ସମିତିସଭ୍ୟା ମଞ୍ଜୁଲତା ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସୁଶାନ୍ତ ପାତ୍ର, ସମ୍ମାନିତ ଅତିଥି ଭାବେ ବିଆରସିସି ଦେବଦତ୍ତ ଶତପଥି, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ ଯୋଗ ଦେଇଥିଲେ। ଏ ଅବସରରେ କ୍ଲଷ୍ଟର ଅଧୀନ ୯ଟି ବିଦ୍ୟାଳୟରୁ ଆସିଥିବା ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଲିଖନ, କୁଇଜ, ଶ୍ରୁତ ଲିଖନ, ଚିତ୍ରାଙ୍କନ, ପିଏମ୍ ପୋଷଣର ଚିତ୍ର ଓ ପ୍ରକଳ୍ପ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ଏହି ପ୍ରତିଯୋଗିତାରେ ପୂର୍ବତନ ସିଆରସିସି ଶରତ ଆଚାର୍ଯ୍ୟ, ଲଲାଟ ଭୂୟାଁ, ଅଜୟ ଦାସ, ସିଆରସିସି ନିର୍ମଳ ଜେନା, ବିଶ୍ୱଜିତ ମୁଦୁଲି ବିଚାରକ ଥିଲେ। ବିଭିନ୍ନ ପ୍ରତିଯୋଗିତାକୁ ଶିକ୍ଷୟିତ୍ରୀ ସ୍ମିତାରେଖା ଦାଶ, ଅର୍ଚ୍ଚନା ସାହୁ, ରଶ୍ମିରେଖା ତ୍ରିପାଠୀ, ମିନତୀ ରାଉତ, ବିନିତା ବେହେରା, ଶିକ୍ଷକ ନିରଞ୍ଜନ ନାୟକ ଓ କର୍ମଚାରୀ ନରେଶ ଜେନା ପରିଚାଳନା କରିଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପୂର୍ବତନ ସିଆରସିସି ପ୍ରଶାନ୍ତ ଶତପଥି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସିଆରସିସି ପ୍ରମୋଦ କୁମାର ମଞ୍ଚ ସଂଯୋଜନା କରିଥିବାବେଳେ ଗଣେଶପୁର ସ୍କୁଲର ପ୍ରଧାନଶିକ୍ଷକ ସୁରେଶ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସେବା ସଂକଳ୍ପ ଅଭିଯାନ ଓ ସେତୁ ଶିବିର ଉଦ୍‌ଯାପିତ



ଗରଦପୁର, ୧୩।୧୦(ସମିସ): ଦୀର୍ଘ ଏକମାସ ଧରି ଗରଦପୁର ବ୍ଲକ୍‌ରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଜନହିତକର ଯୋଜନା ଜନସାଧାରଣଙ୍କ ନିକଟରେ ପହଞ୍ଚିବା ନିମନ୍ତେ ଚାଲିଥିବା ସେବା ସଂକଳ୍ପ ଅଭିଯାନ ଓ ସେବା ସେତୁ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ବ୍ଲକ୍ ସଭାଗୃହରେ ବିଡିଓ ଆଲୋକ ସେଠୀଙ୍କ ଆବାହାକତ୍ୱରେ ଜିଲ୍ଲାପାଳ ରଘୁନାଥ ଆର ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ସୁଭଦ୍ରା, ସ୍ୱଚ୍ଛ ଭାରତ, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ମୁଖ୍ୟମନ୍ତ୍ରୀ ମତ୍ସ୍ୟ ଯୋଜନା, ଶିକ୍ଷା, ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଜନହିତକର ପଦକ୍ଷେପ ଓ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟରିଆ, ଏଡିପିଓ ଜ୍ୟୋତିରଞ୍ଜନ ଗୌଡ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରିଣୀ ଡଃ ନମିତା ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବତାରଣା କରିଥିଲେ। ଏ ଅବସରରେ ବ୍ଲକ ପରିସରରେ ବିଭିନ୍ନ ଷ୍ଟଲକୁ ଜିଲ୍ଲାପାଳ ଉଦଘାଟନ କରିବା ସହ ଷ୍ଟଲ ବୁଲି ଦେଖିଥିଲେ। ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ଝୋଟି ବୁଲି ଦେଖି ପ୍ରଶଂସା କରିଥିଲେ। ବିଭିନ୍ନ ହିତାଧିକାରୀଙ୍କୁ ରାସନ୍ କାର୍ଡ, ନିର୍ମାଣ ଶ୍ରମିକ କାର୍ଡ, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା କାର୍ଡ, ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ, ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା, ପଶୁସମ୍ପଦ ଯୋଜନାରେ ବିଭିନ୍ନ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଥିଲାବେଳେ ଏବିଡିଓ ସଞ୍ଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କରାଣ୍ଡିଆ ନଦୀର ବାଲିସାହି ନିକଟରେ ବେଆଇନ ବାଲି ଉତ୍ତୋଳନ ଅଭିଯୋଗ

ଡେରାବିଶ, ୧୩।୧୦(ସମିସ): ଡେରାବିଶ ବ୍ଲକ୍ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ କରାଣ୍ଡିଆ ନଦୀର ବାଲିସାହି ନିକଟରେ ରାତିରେ ବେଆଇନ ଭାବେ ବାଲି ଉତ୍ତୋଳନ ହେଉଥିବା ଅଭିଯୋଗ ହେଉଛି। କିଛି ବ୍ୟକ୍ତି ବିଳମ୍ବିତ ରାତିରେ ଟ୍ରାକ୍ଟର ମାଧ୍ୟମରେ ବାଲିସାହି ନିକଟରେ କରାଣ୍ଡିଆ ନଦୀରୁ ବାଲି ଉତ୍ତୋଳନ କରି ପୂର୍ବରୁ ବାଲି ଅର୍ଡର ରଖିଥିବା ଲୋକଙ୍କୁ ରାତାରାତି ଯୋଗାଇ ଦେଉଛନ୍ତି। ବିନା ନିଲାମରେ ଚୋରାରେ ବାଲି ଯୋଗାଉଥିବାରୁ ସରକାର ରାଜସ୍ୱ ହରାଉଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଖଣି ବିଭାଗ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

▸▸ ସୋସିଆଲ ମିଡ଼ିଆରେ ଅଶାଳୀନ ମନ୍ତବ୍ୟ

## ଆଳି କଂଗ୍ରେସ ନେତ୍ରୀ ଥାନାର ଦ୍ୱାରସ୍ଥ



ରାଜକନିକା,୧୩।୧୦(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ନିର୍ବାଚନମଣ୍ଡଳୀ କଂଗ୍ରେସ ବିଧାୟିକା ପ୍ରାର୍ଥିନୀଙ୍କୁ ନେଇ ରାଜକନିକା ବିଜେପିର ୨୮ ନମ୍ବର ଜୋନ ମଣ୍ଡଳ ସଭାପତି ପ୍ରକାଶ ନାୟକ ସୋସିଆଲ ମିଡ଼ିଆରେ ଗତ ଦୁଇଦିନ ତଳେ ଅଶାଳୀନ ମନ୍ତବ୍ୟ ଦେଇଥିବାରୁ ଆଜି କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଭାପତି ତଥା ଆଳି ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟିକା ପ୍ରାର୍ଥିନୀ ଡାକ୍ତର ଦେବସ୍ମିତା ଶର୍ମା ରାଜକନିକା ଥାନାରେ ଦ୍ୱାରସ୍ଥ ହୋଇ ମଣ୍ଡଳ ସଭାପତିଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଏ ଘଟଣାରେ ପୁଲିସ ତଦନ୍ତ କରି ଦୋଷୀଙ୍କୁ ଆଇନ ଅନୁସାରେ ପଦକ୍ଷେପ ନେବାକୁ ପ୍ରତିକ୍ରିୟାରେ କହିଛନ୍ତି।

## ଅଗ୍ନିବିପନ୍ନଙ୍କୁ ସମାଜସେବୀଙ୍କ ସହାୟତା

ଡେରାବିଶ,୧୩।୧୦(ସମିସ): ଖମୋଳ ପଞ୍ଚାୟତ ଅନ୍ତର୍ଗତ ବଡ଼ସଲାରୋ ଗ୍ରାମର ଅଗ୍ନିବିପନ୍ନ ରତ୍ନାକର ପାତ୍ରଙ୍କ ପରିବାରକୁ ସମାଜସେବୀ ପ୍ରାଧାପକ ଅଜୟ କୁମାର ରାଉତ ଆଜି ସହାୟତା ପ୍ରଦାନ କରିଛନ୍ତି। ଶ୍ରୀ ରାଉତ ବିପନ୍ନ ରତ୍ନାକରଙ୍କ ପରିବାର ନିକଟରେ ପହଞ୍ଚି ଶୁଖିଲା ଖାଦ୍ୟ, ପାଲ ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଶନିବାର ରାତିରେ ରତ୍ନାକରଙ୍କ ଦୁଇ ବଖରା ଚାଳଘର ପୋଡ଼ି ପାଉଁଶ ହୋଇଯାଇଥିଲା।

## ବିଭିନ୍ନ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ସୁରଭି କାର୍ଯ୍ୟକ୍ରମ



ପଞ୍ଚୁପାଣ୍ଡବ,୧୩।୧୦(ସମିସ): ଡେରାବିଶ ବ୍ଲକର ବିଭିନ୍ନ କ୍ଲଷ୍ଟରସ୍ତରୀୟ ଶିଶୁ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ଭଗବତୀ ସରକାରୀ ଉଚ୍ଚବିଦ୍ୟାଳୟ ସାଧନ କେନ୍ଦ୍ରର ଦାମୋଦରଜୀଉ ବିଦ୍ୟାପୀଠ ଓ ବଜାର ନୋଡାଲ ବିଦ୍ୟାଳୟରେ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ସେହିପରି ଛୋଟି କ୍ଲଷ୍ଟରର ମଙ୍ଗଳେଶ୍ୱର ବିଦ୍ୟାଳୟ ଓ କୁସିଆପାଳ ସରକାରୀ ଉନ୍ନତି ଉଚ୍ଚ ମୌଳିକ ସାଧନ କେନ୍ଦ୍ର ପଞ୍ଚାୟତ ଉଚ୍ଚବିଦ୍ୟାଳୟ ବାରିମୂଳରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଇଓ ମଦନମୋହନ କର ଓ ମୁଖ୍ୟବକ୍ତା ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଯୋଗ ଦେଇଥିଲେ। ସିଆରସିସି ହରେକୃଷ୍ଣ କର ଓ ତ୍ରିଲୋଚନ ମଲିକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମକୁ ବିଆରସିସି ଦେବଦତ୍ତ ଶତପଥୀ, ଏବିଇଓ ଖଗେଶ୍ୱର ନାୟକ, ନୋଡାଲ ସିଆରସିସି ସୁବାସ ପଣ୍ଡା, ସିଆରସିସି ନିର୍ମଳ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ସବଜୁନିୟର, ଜୁନିୟର, ସିନିୟର୍ ବିଭାଗ ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ, ନାଚଗୀତ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପୂର୍ବତନ ନୋଡାଲ ସିଆରସିସି ରମେଶ ପତି ଧନ୍ୟବାଦ ଅର୍ପଣ କରିଥିଲେ।

**ନିୟମିତ ହେଉନି ଯାଞ୍ଚ, ନିଦାବିଷ୍ଟ ସାଜିଛି କି ସ୍ୱାସ୍ଥ୍ୟ ବିଭାଗ**

# ଛତୁ ଫୁଟିଲା ଭଳି ଗଢ଼ି ଉଠୁଛି ଔଷଧ ଦୋକାନ

ମହାକାଳପଡ଼ା,୧୩।୧୦(ସମିସ)

ନିୟମ ଅଛି, କିନ୍ତୁ ଯାଞ୍ଚ କାହିଁକି ନାହିଁ? ଔଷଧ ଦୋକାନ ଖୋଲିବା ପାଇଁ ଆବଶ୍ୟକ ଲାଇସେନ୍ସ ଓ ନିୟମାବଳୀ ରହିଥିବା ସତ୍ତ୍ୱେ ମହାକାଳପଡ଼ା ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଛତୁ ଫୁଟିଲା ଭଳି ଔଷଧ ଦୋକାନ ଗଢ଼ି ଉଠୁଥିବା ଅଭିଯୋଗ ହେଉଛି। ନିୟମିତ ଯାଞ୍ଚ ଓ ତଦାରଖ ଅଭାବ ଏହାର ପ୍ରମୁଖ କାରଣ ବୋଲି ସାଧାରଣରେ ଆଲୋଚନା ହେଉଛି। କେତେକ ଦୋକାନ ବିନା ବୈଧ ଲାଇସେନ୍ସରେ ଚାଲୁଥିବାବେଳେ କିଛି ଦୋକାନୀ ଅନ୍ୟ ସ୍ଥାନରେ କାର୍ଯ୍ୟରତ ଫାର୍ମାସିଷ୍ଟଙ୍କ ପ୍ରମାଣପତ୍ର ବ୍ୟବହାର କରି ବ୍ୟବସାୟ କରୁଥିବା ମଧ୍ୟ ଅଭିଯୋଗ ହେଉଛି।

ମହାକାଳପଡ଼ାର ଜମ୍ବୁ, ବାବର, ବିଜୟନଗର, ବାଘୁଆମେଦୀ ଓ ରାମନଗର ସମେତ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଅନେକ ଛୋଟ ଛୋଟ ଔଷଧ ଦୋକାନ ଛତୁ ଫୁଟିଲା ଭଳି ଖୋଲିଛି। ଏହି ଦୋକାନ ମଧ୍ୟରୁ କେଉଁଗୁଡିକର ବୈଧ ଲାଇସେନ୍ସ ରହିଛି ଓ କେଉଁଗୁଡ଼ିକ ନିୟମ ଉଲ୍ଲଂଘନ କରି ଚାଲୁଛି, ତାହାର ସଠିକ୍ ଯାଞ୍ଚ ହେଉନାହିଁ। ଔଷଧ ବିକ୍ରି ପାଇଁ ଆବଶ୍ୟକ ଅନୁମତି ଓ ଯୋଗ୍ୟ ଫାର୍ମାସିଷ୍ଟଙ୍କ ଉପସ୍ଥିତି ସମ୍ପର୍କରେ ମଧ ତଦନ୍ତ ହେବାକୁ ଦାବି ହେଉଛି। ଅନ୍ୟପକ୍ଷରେ କେତେକ ଔଷଧ ଦୋକାନ ସହ ଲାବ୍ ସେଣ୍ଟର ଖୋଲାଯାଇ ଆବଶ୍ୟକ ଅନୁମତି ବିନା ପରୀକ୍ଷା କରାଯାଉଥିବା ଅଭିଯୋଗ ମଧ ସାମ୍ନାକୁ ଆସିଛି। ଏପରିକି ନିମ୍ନମାନର କିମ୍ବା ନକଲି ଔଷଧ ବିକ୍ରି ହେଉଥିବା ନେଇ ଉଠିଥିବା ଅଭିଯୋଗ ରୋଗୀ ଓ ସେମାନଙ୍କ ପରିବାରକୁ ଚିନ୍ତାରେ ପକାଇଛି। ଏହି ଅଭିଯୋଗର ସତ୍ୟତା ସରକାରୀ ଯାଞ୍ଚ ପରେ ହିଁ ସ୍ପଷ୍ଟ ହୋଇପାରିବ। ଦୋକାନଗୁଡ଼ିକର ନିୟମିତ ଯାଞ୍ଚ କରିବା ଦାୟିତ୍ୱ କାହାର ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ବିନା ଲାଇସେନ୍ସରେ କୌଣସି ଦୋକାନ ଚାଲୁଥିଲେ ତାହା ବିରୋଧରେ କାହିଁକି ପଦକ୍ଷେପ ନିଆଯାଉନାହିଁ? ଲୋକଙ୍କ ସ୍ୱାସ୍ଥ୍ୟ ସହ ଜଡ଼ିତ ଏତେ ସମ୍ବେଦନଶୀଳ ବିଷୟରେ ସମ୍ପୃକ୍ତ ବିଭାଗର ନିରବତା ପଛରେ କାରଣ କ'ଣ? ତେଣୁ ଡ୍ରଗ୍ସ ଇନ୍ସପେକ୍ଟର ଓ ସମ୍ପୃକ୍ତ ସ୍ୱାସ୍ଥ୍ୟ ବିଭାଗ ମହାକାଳପଡ଼ା ବ୍ଲକ୍‌ର ସମସ୍ତ ଔଷଧ ଦୋକାନର ଲାଇସେନ୍ସ, ଫାର୍ମାସିଷ୍ଟଙ୍କ ଯୋଗ୍ୟତା ଓ ଉପସ୍ଥିତି, ଔଷଧର ଗୁଣବତ୍ତା, ଲାବ୍ ସେଣ୍ଟରର ଅନୁମତି ଯାଞ୍ଚ କରନ୍ତୁ। ନିୟମ ଉଲ୍ଲଂଘନ ପ୍ରମାଣିତ ହେଲେ ସମ୍ପୃକ୍ତ ଦୋକାନ ବିରୋଧରେ ଆଇନ ଅନୁଯାୟୀ କଠୋର ପଦକ୍ଷେପ ନିଆଯାଉ ବୋଲି ସାଧାରଣରେ ଦାବି ହେଉଛି।

**ବିନା ଲାଇସେନ୍ସରେ ଚାଲିଛି ବ୍ୟବସାୟ**

ସକାଳ THE SAKALA
www.sakalaepaper.com
ବୁଧବାର,
୧୪ ଅକ୍ଟୋବର,୨୦୨୬





ଉତ୍କଳୀୟ ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାର ପ୍ରାଣକେନ୍ଦ୍ର ହେଉଛି ଦେବୀ ଆରାଧନା ବା ଶକ୍ତି ସାଧନା । ଯୁଗ ଯୁଗ ଧରି ଏହି ପବିତ୍ର ମାଟିରେ ଆଦିଶକ୍ତିଙ୍କର ବିଭିନ୍ନ ସ୍ୱରୂପକୁ ପୂଜା କରାଯାଇ ଆସୁଛି, ଯାହାର ଜ୍ୱଳନ୍ତ ପ୍ରତୀକ ହେଉଛନ୍ତି ବାଙ୍କୀର ମା' ଚର୍ଚ୍ଚିକା, ବଡ଼ମ୍ବାର ମା' ଭଟ୍ଟାରିକା ଏବଂ ମୟୂରଭଞ୍ଜ ଖିଚିଂର ମା' କୀଚକେଶ୍ୱରୀ । ଏହି ତିନୋଟି ପୀଠ ଉତ୍କଳର ଅତି ପ୍ରାଚୀନ ଜାଗ୍ରତ ଶକ୍ତିପୀଠ ଭାବେ ପରିଗଣିତ । ପ୍ରକୃତିର ମନୋରମ ପରିବେଶ ଏବଂ ଇତିହାସର ରହସ୍ୟମୟ ପୃଷ୍ଠା ଭିତରେ ସମୃଦ୍ଧ ଏହି ପୀଠଗୁଡ଼ିକ ଆଧ୍ୟାତ୍ମିକତା ସହିତ ଓଡ଼ିଶାର କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ଅନନ୍ୟ ନିଦର୍ଶନ ବହନ କରନ୍ତି । ଏହି ତିନୋଟି ପୀଠରେ ଜଗତଜନନୀ ମା' ଦୁର୍ଗାଙ୍କର ଭିନ୍ନ ଭିନ୍ନ ସ୍ୱରୂପକୁ ପୂଜା କରାଯାଏ । ଓଡ଼ିଶାର ସେହି ଗୌରବମୟ ଇତିହାସ, ସାଂସ୍କୃତିକ ଅନନ୍ୟତା ଏବଂ ଆଧ୍ୟାତ୍ମିକ ରହସ୍ୟକୁ ଗଭୀର ଭାବେ ବୁଝିବା ପାଇଁ ଏହି ତିନୋଟି ଦେବୀ ପୀଠର ସ୍ୱତନ୍ତ୍ରତାକୁ ନେଇ ବିଶେଷ ଆଲେଖ୍ୟ ।

## ଆସ୍ଥା, ଐତିହ୍ୟ ଓ ପରମ୍ପରାର ଅପୂର୍ବ ସଙ୍ଗମ

# ମା' କୀଚକେଶ୍ୱରୀ ପୀଠ

■ ମନୋଜ ପଣ୍ଡା





### ମାନସିକ ପୂରଣ ପାଇଁ 'ମଣ୍ଡା ଚଢ଼ା'

ମା' କୀଚକେଶ୍ୱରୀଙ୍କ ପୀଠରେ ଫୁଲ ଓ ବେଲପତ୍ରର ମଣ୍ଡା ଏକ ଅତ୍ୟନ୍ତ ରହସ୍ୟମୟ, ଦୁର୍ଲଭ ଏବଂ ପବିତ୍ର ତାନ୍ତ୍ରିକ ଉପଚାର । ଏହାକୁ ମା'ଙ୍କର ମୁଖ୍ୟ ପୂଜକ ସ୍ୱତନ୍ତ୍ର ଭାବେ ତାଜା ଫୁଲ ଏବଂ ଶୁଦ୍ଧ ବେଲପତ୍ରକୁ ଏକାଠି କରି ମଣ୍ଡା ଆକାରରେ ପ୍ରସ୍ତୁତ କରନ୍ତି । କେତେକ ବିଶେଷ ଗୁପ୍ତ ନୀତିରେ ଏହା ମଧ୍ୟରେ ଅନ୍ୟାନ୍ୟ ସୁଗନ୍ଧିତ ଦ୍ରବ୍ୟ ଓ ଚନ୍ଦନ ମଧ୍ୟ ଦିଆଯାଏ । ମାନସିକ ପୂରଣ ପାଇଁ ଶ୍ରଦ୍ଧାଳୁମାନେ ଉପବାସ ରହି ଫୁଲ ଓ ବେଲପତ୍ରରେ ନିର୍ମିତ ଗୋଲାକାର ମଣ୍ଡା ମା'ଙ୍କୁ ଚଢ଼ାଇ ଦଣ୍ଡବତ ପ୍ରଣାମ କରନ୍ତି । ମଣ୍ଡା ଆପେ ଆପେ ନ ଖସିବା ପର୍ଯ୍ୟନ୍ତ ଭକ୍ତ ସେହିପରି ପ୍ରଣତ ରହିବା ଏଠାକାର ଏକ ନିଆରା ବିଶ୍ୱାସ ।

### କଳାମୁଗୁନି ପଥରରେ ଭଞ୍ଜବଂଶର କଳାଭାସ୍କର୍ଯ୍ୟ

କୀଚକେଶ୍ୱରୀ ମନ୍ଦିର ଓଡ଼ିଶାର ଏକ ପ୍ରସିଦ୍ଧ ଶକ୍ତିପୀଠ । ଏହା ମୟୂରଭଞ୍ଜ ଜିଲ୍ଲାର ଖିଚିଂ ଠାରେ ଅବସ୍ଥିତ । ଏହି ମନ୍ଦିରର ମୁଖ୍ୟ ଆରାଧ୍ୟ ଦେବୀ ହେଉଛନ୍ତି ମା' କୀଚକେଶ୍ୱରୀ । ପୂର୍ବତନ ଭଞ୍ଜବଂଶୀୟ ରାଜାମାନଙ୍କର କୁଳଦେବୀ ଥିଲେ କୀଚକେଶ୍ୱରୀ । କଳାମୁଗୁନି ପଥରର ଅପୂର୍ବ କାରୁକାର୍ଯ୍ୟ, ହଜାରେ ବର୍ଷର ଇତିହାସ ଏବଂ ଭଞ୍ଜ ରାଜପରମ୍ପରାର ଅନନ୍ୟ ସମନ୍ୱୟ ଏହି ପୀଠକୁ ଦେଇଛି ଏକ ସ୍ୱତନ୍ତ୍ର ପରିଚୟ । ଏହାର କଳାକୃତି ଓ ଭାସ୍କର୍ଯ୍ୟ କଳିଙ୍ଗ ସ୍ଥାପତ୍ୟ କଳାର ଏକ ଶ୍ରେଷ୍ଠ ନିଦର୍ଶନ ।

### ଶାରଦୀୟ ଦୁର୍ଗାପୂଜାରେ ସ୍ୱତନ୍ତ୍ର ନୀତି

ମହାଷ୍ଟମୀ ଓ ମହାନବମୀ ତିଥିରେ ଏଠାରେ ସମ୍ପୂର୍ଣ୍ଣ ରାଜକୀୟ ଠାଣିରେ ପୂଜା ଅନୁଷ୍ଠିତ ହୁଏ । ପରମ୍ପରା ଅନୁଯାୟୀ, ମୟୂରଭଞ୍ଜର ରାଜପରିବାର ତରଫରୁ ଆଜି ବି ଦେବୀଙ୍କ ନିକଟକୁ ସ୍ୱତନ୍ତ୍ର ପୂଜା ସାମଗ୍ରୀ ପଠାଯାଇଥାଏ ।

### ନବମ ଶତାବ୍ଦୀର କୀର୍ତ୍ତିରାଜି ଓ ପୁନରୁଦ୍ଧାରର ଇତିହାସ

ଐତିହାସିକ ତଥ୍ୟ ଅନୁସାରେ, ନବମ-ଦଶମ ଶତାବ୍ଦୀରେ ଭଞ୍ଜ ରାଜବଂଶର ରାଜା ରାୟ ଭଞ୍ଜଙ୍କ ଆଦେଶକ୍ରମେ ମୁଖ୍ୟ ଶିଳ୍ପୀ ଧରିଣୀ ବରାହ ଏହି ଅନନ୍ୟ ମନ୍ଦିର ନିର୍ମାଣ କରିଥିଲେ । ଖିଚିଂ ପୂର୍ବେ 'ଖିଜିଙ୍ଗ କୋଟ' ନାମରେ ପରିଚିତ ଥିଲା ଏବଂ ପ୍ରାୟ ୧୬ ବର୍ଗ ମାଇଲ ପରିମିତ ଅଞ୍ଚଳରେ ଏହା ଭଞ୍ଜ ରାଜାମାନଙ୍କ ରାଜଧାନୀ ଭାବେ ଶୋଭା ପାଉଥିଲା । କାଳକ୍ରମେ ମୂଳ ମନ୍ଦିର ଭଗ୍ନସ୍ତୂପରେ ପରିଣତ ହେବା ପରେ, ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ସମୟରେ (୧୯୨୦) ଏହାର ପୁନରୁଦ୍ଧାର ପ୍ରକ୍ରିୟା ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ ପୁରାତନ ଭଗ୍ନାବଶେଷ ଓ ପ୍ରାଚୀନ କାରୁକାର୍ଯ୍ୟକୁ ଏକତ୍ର କରି ୧୯୩୪ରୁ ୧୯୪୨ ମଧ୍ୟରେ ମନ୍ଦିରର ପୁନର୍ନିର୍ମାଣ କରାଇ ଏହାର ମୂଳ ଗାରିମାକୁ ଫେରାଇ ଆଣିଥିଲେ ।

### ତନ୍ତ୍ର ସାଧନା ଓ ନିଆରା ପୂଜାନୀତି

ମା' କୀଚକେଶ୍ୱରୀ ଦେବୀ ଚାମୁଣ୍ଡା ସ୍ୱରୂପରେ ପୂଜିତା । ଦୁର୍ଗାପୂଜା ସମୟରେ ରାଜକୀୟ ଅସ୍ତ୍ର ଭଣ୍ଡାରରୁ ପାରମ୍ପରିକ ଖଣ୍ଡା ଓ ଅସ୍ତ୍ରଶସ୍ତ୍ରକୁ ବାଜା ବଜାଇ ମା'ଙ୍କ ସମ୍ମୁଖକୁ ଅଣାଯାଇ ସ୍ଥାପନ କରାଯାଏ । ମନ୍ଦିରର ସେବାୟତମାନେ ଏହି ନୀତିକାନ୍ତି ସମ୍ପାଦନ କରନ୍ତି । ସନ୍ଧ୍ୟା ଆଳତୀ ପରେ ମହାସ୍ନାନ, ରାତ୍ରିରେ ଷୋଡ଼ଶ ଉପଚାର ପୂଜା, ବେଲବରଣୀ, ନିଶାପୂଜା, ନବପତ୍ରିକା ଓ ନବମାତୃକା ପୂଜା ଅନୁଷ୍ଠିତ ହୁଏ । ମା'ଙ୍କ ନିକଟରେ ଖେଚୁଡ଼ି, କ୍ଷୀରି, ଡାଲି ଓ ବିଭିନ୍ନ ବ୍ୟଞ୍ଜନ ସହିତ ପାରମ୍ପରିକ ରୀତିରେ ମାଛ ଓ ସୋମରସ (ସୁରା) ଭୋଗ ଲାଗିଥାଏ । ପୂର୍ବରୁ ପ୍ରଚଳିତ ପଶୁବଳି ପ୍ରଥା ପ୍ରଶାସନ ଦ୍ୱାରା ବନ୍ଦ ହୋଇସାରିଛି । ବିଜୟାଦଶମୀରେ କରଞ୍ଜିଆ ଉପଜିଲ୍ଲାପାଳ ଶ୍ରୀରାମଙ୍କ ଭୂମିକା ନିର୍ବାହ କରି ରାବଣ ପୋଡ଼ି ସମ୍ପନ୍ନ କରିବାର ସ୍ୱତନ୍ତ୍ର ପରମ୍ପରା ରହିଛି ।

# ମା' ଚର୍ଚ୍ଚିକା

■ ଭକ୍ତି ଭୂଷଣ ମହାନ୍ତି



### ରାତ୍ରି ମାଜଣା ଓ ବଡ଼ସିଂହାର ବେଶ

ଅନ୍ୟଦିନରେ ଦ୍ୱିପ୍ରହରରେ ମାଜଣା ହେଉଥିବାବେଳେ ଷୋଳପୂଜାରେ ସନ୍ଧ୍ୟା ଧୂପ ପରେ ରାତ୍ରି ମାଜଣା କରାଯାଏ । ସମସ୍ତ ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାର କାଢ଼ି ମା'ଙ୍କୁ ଫୁଲରେ ସଜ୍ଜିତ କରି 'ବଡ଼ସିଂହାର ବେଶ' କରାଯାଏ ଏବଂ ଶେଷରେ ଅଧରପଣା ଓ ଖଜାଭୋଗ ଲାଗେ ।

### ମହାଷ୍ଟମୀ, ନବମୀ ଓ ଦଶହରା ଘଟ ଉଦ୍‌ଯାପନ

ମହାଷ୍ଟମୀ ରାତ୍ରିରେ ବିହିତ ସନ୍ଧିପୂଜା ଏବଂ ମହାନବମୀ ରାତ୍ରିରେ ହୋମଯଜ୍ଞ ହୁଏ । ଦଶହରା ଦିନ ମା'ଙ୍କର ଅପରାଜିତା ପୂଜା ଓ ବେଶ ଅନୁଷ୍ଠିତ ହୁଏ । ଏହାପରେ ଘଟ ଉଦ୍‌ଯାପନ କରାଯାଏ । ପୂଜାର ନିର୍ବିଘ୍ନ ସମାପ୍ତିର ପ୍ରତୀକ ସ୍ୱରୂପ ରାଜଗୁରୁଙ୍କ ଜରିଆରେ ସେହି ଘଟକୁ ସସମ୍ମାନେ ବାଙ୍କୀ ରାଜାଙ୍କ ଖମାରକୁ ପଠାଯାଏ । ଧୂପ ଓ ନୀତି ସମୟରେ ପରଦା ପଡ଼ି ରହୁଥିଲେ ମଧ୍ୟ ଭକ୍ତମାନେ ବାହାରେ ବସି ନିୟମିତ ଭାବେ ଆଳତି ଓ ଦର୍ଶନର ସୌଭାଗ୍ୟ ଲାଭ କରିଥାନ୍ତି ।



ମହାନଦୀର ନୀଳରାଶି ଏବଂ ରୁଚିକା ପାହାଡ଼ ଶାନ୍ତ ପରିବେଶରେ ବିରାଜମାନ ମା' ଚର୍ଚ୍ଚିକା । ଏହି ମନ୍ଦିର କଟକ ଜିଲ୍ଲା ବାଙ୍କୀର ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର । ପର୍ଶୁରାମଙ୍କ ଦ୍ୱାରା ସ୍ଥାପିତ ଏହି ଶାକ୍ତ ପୀଠ ଉତ୍କଳୀୟ ସ୍ଥାପତ୍ୟ ଓ ତନ୍ତ୍ର ସାଧନାର ଜୀବନ୍ତ ସ୍ମାରକୀ ।

### ଆବିର୍ଭାବ, ପୌରାଣିକ କିମ୍ବଦନ୍ତୀ

ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ, ଭଗବାନ୍ ପର୍ଶୁରାମ ରୁଚିକା ପର୍ବତରେ ମା'ଙ୍କ ସିଦ୍ଧିପ୍ରାପ୍ତ ପାଇଁ ତପସ୍ୟା କରିଥିଲେ । ପ୍ରତିମୂର୍ତ୍ତି ଆଙ୍କି ପାରିଲେ ମୁଁ ବରଦାନ ଦେବି ବୋଲି ମା'ତାଙ୍କୁ କହିଥିଲେ । ପର୍ଶୁରାମ ସର ମୁନରେ ପଥରରେ ମା'ଙ୍କୁ ଆଙ୍କି ସ୍ଥାପନ କରିଥିଲେ । ପରବର୍ତ୍ତୀ ସମୟରେ ସ୍ୱପ୍ନାଦେଶ କ୍ରମେ ରାଜା ମନ୍ଦିର ନିର୍ମାଣ କଲେ । ଯାହାକି ଚର୍ଚ୍ଚିକା ପୀଠ ନାମରେ ସର୍ବତ୍ର ବିଦିତ । ମା' ଚର୍ଚ୍ଚିକାଙ୍କ ପୀଠରେ ଶାରଦୀୟ ଦୁର୍ଗାପୂଜା ଆଡ଼ମ୍ବର ଓ ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳିତ ହୋଇଥାଏ ।

### ଘଟସ୍ଥାପନ ଓ ରାଜଗୁରୁଙ୍କ ବରଣ

ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀ (ମୂଳାଷ୍ଟମୀ) ଦିନଠାରୁ ଏହି ପୂଜା ଆରମ୍ଭ ହୋଇଥାଏ । ପରମ୍ପରା ମୁତାବକ, ପ୍ରଥମେ ରାଜଗୁରୁ ମନ୍ଦିରକୁ ଆସି ପ୍ରଦୀପ ପ୍ରଜ୍ୱଳନ କରନ୍ତି । ଏହାପରେ ବାଙ୍କୀ ରାଜାଙ୍କ ପ୍ରତିନିଧି ଭାବେ ତାଙ୍କଠାରୁ ଗୁଆ-ଚାଉଳ ବରଣ ଆଣିବା ପରେ ମନ୍ଦିରରେ ବିଧିବଦ୍ଧ ଭାବେ ଘଟସ୍ଥାପନ କରାଯାଏ ଏବଂ 'ସହସ୍ରାକୁମ୍ଭାଭିଷେକ' ସମ୍ପନ୍ନ ହୋଇ ଷୋଳ ଉପଚାର ପୂଜା ଆରମ୍ଭ ହୁଏ ।

### ନୀତିକାନ୍ତି ଓ ସ୍ୱତନ୍ତ୍ର ମାର୍ଜନା

ପ୍ରତ୍ୟୁଷରୁ ପାଳିଆ ଓ ମାଜଣା-ମେକାପ ସେବାୟତମାନେ ଦ୍ୱାର ଫିଟାଇ ଚନ୍ଦନ ଓ କର୍ପୂର ଜଳରେ ମୁଖ ପ୍ରକ୍ଷାଳନ, ଦନ୍ତଧାବନ ଓ ମଙ୍ଗଳ ଆଳତି କରନ୍ତି । ଏହାପରେ ମହାନଦୀରୁ ଅଣାଯାଇଥିବା ୧୦୮ କଳସ ଜଳରେ ମା'ଙ୍କର ମାର୍ଜନା ସମ୍ପନ୍ନ ହୁଏ । ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ପରେ ମା'ଙ୍କୁ ବଲ୍ଲଭ ଭୋଗ ଲାଗି କରାଯାଏ । ଦିନରେ ଚଣ୍ଡୀପାଠ ଓ ରାମାୟଣ ପଠନ ସହ କିଛି ସମୟ ସାହାଣମେଳା ହୋଇଥାଏ ।

> “ଷୋଳଦିନାତ୍ମକ ପୂଜା ଓ ରୀତିନୀତି ଉତ୍ତର -ଭାରତ ନବରାତ୍ର ପୂଜାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଉତ୍କଳୀୟ ଶାକ୍ତ ପରମ୍ପରା ଅନୁସାରେ ଏହି ପୀଠରେ ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ନିଷ୍ଠାର ସହ 'ଷୋଳଦିନାତ୍ମକ ପୂଜା' ପାଳିତ ହୋଇଥାଏ ।”
>
> - ସୁଧୀର କୁମାର ରଣା, ସେବାୟତ

### ଭୋଗ ଏବଂ ଭିନ୍ନତା

ପ୍ରଥମ ଭୋଗରେ ସାଧାରଣ ଦିନଗୁଡ଼ିକରେ ଖେଚୁଡ଼ି-ଡାଲ୍‌ମା ଭୋଗ ଲାଗୁଥିଲେ ହେଁ, ଷୋଳପୂଜାରେ ପ୍ରାୟ ୧୦:୩୦ ରୁ ୧୧:୦୦ ଟା ମଧ୍ୟରେ ଅଟା, ଗୁଡ଼, ନଡ଼ିଆ ପୁର ପ୍ରସ୍ତୁତ 'ମାଣ୍ଡୁଅ' ପିଠା, ଗଜାମୁଗ ଓ ଆଖୁ ଭୋଗ ଲାଗେ । ଦ୍ୱିପ୍ରହର ଧୂପରେ ଖେଚୁଡ଼ି, ଡାଲ୍‌ମା, ଖଟା, ଶାଗ, ଖିରି, ଘିଅଅନ୍ନ, ଟେଲାଅନ୍ନ ଏବଂ ତମ୍ବା ପାତ୍ରରେ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ 'ମାଛ ଭୋଗ' ଲାଗି କରାଯାଏ, ଯାହା ଶାକ୍ତ ପରମ୍ପରାର ଏକ ପ୍ରମୁଖ ଅଙ୍ଗ ।

# ମା' ଭଟ୍ଟାରିକା

■ ରାଜକିଶୋର ବେହେରା, ନବ କିଶୋର ପଣ୍ଡା





କଟକର ପ୍ରାଚୀନ ଶକ୍ତିପୀଠ ମଧ୍ୟରୁ ମା' ଭଟ୍ଟାରିକା ପୀଠ ଅନ୍ୟତମ । ମା' ଭଟ୍ଟାରିକା ହେଉଛନ୍ତି ମହାନଦୀ କୂଳର ଅଧିଷ୍ଠାତ୍ରୀ ଓ ସ୍ଥାନୀୟ ନାବିକ ଓ ମତ୍ସ୍ୟଜୀବୀ ସମ୍ପ୍ରଦାୟଙ୍କର ଆରାଧ୍ୟା ଦେବୀ । ପୁରାଣକାଳରୁ ଏକ ବିଶ୍ୱାସ ରହିଛି ଯେ, ମହାନଦୀରେ ଯାତ୍ରା କରିବା ପୂର୍ବରୁ ନାବିକମାନେ ମାଆଙ୍କ ଆୟୁଧ ଏବଂ ମୂର୍ତ୍ତି ଦର୍ଶନ କରି ନିଜର ନୌ-ଯାତ୍ରା ନିର୍ଘଣ୍ଟ କରନ୍ତି । ମା' ଙ୍କ ପୀଠରେ ଉଭା ଯାତ୍ରା ଏବଂ ଆୟୁଧ ଯାତ୍ରା ସମୟରେ ମହାନଦୀ ଗର୍ଭ ଓ ମନ୍ଦିର ପରିସର 'ଜୟ ମାଆ ଭଟ୍ଟାରିକା' ଧ୍ୱନିରେ ପ୍ରକମ୍ପିତ ହୋଇ ଉଠେ । ପୀଠ କେବଳ ଏକ ଧର୍ମପୀଠ ନୁହେଁ, ବରଂ ଓଡ଼ିଶାର ସନାତନ ସଂସ୍କୃତି ଓ ଲୋକକଳାର ଏକ ପ୍ରମୁଖ ସଂଗମ ସ୍ଥଳ ।

### 'ଭଟ୍ଟାରିକା' ନାମକରଣର ରହସ୍ୟ

'ଭଟ୍ଟାରିକା' ଶବ୍ଦର ଅର୍ଥ ହେଉଛି 'ଉଦ୍ଧାରକାରିଣୀ' ବା 'ଯିଏ ବିପଦରୁ ରକ୍ଷା କରନ୍ତି' । ବିଶ୍ୱାସ ରହିଛି ଯେ, ଯେଉଁ ଭକ୍ତ କଠିନ ପରିସ୍ଥିତିରେ ବା ଶତ୍ରୁର ଭୟରେ ମାଆଙ୍କ ଶରଣ ପଶେ, ମାଆ ଦିବ୍ୟ ଆୟୁଧ ଧାରଣ କରି ତାକୁ ସମସ୍ତ ବିପଦରୁ ରକ୍ଷା କରିଥାଆନ୍ତି ।

### ପୌରାଣିକ ପୃଷ୍ଠଭୂମି ଓ ପର୍ଶୁରାମଙ୍କ କାହାଣୀ

ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ, ମାଆ ଭଟ୍ଟାରିକାଙ୍କ ଏହି ପବିତ୍ର ପୀଠ ସହିତ ଭଗବାନ ବିଷ୍ଣୁଙ୍କ ଷଷ୍ଠ ଅବତାର ମହର୍ଷି ପର୍ଶୁରାମଙ୍କର ଗଭୀର ସମ୍ପୃକ୍ତି ରହିଛି । କୁହାଯାଏ ଯେ, ପିତାଙ୍କ ମୃତ୍ୟୁର ପ୍ରତିଶୋଧ ନେବା ପାଇଁ ପର୍ଶୁରାମ ସହସ୍ରାର୍ଜୁନଙ୍କ ସହ ଯୁଦ୍ଧରେ ପରାସ୍ତ ହେବାର ଆଶା କରି ଆଦ୍ୟାଶକ୍ତି ମା' ଦୁର୍ଗାଙ୍କୁ ଆରାଧନା କରିଥିଲେ । ମା'ଙ୍କ କୃପାରୁ ପର୍ଶୁରାମ ଦିବ୍ୟ ଅସ୍ତ୍ରଶସ୍ତ୍ର ବା ଆୟୁଧ ପ୍ରାପ୍ତ କରିଥିଲେ । ଯେଉଁ ଅସ୍ତ୍ର ବଳରେ ସେ ଅଧର୍ମକୁ ବିନାଶ କରିଥିଲେ । ତେବେ ସେହି ଦିବ୍ୟ ଆୟୁଧ ପୂଜାକୁ ସ୍ମରଣ କରି ଏଠାରେ ଆୟୁଧ ଯାତ୍ରା ପାଳନ କରାଯାଏ ।

### ଷୋଳଦିନିଆ ଯାତ୍ରା ଏବଂ ପୂଜାବିଧି

ଷୋଳଦିନିଆ ଯାତ୍ରାର ପ୍ରଥମ ଦିନରେ ବିଧିବଦ୍ଧ ଭାବରେ ଘଟ ସ୍ଥାପନ କରାଯାଇ ମା'ଙ୍କୁ ଆବାହନ କରାଯାଏ । ଏହି ସମୟରେ ବୈଦିକ ମନ୍ତ୍ରୋଚ୍ଚାରଣ ସହିତ ପୂଜାର୍ଚ୍ଚନା ଆରମ୍ଭ ହୁଏ । ସମ୍ପୂର୍ଣ୍ଣ ଷୋଳ ଦିନ ଧରି ଦୈନନ୍ଦିନ ନୀତିରେ ମା'ଙ୍କୁ ଷୋଡ଼ଷ ଉପଚାରରେ ପୂଜା କରାଯାଏ । ମନ୍ଦିର ପରିସରରେ ନିୟମିତ ଭାବରେ ଚଣ୍ଡୀପାଠ ଏବଂ ମାର୍କଣ୍ଡେୟ ପୁରାଣ ପାଠ କରାଯାଏ । ସେହିପରି ପ୍ରତିଦିନ ପ୍ରାତଃକାଳରେ ମା'ଙ୍କ ବିଗ୍ରହରେ ସ୍ନାନ ଓ ମାର୍ଜନା ନୀତି ସମ୍ପାଦିତ ହେବା ପରେ ନୂତନ ବସ୍ତ୍ର ଓ ଅଳଙ୍କାରରେ ମା'ଙ୍କୁ ସଜ୍ଜିତ କରାଯାଏ । ମା'ଙ୍କୁ ଦିନକୁ ବିଭିନ୍ନ ପର୍ଯ୍ୟାୟରେ ଯଥା- ବାଲଭୋଗ, ମଧ୍ୟାହ୍ନ ଧୂପ ଏବଂ ସନ୍ଧ୍ୟା ଆଳତି ସମୟରେ ପାରମ୍ପରିକ ପଦ୍ଧତିରେ ପ୍ରସ୍ତୁତ ଭୋଗ ଏବଂ ମିଷ୍ଟାନ୍ନ ଲାଗି କରାଯାଏ । ସନ୍ଧ୍ୟା ସମୟରେ ବିଶେଷ ଆଳତି ଅନୁଷ୍ଠିତ ହୁଏ । ଏହି ସମୟରେ ଘଣ୍ଟ, ଘଣ୍ଟା, କାହାଳୀ ଏବଂ ଶଙ୍ଖ ନାଦରେ ମନ୍ଦିର ପ୍ରକମ୍ପିତ ହୋଇ ଉଠେ । ଷୋଳ ଦିନର ଶେଷ ପର୍ଯ୍ୟାୟରେ ଯଜ୍ଞର ପୂର୍ଣ୍ଣାହୁତି ଏବଂ ବିଧି ଅନୁଯାୟୀ ଯାତ୍ରା ଉଦ୍‌ଯାପିତ ହୋଇଥାଏ ।

ମା'ଙ୍କ ପୀଠରେ ଆଶ୍ୱିନ ମାସରେ ଶାରଦୀୟ ଷୋଡ଼ଶ ଦିବସୀୟ ଦଶହରା ପର୍ବ ପାଳନ କରାଯାଏ । ଶାସ୍ତ୍ରୀୟ ମତରେ ଏହାକୁ ଶାରଦୀୟ ନବରାତ୍ରୀ ପୂଜା କୁହାଯାଇଥାଏ । ଆଶ୍ୱିନ ମାସର ଦ୍ୱିତୀୟ ଦିନରୁ ସଶାଙ୍ଗା ଗ୍ରାମରେ ଥିବା ମା'ଙ୍କ ଗନ୍ତାଘରରୁ ମା'ଙ୍କ ଆୟୁଧ ଶୋଭାଯାତ୍ରାରେ ନିଆଯାଏ । ରାଜା ଦାନ କରିଥିବା ସୁନାରୂପା ଅଳଙ୍କାରରେ ମା' ଙ୍କୁ ଶୃଙ୍ଗାର କରାଯାଇ ଦିନକୁ ୮ ଥର ପୂଜା କରାଯାଏ । ପ୍ରଥମେ ଏହି ଯାତ୍ରା ୩ ଦିନ ଧରି ଆୟୋଜିତ ହୋଇଥାଏ । ଏହି ଯାତ୍ରାକୁ ସୁନ୍ଦର କରିବା ପାଇଁ ଭଟ୍ଟାରିକା ମହୋତ୍ସବ ବର୍ତ୍ତମାନ ୨୫ବର୍ଷ ପାଳନ କରିବାକୁ ଯାଇଛି ।

### ଦଶହରା ଓ ଆୟୁଧ ଯାତ୍ରା

ଦଶହରା ଓ ଆୟୁଧ ଯାତ୍ରା ସମୟରେ ମା'ଙ୍କ ସ୍ୱତନ୍ତ୍ର ପାରମ୍ପରିକ ତୀର, ଧନୁ, ପାଶ, ଅଙ୍କୁଶ ଇତ୍ୟାଦିକୁ ଗର୍ଭଗୃହରୁ ବାହାର କରାଯାଇ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯାଏ । ଅନ୍ୟପକ୍ଷରେ ପୀଠର ବଡ଼ ବିଶେଷତ୍ୱ ହେଉଛି ଏଠାରେ ଦୁର୍ଗା ଓ ମାଧବଙ୍କର ମିଳିତ ପୂଜା କରାଯାଏ । ଆୟୁଧ ଯାତ୍ରା ସମୟରେ ଏକ ଅପୂର୍ବ ଶାନ୍ତି ଓ ଭକ୍ତିର ବାତାବରଣ ସୃଷ୍ଟି ହୁଏ ।

## ଶୁବମନ, ଶେଫାଳି ସେପ୍ଟେମ୍ବରର ଶ୍ରେଷ୍ଠ କ୍ରିକେଟର୍

ଦୁବାଇ, ୧୩।୧୦ (ଏଜେନ୍ସି): ଦୁଇ ଭାରତୀୟ ଖେଳାଳି ଶୁବମନ ଗିଲ୍ ଓ ଶେଫାଳି ବର୍ମା ସେପ୍ଟେମ୍ବର ମାସ ଲାଗି ଯଥାକ୍ରମେ ଆଇସିସିର ଶ୍ରେଷ୍ଠ ପୁରୁଷ ଓ ମହିଳା କ୍ରିକେଟର୍ ବିବେଚିତ ହୋଇଛନ୍ତି। ଗିଲ୍ ତାଙ୍କ କ୍ୟାରିୟରରେ ୫ମଥର ଲାଗି ଆଇସିସି'ର ଏହି ସମ୍ମାନଜନକ ପୁରସ୍କାର ହାସଲ କରିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷରେ ଶେଷ ହୋଇଥିବା ଦିନିକିଆ ସିରିଜରେ ଦମ୍‌ଦାର ପ୍ରଦର୍ଶନ ଲାଗି ଗିଲ୍‌କୁ ଏହି ପୁରସ୍କାର ମିଳିଛି। ପ୍ରଥମ ଦିନିକିଆରେ ଗିଲ୍ ଅପରାଜିତ ୧୧୦ ରନ କରିଥିଲେ। ଏହାପରେ ଦ୍ୱିତୀୟ ମ୍ୟାଚରେ ଅବିଶ୍ୱସନୀୟ ପ୍ରଦର୍ଶନ କରି ୨୨୩ ରନର ଅପରାଜିତ ଦ୍ୱି-ଶତକୀୟ ପାଳି ଖେଳିଥିଲେ। ସିରିଜରେ ସେ ମୋଟ୍ ୩୩୪ ରନ କରି ଶ୍ରେଷ୍ଠ ଖେଳାଳି ପୁରସ୍କାର ମଧ୍ୟ ପାଇଥିଲେ। ଏହି ପ୍ରଦର୍ଶନ ଆଧାରରେ ଗିଲ୍‌ଙ୍କୁ ସେପ୍ଟେମ୍ବରର ଶ୍ରେଷ୍ଠ ପୁରୁଷ କ୍ରିକେଟର୍ ବିବେଚିତ କରାଯାଇଛି। ସେହିଭଳି ଭାରତୀୟ ମହିଳା ଦଳକୁ ଏସିଆନ ଗେମ୍ସରେ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଶେଫାଳି। ଏସିଆନ ଗେମ୍ସର ୫ଟି ଇନିଂସରେ ସେ ୨୩୬ ରନ କରିଥିଲେ। ଯେଉଁଥିରେ ୟୁଏଇ ବିପକ୍ଷରେ ୧୮୮ ରନର ମାରାଥନ ଇନିଂସ ସାମିଲ ରହିଛି।

## ଯୁବରାଜ କ୍ୟାପିଟାଲ୍ସର ବ୍ୟାଟିଂ କୋଚ୍



ଡର୍ବାନ, ୧୩।୧୦ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୨୦୨୭ ସଂସ୍କରଣ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ଫ୍ରାଞ୍ଚାଇଜ ଏକ ବଡ଼ ନିଷ୍ପତ୍ତି ନେଇଛି। ପୂର୍ବତନ ମହାନ ଅଲ୍‌ରାଉଣ୍ଡର ଯୁବରାଜ ସିଂହଙ୍କୁ କ୍ୟାପିଟାଲ୍ସ ସହାୟକ ତଥା ବ୍ୟାଟିଂ କୋଚ୍ ଭାବରେ ନିଯୁକ୍ତ କରିଛି। ପ୍ରଶିକ୍ଷକ ଭାବରେ ଏହା ଯୁବରାଜଙ୍କ ଏହା ପ୍ରଥମ କାର୍ଯ୍ୟ ହେବ। ମୁଖ୍ୟ କୋଚ୍ ସୌରଭ ଗାଙ୍ଗୁଲିଙ୍କ ସହ ମିଶିକି ଯୁବରାଜ ଏବେ କ୍ୟାପିଟାଲ୍ସ ଦଳକୁ ପ୍ରଶିକ୍ଷଣ ଦେବେ। ଉଲ୍ଲେଖଯୋଗ୍ୟ ୪୪ ବର୍ଷୀୟ ଯୁବରାଜଙ୍କ ଏହା ଦିଲ୍ଲୀ ଫ୍ରାଞ୍ଚାଇଜକୁ ପ୍ରତ୍ୟାବର୍ତ୍ତନ ହୋଇଥିବା କୁହାଯାଉଛି। ଏଥିପୂର୍ବରୁ ୨୦୧୫ ଆଇପିଏଲ୍‌ରେ ଜଣେ ଖେଳାଳି ଭାବେ ସେ ଦିଲ୍ଲୀ ପାଇଁ ଖେଳିଥିଲେ। ସେତେବେଳେ ଦିଲ୍ଲୀ ଡେୟାରଡେଭିଲ୍ସ ନାମରେ ନାମିତ ଏହି ଫ୍ରାଞ୍ଚାଇଜ ଯୁବରାଜଙ୍କୁ ୧୬ କୋଟି ଟଙ୍କାରେ କ୍ରୟ କରିଥିଲା।

## ଡର୍ବାନରେ ଅଷ୍ଟ୍ରେଲିଆର ବାଜିମାତ୍

ଡର୍ବାନ, ୧୩।୧୦ (ଏଜେନ୍ସି): ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ୨୧୪ ରନର ବୃହତ୍ ବ୍ୟବଧାନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ୪୨୧ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଦକ୍ଷିଣ ଆଫ୍ରିକା ମଙ୍ଗଳବାର ଅନ୍ତିମ ତଥା ୫ମ ଦିବସରେ ୨୦୬ ରନ କରି ଦ୍ୱିତୀୟ ପାଳିରେ ଅଲଆଉଟ୍ ହୋଇଯାଇଥିଲା। ଆଇଡେନ ମାର୍କରମ ୭୫ ରନ କରି କିଛି ସମୟ ପାଇଁ ଲଢ଼େଇ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଦ୍ରୁତ ବୋଲର ଜୋଶ ହାଜଲେଉଡ୍ ୪୯ ରନ ବ୍ୟୟରେ ସର୍ବାଧିକ ୬ଟି ୱିକେଟ ମିଳିଥିଲା। ଟେଷ୍ଟରେ ମଧ୍ୟ ଏହା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ହୋଇଛି। ପୂର୍ବରୁ ମ୍ୟାଚର ପ୍ରଥମ ପାଳିରେ ଅଷ୍ଟ୍ରେଲିଆର ୩୯୦ ରନ ଜବାବରେ ଦକ୍ଷିଣ ଆଫ୍ରିକା ୨୮୪ ରନ କରିଥିଲା। ୧୦୬ରେ ଆଗୁଆ ଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳିରେ ୬ ୱିକେଟରେ ୩୧୪ ରନ କରି ପାଳି ଘୋଷଣା କରିଥିଲା। ତିନି ମ୍ୟାଚବିଶିଷ୍ଟ ସିରିଜର ଦ୍ୱିତୀୟ ମୁକାବିଲା ଅକ୍ଟୋବର ୧୮ ରୁ ଆରମ୍ଭ ହେବ।

### ହାଇଦରାବାଦ୍‌ରେ ଆଜି ଚତୁର୍ଥ ଟି-୨୦

# ସିରିଜ୍ କବ୍‌ଜା ଲକ୍ଷ୍ୟରେ ଭାରତ

ହାଇଦରାବାଦ୍, ୧୩।୧୦ (ଏଜେନ୍ସି)



ଭାରତ ଓ ୱେଷ୍ଟଇଣ୍ଡିଜ୍ ଚାଲିଥିବା ସୀମିତ ଓଭର (ଦିନିକିଆ ଓ ଟି-୨୦) କ୍ରିକେଟ ସିରିଜ୍‌ରେ ବ୍ୟାଟର ବେଶ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ଏହି ସିରିଜ୍‌ରେ ଏଯାଏ ଖେଳାଯାଇଥିବା ୬ଟି ମୁକାବିଲାରୁ କେବଳ ଗୋଟିଏ ମ୍ୟାଚ୍‌ରେ ଟିମ୍ ସ୍କୋର ଡିଫେଣ୍ଡ କରିପାରିଛି। ତାହା ହେଉଛି ଇନ୍ଦୋରରେ ଖେଳାଯାଇଥିବା ତୃତୀୟ ଟି-୨୦ ମୁକାବିଲାରେ। ଏଠାରେ ମ୍ୟାଚ୍ ଜିତି ଭାରତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ୨-୧ରେ ଆଗୁଆ ରହିଛି। ଆସନ୍ତାକାଲି ହାଇଦରାବାଦର ଉପ୍ପଲ ଷ୍ଟାଡିୟମ୍‌ରେ ଚତୁର୍ଥ ଟି-୨୦ ମୁକାବିଲା ହେବାକୁ ଯାଉଛି। ଏହି ମୁକାବିଲା ଜିତି ଭାରତ ଆଗୁଆ ସିରିଜ୍ ଜିତିବା ଲକ୍ଷ୍ୟରେ ରହିଛି। ଭାରତରେ ଖେଳାଯାଉଥିବା ପିଚ୍ ମଧ୍ୟରୁ ବ୍ୟାଟରଙ୍କୁ ସହାୟତା ଦେଉଥିବା ପିଚ୍ ମଧ୍ୟରେ ହାଇଦରାବାଦ ଅନ୍ୟତମ। ଭାରତରେ ୮ଟି ସର୍ବାଧିକ ଟି-୨୦ ସ୍କୋର ମଧ୍ୟରୁ ଏଠାରେ ଅଧା ବା ୪ଟି ସ୍କୋର ଏହି ତାଲିକାରେ ରହିଛି। କିନ୍ତୁ ଏହି ପିଚ୍ ଯେ ବ୍ୟାଟରଙ୍କୁ ସୁହାଇବ ତାହା ମଧ୍ୟ କହିହେଉନାହିଁ। ଏହାର କାରଣ ହେଲା ନିକଟରେ ନୂଆ ପିଚ୍ ତିଆରି ହୋଇଛି। ଏହି ପିଚ୍ କିପରି ବ୍ୟବହାର କରିବା ତାହା କେହି ଜାଣିନାହାନ୍ତି। ଏଠାରେ ବିସ୍ଫୋରକ ବ୍ୟାଟିଂ ଲାଗି ଖ୍ୟାତି ଲାଭ କରିଥିବା ସନ୍‌ରାଇଜର୍ସ ହାଇଦରାବାଦର ଅଭିଷେକ ଶର୍ମା, ଇଶାନ କିଶାନ ଓ ନୀତୀଶ କୁମାର ରେଡ୍ଡୀଙ୍କ ସହ ସ୍ଥାନୀୟ ଖେଳାଳି ତଥା ଉପଅଧିନାୟକ ତିଲକ ବର୍ମାଙ୍କର ପିଚ୍ ଓ ଭେନ୍ୟୁ ଉପରେ ବେଶ ଅଭିଜ୍ଞତା ରହିଛି। ଏଣୁ ଏମାନଙ୍କ ଉପରେ ଭାରତର ଭାଗ୍ୟ ନିର୍ଭର କରୁଛି।

ଚଳିତ ସିରିଜ୍‌ରେ ୬ଟି ସୀମିତ ଓଭର ମ୍ୟାଚ୍ ଖେଳାଯାଇଥିଲାବେଳେ ରନ୍ ଚେଜ୍ କରିଥିବା ଦଳ ୫ଥର ବିଜୟୀ ହୋଇଛନ୍ତି। କିନ୍ତୁ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ରେକର୍ଡ ଅଲଗା। ଏଠାରେ ଗତ ସିଜନରେ ଖେଳାଯାଇଥିବା ୮ଟି ମ୍ୟାଚ୍ ମଧ୍ୟରୁ ପ୍ରଥମେ ବ୍ୟାଟିଂ କରିଥିବା ଦଳ ୭ଟିରେ ବିଜୟ ହାସଲ କରିଛନ୍ତି। ଏହି ସିରିଜ୍‌ରେ ବୋଲରଙ୍କୁ ନିର୍ମମ ପ୍ରହାରର ଶିକାର ହେବାକୁ ପଡୁଥିବାରୁ ଏଠାରେ ଯେଉଁ ଦଳ ଟସ୍ ଜିତିବ ସେହି ଦଳ ନିଶ୍ଚିତଭାବେ ରନ୍ ଚେଜ୍ କରିବାକୁ ପସନ୍ଦ କରିବ।

ଇନ୍ଦୋରର ହୋଲକାର ଷ୍ଟାଡିୟମ୍ ପିଚ୍‌ରେ କୌଣସି ବିଶ୍ୱରେକର୍ଡ ନ ହେବା ନିଶ୍ଚିତ ପକ୍ଷେ ଏକ ଉଲ୍ଲେଖନୀୟ କଥା। ଏହି ମ୍ୟାଚ୍‌ରେ ବଲ ଲୋ ରହିବା ଓ ସ୍ଲୋ ହେବା ଫଳରେ ୱେଷ୍ଟଇଣ୍ଡିଜ୍ ଟାର୍ଗେଟ ହାସଲ କରିପାରି ନଥିଲା। ଟାର୍ଗେଟ ହାସଲ କରି ନ ପାରିବାର ଆଉ ଏକ କାରଣ ହେଲା ଅଧିନାୟକ ଶେ ହୋପ୍‌ଙ୍କ ଶୀଘ୍ର ଆଉଟ ହେବା। ଏଠାରେ ମଧ୍ୟ ଭାରତ ମ୍ୟାଚ୍ ଜିତିବାକୁ ହେଲେ ହୋପ୍‌ଙ୍କୁ ଅଟକାଇବାକୁ ହେବ। ଇନ୍ଦୋରରେ ଖେଳିଥିବା ମ୍ୟାଚ୍‌ରେ ଉଭୟ ଦଳ କୌଣସି ଖେଳାଳି ପରିବର୍ତ୍ତନ କରି ନ ପାରନ୍ତି। ସେଠାରେ ପ୍ରଭାବୀ ସ୍ପିନର କୁଲଦୀପ ଯାଦବଙ୍କୁ ବସାଇ ଜଣେ ପେସର ପ୍ରିନ୍ସ ଯାଦବଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରିଥିଲା। ଏଥିରେ ଦଳକୁ ସଫଳତା ମିଳିଥିଲା। ଏଣୁ ଦଳରେ ପରିବର୍ତ୍ତନ ହେବାର ଆଶା କମ୍। ୱେଷ୍ଟଇଣ୍ଡିଜ୍ ଦଳର ଅଲରାଉଣ୍ଡର ରୋମାରିଓ ସେଫର୍ଡ ଦ୍ୱିତୀୟ ମ୍ୟାଚ୍‌ରେ ଆହତ ହୋଇ ବୋଲିଂ କରି ନ ଥିଲେ ମଧ୍ୟ ବ୍ୟାଟିଂ କରିଥିଲେ। କିନ୍ତୁ ଇନ୍ଦୋରରେ ତାଙ୍କୁ ଖେଳିବାକୁ ସୁଯୋଗ ମିଳି ନ ଥିଲା। ଫିଟ୍ ଥିଲେ ତାଙ୍କୁ ଏହି ମ୍ୟାଚ୍ ଖେଳାଇବା ନିଶ୍ଚିତ ବୋଲି ଦଳ ପକ୍ଷରୁ କୁହାଯାଇଛି।

**ଖେଳ ସମୟ- ରାତି ୭ଟା**
**ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ- ଜିଓ ହଟ୍‌ଷ୍ଟାର।**

### ଏସିଆନ ଚାମ୍ପିଅନ୍ସ ଟ୍ରଫି ହକି

## ଓଡ଼ିଶାରୁ ଅମିତ୍, ଶିଳାନନ୍ଦ ଓ ଅମନଦୀପଙ୍କୁ ସୁଯୋଗ


ଅମିତ୍ ରୋହିଦାସ


ଶିଳାନନ୍ଦ ଲାକ୍ରା


ଅମନଦୀପ୍ ଲାକ୍ରା

ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଆଗାମୀ ଏସିଆନ ଚାମ୍ପିଅନ୍ସ ଟ୍ରଫି ଲାଗି ମଙ୍ଗଳବାର ଭାରତୀୟ ହକି ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ଡିଫେଣ୍ଡର ହରମନପ୍ରୀତ୍ ସିଂହ ଘୋଷିତ ୧୮ ଜଣିଆ ଦଳର ଅଧିନାୟକ ପଦ ବଜାୟ ରଖିଛନ୍ତି। ଘୋଷିତ ଦଳରେ ଓଡ଼ିଶାର ୩ଜଣ ଖେଳାଳିଙ୍କୁ ସୁଯୋଗ ମିଳିଛି। ସେମାନେ ହେଲେ ଅଭିଜ୍ଞ ଡିଫେଣ୍ଡର ଅମିତ୍ ରୋହିଦାସ, ଅମନଦୀପ୍ ଲାକ୍ରା ଓ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ଅମିତ୍ ଓ ଶିଳାନନ୍ଦ ନିକଟରେ ଜାପାନରେ ଶେଷ ହୋଇଥିବା ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ବିଜୟୀ ଦଳର ସଦସ୍ୟ ରହିଥିଲେ। ଅପରପକ୍ଷରେ ଏହି ଚାମ୍ପିଅନ ଦଳରୁ ସୁମିତ, ବିବେକ ସାଗର ଓ ଯଶଦୀପ୍ ସିୱାଚଙ୍କୁ ବାଦ୍ ଦିଆଯାଇଛି। ସେହିଭଳି ପାଖାପାଖି ୧୦ ମାସ ହେବ ଦଳରୁ ଦୂରେଇ ରହିଥିବା ଅଭିଜ୍ଞ ଗୋଲକିପର କ୍ରିଷନ ବାହାଦୁର ପାଠକ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତାଙ୍କ ସହ ଦ୍ୱିତୀୟ ଗୋଲକିପର ଭାବରେ ସୁରଜ କେରକେରା ଦଳରେ ସ୍ଥାନ ପାଇଛନ୍ତି। ଉଲ୍ଲେଖଯୋଗ୍ୟ, ଅକ୍ଟୋବର ୨୭ରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ପଞ୍ଜାବର ଜଳନ୍ଧର ଓ ମୋହାଲିରେ ଏସିଆନ ଚାମ୍ପିଅନ୍ସ ଟ୍ରଫି ହକି ଖେଳାଯିବ। ଡିଫେଣ୍ଡିଂ ଚାମ୍ପିଅନ ଭାରତୀୟ ଦଳ ପ୍ରଥମ ଦିବସରେ ବାଂଲାଦେଶ ସହ ଖେଳି ଅଭିଯାନ ଆରମ୍ଭ କରିବ।

### ଜାତୀୟ ସିନିଅର ପୁରୁଷ ହକି

## ଓଡ଼ିଶାର ହ୍ୟାଟ୍ରିକ ବିଜୟ

ଭୁବନେଶ୍ୱର, ୧୩।୧୦ (ସମିସ): ଉତ୍ତର ପ୍ରଦେଶର ଝାନ୍‌ସୀରେ ଚାଲିଥିବା ଜାତୀୟ ସିନିଅର ପୁରୁଷ ହକିରେ ଓଡ଼ିଶା ଦଳ ହ୍ୟାଟ୍ରିକ ବିଜୟ ଲାଭ କରିଛି। ମଙ୍ଗଳବାର ଅନୁଷ୍ଠିତ ପୁଲ୍-ଏ'ର ଏକ ମ୍ୟାଚରେ ଓଡ଼ିଶା ୧୦-୧ ଗୋଲ୍‌ରେ ଏକପାଖିଆ ଭାବରେ ଆସାମକୁ ହରାଇଦେଇଛି। ବିଜୟୀ ଓଡ଼ିଶା ପକ୍ଷରୁ ଅନମୋଲ୍ ଏକ୍କା ହ୍ୟାଟ୍ରିକ ଗୋଲ୍‌ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିତିକ ଲାକ୍ରା, ଦୀପକ ମିଞ୍ଜ ୨ଟି ଲେଖାଏ ଏବଂ ପ୍ରସାଦ କୁଜୁର, ଅଜୟ କୁମାର ଏକ୍କା ଓ ସୁଦୀପ ଚିରମାକୋଙ୍କ ଷ୍ଟିକ୍ସରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ଦୀପସାନ ତିର୍କୀଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ଏଥିପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚରେ ଯଥାକ୍ରମେ ୧୮-୧ ଗୋଲରେ ଉତ୍ତରାଖଣ୍ଡକୁ ଏବଂ ୯-୦ ଗୋଲରେ କେରଳକୁ ପରାସ୍ତ କରିଥିଲା। ଫଳରେ ହ୍ୟାଟ୍ରିକ ବିଜୟ ସହ ଓଡ଼ିଶା ଏବେ ୯ ପଏଣ୍ଟ ପାଇ ଟେବୁଲ ଶୀର୍ଷରେ ରହିଛି।

### ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ ଫୁଟବଲ ଉଦ୍‌ଯାପିତ

## ଓଡିଏମ୍ ଗ୍ଲୋବାଲ୍ ସ୍କୁଲ ଚାମ୍ପିଅନ




ଭୁବନେଶ୍ୱର, ୧୩।୧୦ (ସମିସ): ଓଡିଏମ୍ ଗ୍ଲୋବାଲ ସ୍କୁଲ ଚତୁର୍ଥ ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ ବା ୟୁନିଲାଇଟ୍ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଓଡିଏମ୍ ଗ୍ଲୋବାଲ ସ୍କୁଲ୍ ୪-୧ ଗୋଲରେ କିସ (କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ)କୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଛି। ଭୁବନେଶ୍ୱର ଭେଟେରାନ ଫୁଟବଲ ଆସୋସିଏସନ ଆନୁକୂଲ୍ୟରେ ଏବଂ ରାଜ୍ୟ କ୍ରୀଡ଼ା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଏକାମ୍ର ବିଧାୟକ ବାବୁ ସିଂ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସମାଜସେବୀ ଜଗନ୍ନାଥ ପ୍ରଧାନ, ପୂରାତନ ଖେଳାଳି ମକ୍‌ବୁଲ ଅଲି, ଅନ୍ତର୍ଜାତୀୟ ଖେଳାଳି ଶ୍ରାବଣୀ ନନ୍ଦ ଓ ୟୁନିଲାଇଟ୍‌ର ଭାଇସ୍ ପ୍ରେସିଡେଣ୍ଟ ଦେବବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆସୋସିଏସନର ସଭାପତି ନବରଞ୍ଜନ ପଟ୍ଟନାୟକଙ୍କ ପୌରୋହିତ୍ୟରେ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା।

## ଆଇଏସ୍‌ଏଲ୍‌ରେ ଆଜି ଅଭିଯାନ ଆରମ୍ଭ କରିବ ଓଏଫ୍‌ସି

ଭୁବନେଶ୍ୱର, ୧୩।୧୦ (ସମିସ): ଇଣ୍ଡିଆନ ସୁପର୍ ଲିଗ୍‌ର ୧୩ତମ ସିଜନରେ ଓଡ଼ିଶା ଫୁଟବଲ୍ କ୍ଲବ (ଓଏଫ୍‌ସି) ବୁଧବାର ପଞ୍ଜାବ ଏଫ୍‌ସି ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମରେ ରାତି ୭ଟା ୩୦ରେ ଏହି ମ୍ୟାଚ୍ ଖେଳାଯିବ। ପଞ୍ଜାବ ଏଫ୍‌ସିର ମଧ୍ୟ ଏହା ପ୍ରଥମ ମ୍ୟାଚ୍ ହେବ। ଗତ ସିଜନରେ ପଞ୍ଜାବ ପ୍ରଭାବୀ ପ୍ରଦର୍ଶନ କରି ୧୩ଟି ମ୍ୟାଚରୁ ୨୨ ପଏଣ୍ଟ ପାଇ ଟେବୁଲ ତାଲିକାର ୬ଷ୍ଠ ସ୍ଥାନରେ ରହିଥିଲା। ତେଣୁ ଏହି ପ୍ରଦର୍ଶନଠୁ ଆହୁରି ଉନ୍ନତ କରିବା ଲକ୍ଷ୍ୟରେ ରହିଛି ପଞ୍ଜାବ। ଅପରପକ୍ଷରେ ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ଗତ ସିଜନରେ ୧୩ଟି ମ୍ୟାଚରୁ ମାତ୍ର ୧୧ ପଏଣ୍ଟ ପାଇଥିଲା। ଟେବୁଲ ତାଲିକାରେ ଦଳ ୧୧ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ତେବେ ଚଳିତ ଆଇଏସଏଲ ପୂର୍ବରୁ ଓଡ଼ିଶା ଏଫ୍‌ସି ଦଳ କୌଣସି ପ୍ରି-ସିଜନ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିନାହିଁ। 'ଅଭ୍ୟାସ ମ୍ୟାଚ୍ ଖେଳି ନ ଥିବାରୁ ଏହା ନିଶ୍ଚିତ ଭାବରେ ଆମକୁ ପ୍ରଭାବିତ କରିବ। ତେବେ ପ୍ରଫେଶନାଲ ଖେଳାଳି ଭାବରେ ଆମେ ଏହି ପରିସ୍ଥିତିକୁ ଖାପଖୁଆଇ ନେବୁ' ବୋଲି ଓଏଫ୍‌ସିର ମୁଖ୍ୟ କୋଚ୍ ଟିଜି ପୁରୁଷୋତ୍ତମ କହିଛନ୍ତି।

**ଓଡ଼ିଶା ଏଫ୍‌ସି-ପଞ୍ଜାବ ଏଫ୍‌ସି**
**ଆରମ୍ଭ: ରାତି ୭ଟା ୩୦, ସ୍ଥାନ: ନୂଆଦିଲ୍ଲୀ, ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ**

### ଭୁବନେଶ୍ୱର କପ୍ ରାଜ୍ୟସ୍ତରୀୟ କ୍ୟାରମ୍

## ଆକାଶ, ଗୌତମ-କାଳୀନାରାୟଣ ଚାମ୍ପିଅନ




ଭୁବନେଶ୍ୱର, ୧୩।୧୦ (ସମିସ): ଖୋର୍ଦ୍ଧାର ଭି ଆକାଶ ଓ କେଭିମାୟାର ଓଡ଼ିଶା ସଚିବାଳୟ ରିକ୍ରିଏସନ କ୍ଲବ୍ ପକ୍ଷରୁ ଆୟୋଜିତ ଭୁବନେଶ୍ୱର କପ୍ ରାଜ୍ୟସ୍ତରୀୟ କ୍ୟାରମ ପ୍ରତିଯୋଗିତାର ପୁରୁଷ ଏକକରେ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଛନ୍ତି। ସେହିପରି ପୁରୁଷ ଯୁଗଳରେ ପୁରୀର ଗୌତମ ପ୍ରସାଦ ଭୋଳ ଓ କଳୀନାରାୟଣ ପଟ୍ଟନାୟକ ଚାମ୍ପିଅନ ଓ ଖୋର୍ଦ୍ଧାର ତ୍ରିନାଥ ବେହେରା ଓ ତପନ କୁମାର ସେନାପତି ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ପ୍ରତିଯୋଗିତା ଶେଷରେ ରାଜ୍ୟ ସରକାରଙ୍କ ପୂର୍ବତନ ଅତିରିକ୍ତ ଶାସନ ସଚିବ ଚିତ୍ତରଞ୍ଜନ ହୋତା ମୁଖ୍ୟ ଅତିଥି, ନୃସିଂହଚରଣ ପୃଷ୍ଟି ଓ ରଣଜିତ ମୁଦୁଲି ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟ ରେଫରୀ ବିଭୂତିଭୂଷଣ ସେନାପତି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ରିକ୍ରିଏସନ କ୍ଲବ୍‌ର କାର୍ଯ୍ୟକାରୀ ସଦସ୍ୟ ଡଃ ପ୍ରିୟରଞ୍ଜନ ଷଡଙ୍ଗୀ, ରୋହିତରଞ୍ଜନ ନାୟକ, ବାମନଚରଣ ପ୍ରତିହାରୀ ଓ ରାକେଶ କୁମାର ପଣ୍ଡାଙ୍କ ସହଯୋଗରେ ଏହି ପ୍ରତିଯୋଗିତା ସଫଳତାର ସହ ଅନୁଷ୍ଠିତ ହୋଇଥିଲା।

## ସିକେ ନାଇଡୁ ଟ୍ରଫି: ଓଡ଼ିଶା ବିପକ୍ଷରେ ବିହାର ଇନିଂସ ଅଗ୍ରଣୀ

ବଲାଙ୍ଗିର, ୧୩।୧୦ (ସମିସ): ବାସୁଦେବ ପ୍ରସାଦ ସିଂ ଓ ସୁମନ କୁମାର ସିଂଙ୍କ ସୁନ୍ଦର ବୋଲିଂ ବଳରେ ସ୍ଥାନୀୟ ଗାନ୍ଧି ଷ୍ଟାଡିୟମ୍‌ରେ ଚାଲିଥିବା ଓଡ଼ିଶା ବିପକ୍ଷ ୨୩ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫି ମୁକାବିଲାରେ ବିହାର ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଏହି ମ୍ୟାଚ୍‌ର ପ୍ରଥମ ଦିନରେ ବିହାର ୨୦୭ ରନ୍ କରିଥିଲା। ଜବାବରେ ୧ ୱିକେଟରେ ୬୬ ରନ୍ କରିଥିବା ଓଡ଼ିଶା ପ୍ରତିଦ୍ୱନ୍ଦ୍ୱୀ ଦଳ ବୋଲିଂର ଉଚିତ ମୁକାବିଲା କରି ନ ପାରି ୩୮.୩ ଓଭରରେ ୧୫୯ ରନ୍ କରିଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ପାନକଳ ଶଶାଙ୍କ ୩୮ ଓ ଆୟୁଷ ସୂତାର ୩୫ ରନ୍ କରିଥିଲେ। ବିହାର ପକ୍ଷରୁ ବାସୁଦେବ ୫୩ ରନ୍‌ରେ ୬ଟି ଓ ସୁମନ ୩୨ ରନ୍‌ରେ ୩ଟି ୱିକେଟ ଅକ୍ତିଆର କରି ଓଡ଼ିଶାର କ୍ଷତି ଘଟାଇଥିଲେ। ଦ୍ୱିତୀୟ ଦିନ ଖେଳ ଶେଷରେ ବିହାର ୨ ୱିକେଟରେ ୧୫୫ ରନ୍ ସଂଗ୍ରହ କରି ନିଜର ସ୍ଥିତି ମଜଭୁତ କରିବାରେ ସଫଳ ହୋଇଛି। ଶିବମ ୮୪ ଓ ପ୍ରଶାନ୍ତ ଧୀରଜ ୬୨ ରନ୍ କରିଛନ୍ତି।

### ବାଦଲଙ୍କୁ ୫ ୱିକେଟ; ନିନାଦଙ୍କ ଅର୍ଦ୍ଧଶତକ

## ଗୁଜରାଟର ଦମ୍‌ଦାର ପ୍ରଦର୍ଶନ: ବିପଦରେ ଓଡ଼ିଶା

ଭୁବନେଶ୍ୱର, ୧୩।୧୦ (ସମିସ)

ଗୁଜରାଟ ଦଳର ଅଲରାଉଣ୍ଡ ସଫଳତା ବଳରେ ଅହମ୍‌ଦାବାଦ୍‌ରେ ଚାଲିଥିବା ଏଲିଟ-ସି' ରଣଜୀ ମୁକାବିଲାରେ ଓଡ଼ିଶା ବିପଦରେ ପଡ଼ିଛି। ଏହି ମ୍ୟାଚ୍‌ର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଓଡ଼ିଶା ହାତରେ ୬ଟି (ଆହତ ଓପନର ସ୍ୱସ୍ତିକ ସାମଲଙ୍କୁ ମିଶାଇ) ୱିକେଟ ବାକିଥାଇ ମାତ୍ର ୪ ରନ୍‌ରେ ଆଗୁଆ ରହିଛି। ଆସନ୍ତାକାଲି ଶେଷ ଦିନରେ ମ୍ୟାଚ୍‌ର ଫଳାଫଳ ବାହାରିବା ନେଇ ଆଶା କରାଯାଉଛି। ଓଡ଼ିଶାର ବ୍ୟାଟରଙ୍କ ଉପରେ ଦଳ ଗୋଟିଏ ପଏଣ୍ଟ ପାଇବ କି ନାହିଁ ତାହା ନିର୍ଭର କରୁଛି। କିନ୍ତୁ ଆଜି ଗୁଜରାଟ ଖେଳାଳି ଯେପରି ପ୍ରଦର୍ଶନ କରିଛନ୍ତି, ସେଥିରେ ଏହି ମ୍ୟାଚ୍‌କୁ କୌଣସି ପରିସ୍ଥିତିରେ ହାତଛଡ଼ା କରିବ ନାହିଁ ବୋଲି ସ୍ପଷ୍ଟ କରିଛି। ଏହାର ଅର୍ଥ ଏହି ମ୍ୟାଚ୍‌ରୁ ଗୁଜରାଟ ପୂରାପଏଣ୍ଟ ହାତେଇବା ଚକ୍କରରେ ରହିଛି। ଓଡ଼ିଶା ଯଦି ମ୍ୟାଚ୍ ଡ୍ର ରଖିବାକୁ ସଫଳ ହୁଏ ତେବେ ପ୍ରଥମ ଇନିଂସ ପଛୁଆ ଭିତ୍ତିରେ ମାତ୍ର ଗୋଟିଏ ପଏଣ୍ଟ ସଂଗ୍ରହ କରିପାରିବ।

ଏହି ମ୍ୟାଚ୍‌ରେ ଓଡ଼ିଶାର ପ୍ରଥମ ଇନିଂସ ସ୍କୋର ୩୨୪ ରନ୍ ଜବାବରେ ଗୁଜରାଟ ୪୩୯ ରନ୍ କରିଥିଲା। ଦଳ ପକ୍ଷରୁ ଡେବ୍ୟୁଟାଣ୍ଟ ନଂ-୩ ବେଦାନ୍ତ ତ୍ରିବେଦୀ ପ୍ରଥମ ମ୍ୟାଚ୍‌ରେ ଶତକ ହାସଲ କରିବା ସହ ୧୦୮ ରନ୍ କରିଥିଲେ। ଓପନର ଆର୍ଯ୍ୟା ଦେଶାଇ ୯୪, ବିସ୍ଫୋରକ ବ୍ୟାଟର ଉର୍ଭିଲ ପଟେଲ ୬୭ବଲ୍‌ରେ ୪ଚୌକା ଓ ୭ଛକା ସହ ୮୫, ନଂ-୯ରେ ବ୍ୟାଟିଂ କରିଥିବା ଫାଷ୍ଟ ବୋଲର ହର୍ଷଲ ପଟେଲ ୬୦ ଏବଂ ନଂ-୧୦ ଆର୍ଜନ ନାଗସୱାଲା ୨୮ ରନ୍ କରି ଓଡ଼ିଶା ବିପକ୍ଷରେ ଘରୋଇ ଦଳକୁ ୧୧୫ ରନ୍‌ରେ ପ୍ରଥମ ଇନିଂସ ଅଗ୍ରଣୀ କରାଇବାରେ ସଫଳ ହୋଇଥିଲେ। ଓଡ଼ିଶା ପକ୍ଷରୁ ଯୁବ ବାମହାତୀ ସ୍ପିନର ବାଦଲ ବିଶ୍ୱାଳ ୧୧୮ ରନ୍‌ରେ ୫ଟି ୱିକେଟ ନେଇ ସଫଳ ବୋଲର ସାବ୍ୟସ୍ତ ହୋଇଥିଲେ। ଓଡ଼ିଶା ଏହି ମ୍ୟାଚ୍‌ରେ ଅନ୍ୟତମ ବାମହାତୀ ସ୍ପିନର ସୟଦ ତୁଫେଲ ଅହମ୍ମଦ୍‌ଙ୍କୁ ନ ଖେଳାଇ ଯେଉଁ ତ୍ରୁଟି କରିଛି ତାହା ଫଳାଫଳରୁ ଆସନ୍ତାକାଲି ସ୍ପଷ୍ଟ ହେବ। ଓଡ଼ିଶା ପକ୍ଷରୁ ଦୁଇ ଫାଷ୍ଟ ବୋଲର ରାଜେଶ ମହାନ୍ତି ଓ ଆମଦାନି ବୋଲର ଲଳିତ ଯାଦବ ୨ଟି ଲେଖାଏଁ ୱିକେଟ ପାଇଥିଲେ। ୧୧୫ ରନ୍‌ରେ ପ୍ରଥମ ଇନିଂସ ପଛରେ ଥାଇ ଦ୍ୱିତୀୟ ଇନିଂସ ଖେଳିଥିବା ଓଡ଼ିଶା ପ୍ରତିପକ୍ଷ ଭେଟେରାନ ଫାଷ୍ଟ ବୋଲର ଆର୍ଜନ ନାଗସୱାଲାଙ୍କୁ ମୁକାବିଲା କରି ନ ପାରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ନାଗସୱାଲା ତାଙ୍କ ସ୍ପେଲ୍‌ରେ ଆହତ ସ୍ୱସ୍ତିକଙ୍କ ସ୍ଥାନରେ ଇନିଂସ ଓପନ କରିଥିବା ଓମଟି ମୁଣ୍ଡେ, ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ଖାତା ଖୋଲିବାକୁ ନ ଦେଇ ପାଭିଲିୟନ ଫେରାଇଦେଇଥିଲେ। ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଗୌରବ ଚୌଧୁରୀ (୧୮)ଙ୍କୁ ସେ ତାଙ୍କ ତୃତୀୟ ଶିକାର ବନାଇଥିଲେ। ଓଡ଼ିଶା ୨୪ ରନ୍‌ରେ ୩ଟି ୱିକେଟ ହରାଇବା ପରେ ସନ୍ଦୀପ ପଟ୍ଟନାୟକ ଓ ଆମଦାନୀ ହୋଇ ଖେଳୁଥିବା ନିନାଦ ରାଠୱା ଲଢୁଆ ବ୍ୟାଟିଂ କରି ସ୍ଥିତି ସମ୍ଭାଳିଥିଲେ। ଖେଳ ଶେଷ ହେବାକୁ ଆଉ ୪ ଓଭର ବାକିଥିଲାବେଳେ ରାଠୱାଙ୍କୁ ବୋଲ୍ଡ କରି ହର୍ଷଲ ପଟେଲ ଏହି ଯୋଡି ଭାଙ୍ଗିଦେଇଥିଲେ। ରାଠୱା ୫୭ବଲରୁ ୫୩ ରନ୍ କରିବା ସହ ଓଡ଼ିଶା ଲାଗି ପ୍ରଥମ ଅର୍ଦ୍ଧଶତକ ହାସଲ କରିଛନ୍ତି। ଚତୁର୍ଥ ୱିକେଟରେ ସନ୍ଦୀପଙ୍କ ସହ ସେ ୮୯ ରନ୍ ଉଠାଇ ଓଡ଼ିଶାକୁ ଇନିଂସ ପରାଜୟରୁ ଏଡାଇଯାଇଛନ୍ତି। ସନ୍ଦୀପ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ୮୨ବଲ୍‌ରୁ ୬ଚୌକା ଓ ୧ଛକା ସହ ୪୧ ଓ ସମ୍ବିତ ବେଜା ୧ ରନ୍‌ରେ ବ୍ୟାଟିଂ କରୁଥିଲେ। ଓଡ଼ିଶା ଦ୍ୱିତୀୟ ଇନିଂସରେ ୪ ୱିକେଟ ହରାଇ ୧୧୯ ରନ୍ କରିଛି।


ବାଦଲ ବିଶ୍ୱାଳ


ନିନାଦ ରାଠୱା




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY